


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-327 •BHUBANESWAR •MONDAY •26 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୭ •ଭୁବନେଶ୍ୱର •ସୋମବାର •୨୬ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





ସକାଳ
www.sakalaepaper.com

# ଲାଲୁ ପରିବାରରେ ଝଡ଼

ପାଟନା, ୨୫।୫ (ଏଜେନ୍ସି):

ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି। ଏହି ଝଡ଼ ଅଚାନକ ଆସି ଲାଲୁ ପରିବାରକୁ ଭାଗ ଭାଗ କରିଦେଇଛି। ଶେଷରେ ବାପା ବାଧ୍ୟ ହୋଇ ବଡ଼ ପୁଅ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳ ଏବଂ ପରିବାରରୁ ବିଦା କରି ଦେଇଛନ୍ତି। ପୁଅ ଦାୟିତ୍ୱହୀନ କାମ କରିଛି ବୋଲି କହିଛନ୍ତି। ଫେସ୍‌ବୁକ୍‌ରେ ଲାଲୁ ନିଜେ ଏହି ସୂଚନା ଦେଇ ପୁଅ ନୈତିକ ମୂଲ୍ୟବୋଧ ଏବଂ ସଂସ୍କାରକୁ ଭୁଲି ଯାଇଥିବା ଅଭିଯୋଗ କରିଛନ୍ତି। ପୁଅର ବ୍ୟକ୍ତିଗତ ଜୀବନ ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରୁଛି। ଲୋକଲଜ୍ଜା ଦେଖି ପରିବାରରେ ନୀତି ଆଦର୍ଶରେ ପରିଚାଳିତ ହୋଇ ବିବେକର ସହ ନିଷ୍ପତ୍ତି ନେବାକୁ ଲାଲୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଆଜିଠୁ ଦଳ ଏବଂ ପରିବାରରେ ତେଜପ୍ରତାପଙ୍କ କୌଣସି ଭୂମିକା ରହିବା ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବିହାର ଏବଂ ଦେଶ ରାଜନୀତିରେ ଚର୍ଚ୍ଚାରେ ଥିବା ଏହି ଘଟଣା ପଛରେ ପୁଅ ତେଜପ୍ରତାପଙ୍କ ପ୍ରେମ କାହାଣୀ ରହିଛି। ଏହି ପ୍ରେମ କାହାଣୀ ଲାଲୁ ପରିବାର ପାଇଁ ଅସହ୍ୟ ହୋଇ ପଡ଼ିଛି।



- ବଡ଼ ପୁଅ ତେଜ ପ୍ରତାପ ଦଳରୁ ବହିଷ୍କୃତ
- ପରିବାରରୁ ମଧ୍ୟ ତଡ଼ା ଖାଇଲେ
- ଭାଇରାଲ ହେଉଛି ମହିଳାଙ୍କ ସହ ତେଜଙ୍କ ଫଟୋ

ଦିନକ ତଳେ ଶନିବାର ସନ୍ଧ୍ୟାରେ ତେଜ ପ୍ରତାପଙ୍କ ସହ ଜଣେ ମହିଳା (ଅନୁଷ୍କା ଯାଦବ) ଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ତେଜପ୍ରତାପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅପ୍‌ଲୋଡ କରାଯାଇଥିଲା। ଉଭୟେ ୧୨ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିବା କହିଥିଲେ। ସମସ୍ତେ ସ୍ୱୀକାର କରିବେ ବୋଲି ଆଶା କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସବୁ କିଛି ବଦଳି ଯାଇଥିଲା। ନିଜ ପରିବାର ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ତୀବ୍ର ବିରୋଧ କରିଥିଲା। ଏଥିପାଇଁ ଲାଲୁଙ୍କ ବଡ଼ ତନୟଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ସେ ଆଇଡି ହ୍ୟାକ ହୋଇଯାଇଥିବା ଏବଂ କେହି ଏଡିଟିଂ କରି ଫଟୋ ଅପଲୋଡ୍ କରିଥିବା କହିଥିଲେ। କିନ୍ତୁ ଏହା ପରେ ପରେ ସେହି ମହିଳାଙ୍କ ସହ ତେଜପ୍ରତାପଙ୍କ ୬ଟି ଫଟୋ ଏବଂ ୨ଟି ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ଉଭୟେ 'କରବା ଚୌଥ' ପାଳୁଥିବା ଫଟୋ ମଧ୍ୟ ସାମିଲ ଥିଲା। ତେଜପ୍ରତାପ ଦ୍ୱିତୀୟ ବିବାହ କରି ସାରିଥିବା ଲୋକେ ଅନୁମାନ କରୁଛନ୍ତି। କିନ୍ତୁ ଲାଲୁ ପରିବାରର ଏହି ଝଡ଼କୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରାଚେଲ ଗୋଡିହ୍ନୋଙ୍କ ସହ ସାନ ପୁଅ ତେଜସ୍ୱୀର ପ୍ରେମ ବିବାହ କରାଇଥିବା ଲାଲୁ ଏହି ବିବାହରେ କାହିଁକି ରାଜି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ଯଦି ତେଜପ୍ରତାପ ୧୨ ବର୍ଷ ହେଲା ଭଲ ପାଉଥିଲେ ତେବେ ୨୦୧୮ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦାରୋଗା ରାୟଙ୍କ ନାତୁଣୀ ଐଶ୍ୱର୍ଯ୍ୟା ରାୟଙ୍କୁ ବିବାହ କରିବାକୁ କାହିଁକି ରାଜି ହୋଇଥିଲେ? ଏହା ପଛରେ ପିତା ଏବଂ ପରିବାରର ଚାପ ନ ଥିଲା ତ? ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବାପାଙ୍କ କଥାରେ ପଡ଼ି ତେଜପ୍ରତାପ ଆଉ ବାହା ହୋଇ ନ ଥିଲେ? ଏଥିପାଇଁ ତାଙ୍କ ବିବାହ ତିଷ୍ଠି ପାରି ନ ଥିଲା ତ? ସୂଚନାଯୋଗ୍ୟ ଯେ ଏବେ ଐଶ୍ୱର୍ଯ୍ୟ ଏବଂ ତେଜପ୍ରତାପଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଚାଲିଛି। ଲାଲୁଙ୍କ ବଡ଼ ପୁଅ ମାଡ଼ ମାରି ତ୍ରସ୍ତ ଦେଉଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ। ଏହି ଖବର ଆସିବା ପରେ ଐଶ୍ୱର୍ଯ୍ୟାଙ୍କ ମା ପୁନମ ରାୟ କହିଥିଲେ ଯେ ପୂର୍ବରୁ ଏ ବିଷୟରେ ସେ ଜାଣିଥିଲେ। ସମସ୍ତେ ଏ ବିଷୟରେ ଜାଣିଛନ୍ତି। ଏଥିରେ କିଛି ଲୁଚାଛପା ନାହିଁ। ସେହିପରି ଏହି ପ୍ରସଙ୍ଗକୁ ନେଇ ତେଜସ୍ୱୀ କହିଛନ୍ତି ଯେ ସେ ଏଭଳି ମାମଲାକୁ ବରଦାସ୍ତ କରନ୍ତିନି। ଭାଇଙ୍କ କ୍ଷେତ୍ରରେ ରାଜନୈତିକ ଏବଂ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା ହୋଇଥାଏ। ନିଜ ନିଷ୍ପତ୍ତି ନେବାରେ ସେ ସ୍ୱାଧୀନ।

# ତୁଣ୍ଡରେ ଲଗାମ ପାଇଁ ଅମାନିଆଙ୍କୁ ମୋଦୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏନଡିଏ ନେତାମାନେ ସାଧାରଣରେ ଟିକା ଟିପ୍ପଣୀ ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ ଏବଂ ଅଯଥା କଥା କହି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ବିଶେଷକରି ଅପରେସନ ସିନ୍ଦୂରକୁ ନେଇ ଏନଡିଏର କିଛି ନେତା ଦେଇଥିବା ଟିପ୍ପଣୀ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ସ୍ଥିତିରୁ ବର୍ତ୍ତିବାକୁ ସେ କହିଛନ୍ତି। ଏନଡିଏ ଶାସିତ ରାଜ୍ୟରେ ସୁଶାସନ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବିଷୟକୁ ନେଇ ରବିବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏନଡିଏ ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ



ଅଧ୍ୟକ୍ଷତା କରି ଏହା କହିଛନ୍ତି। ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଥିଲା ବେଳେ ମୋଦୀ ଏ ସମ୍ପର୍କରେ ମଧ୍ୟ ନେତାମାନଙ୍କୁ ସ୍ପଷ୍ଟ କରାଇ ଦେଇଛନ୍ତି। ପାକିସ୍ତାନର ଅନୁରୋଧ ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ମୋଦୀ କହିଛନ୍ତି। କିନ୍ତୁ ଏହି ବିଷୟକୁ ନେଇ କୌଣସି ନେତା ଭୁଲ ତଥ୍ୟ ଦେଇ ଅଯଥା ଟିପ୍ପଣୀ ଦେବା ଉଚିତ ନୁହେଁ। ଏହାଦ୍ୱାରା ଦଳୀୟ ଛବି କ୍ଷୁଣ୍ଣ ହେବା ସହିତ କୌଣସି କାରଣ ନଥାଇ ବିବାଦୀୟ ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କୌଣସି ନେତା ସାଧାରଣରେ ଯେକୌଣସି ପ୍ରସଙ୍ଗରେ ଟିପ୍ପଣୀ ଦିଅନ୍ତୁ ନା କାହିଁକି , ତାଙ୍କ ବକ୍ତବ୍ୟ ଶାଳୀନ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂରକୁ ନେଇ ବହୁ ବିଜେପି ନେତା ଦେଇଥିବା ବୟାନ ନିକଟରେ ବିବାଦ ସୃଷ୍ଟି କରିଥିଲା। ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଜଗଦ୍ଦୀଶ ଦେବଦାଙ୍କ ଭଳି କିଛି ନେତାଙ୍କ ବୟାନ ବିବାଦ ବଢାଇଥିବାରୁ ଏଥିରୁ ନିବୃତ୍ତ ହେବାକୁ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏନଡିଏ ଶାଶିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କିଛି କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ରହିଥିଲେ।

## କାହିଁକି ଛାଡ଼ିଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା

ଲଣ୍ଡନ, ୨୫।୫ (ଏଜେନ୍ସି): ହାଇଦରାବାଦରେ ଜାରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅତିଥିଙ୍କୁ ଖୁସି କରିବା ପାଇଁ ଚାପ ପକାଯାଉଛି। ଅର୍ଥ ଲଗାଣକାରୀଙ୍କ ସହ ସମ୍ପର୍କ ବଢ଼ାଇବାକୁ କୁହାଯାଉଛି। ବେଶ୍ୟା ଭଳି ବ୍ୟବହାର କରାଯାଉଛି। ଆୟୋଜକମାନେ ଅସମ୍ମାନ କରୁଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ଛାଡ଼ି ଚାଲି ଯାଇଥିବା ମିସ୍ ଇଂଲଣ୍ଡ ମିଲା ମାଗି ଇଂଲଣ୍ଡର ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଏଭଳି ଗୁରୁତର ଅଭିଯୋଗ ଲଗାଇଛନ୍ତି। ମିସ୍ ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ବିବୃତ୍ତି ଜାରି କରି ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। ମା'ଙ୍କ ଦେହ ଖରାପ ଥିବା କହି ମିଲା ପ୍ରତିଯୋଗିତା ଛାଡ଼ିଥିବା କହିଛନ୍ତି।



**ଅତିଥିଙ୍କୁ ଖୁସି କରିବାକୁ ପକା ଯାଉଥିଲା ଚାପ**

ଗତ ୭ ତାରିଖରେ ହାଇଦରାବାଦରେ ପହଞ୍ଚି ଥିବା ମିଲା ୧୬ରେ ପ୍ରତିଯୋଗିତା ଛାଡ଼ି ବ୍ରିଟେନ ଫେରି ଯାଇଥିଲେ। ମିସ୍ ୱାର୍ଲ୍ଡରେ ପ୍ରଥମ ଥର ପାଇଁ ଇଂଲଣ୍ଡର ପ୍ରତିନିଧିତ୍ୱ କରୁଥିବା ପ୍ରତିଯୋଗୀ ଅଚାନକ ବଦଳି ଯାଇଥିଲେ। ମିଲାଙ୍କ ସ୍ଥାନରେ ମିସ୍ ଇଂଲଣ୍ଡ ରନର୍ସ ଅପ୍ ସାମିଲ ହୋଇଥିଲେ। ତେବେ ମିଲା ଅଭିଯୋଗ କରିଥିଲେ ଯେ ପ୍ରତିଯୋଗିତାରେ ଅଧିକ ବୟସର ପୁରୁଷଙ୍କ ସହ ସମୟ ବିତାଇବାକୁ, ଭାବ ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସବୁ ପ୍ରତିଯୋଗୀଙ୍କୁ ଦିନ ଯାକ ମେକ୍‌ଅପ୍‌ରେ ରହିବାକୁ ପଡୁଥିଲା। ଜଳଖିଆ କରିବା ସମୟରେ ବି ଗାଉନ ପିନ୍ଧିବାକୁ କୁହାଯାଉଥିଲା। ପ୍ରତି ଟେବୁଲରେ ୬ ଜଣ ଅତିଥି ଏବଂ ୨ ଜଣ ଯୁବତୀଙ୍କୁ ବସା ଯାଉଥିଲା। ଅତିଥିଙ୍କୁ ଖୁସି କରିବାକୁ ଝିଅଙ୍କୁ କୁହାଯାଉଥିଲା। ଏହା ଦେଖି ବହୁତ ଖରାପ ଲାଗିଥିଲା। ଏପରି କରି ତାଙ୍କୁ ବେଶ୍ୟା ଭଳି ଅନୁଭବ ହେଉଥିଲା। ଏଠାରେ ଖରାପ ଲାଗିବା ଭଳି ଆଲୋଚନା ହେଉଥିଲା। ଭାଗ ନେଇଥିବା ୧୦୯ ଯୁବତୀଙ୍କୁ ମାଙ୍କଡ଼ କହି ଗାଳି କରାଯାଇଥିଲା। ମାଙ୍କଡ଼ ଭଳି ବ୍ୟବହାର କରାଯାଉଥିଲା। ତେଣୁ ଏହାକୁ ବରଦାସ୍ତ କରିପାରିଲି ନାହିଁ ବୋଲି ମିଲା କହିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ଚିନ୍ତାରେ ପାକିସ୍ତାନ ସରକାର

## ଅସ୍ତିତ୍ୱ ପାଇଁ ଭାରତ ବିପଦ

ୱାଶିଂଟନ୍,୨୫।୫(ଏଜେନ୍ସି): ଭାରତକୁ ପାକିସ୍ତାନ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସବୁଠୁ ବଡ଼ ବିପଦ ବୋଲି ଚିନ୍ତା କରୁଛି। ଏଥିପାଇଁ ପାକିସ୍ତାନ କ୍ରମାଗତ ଭାବେ ନିଜର ସେନାର ଆଧୁନିକୀକରଣ କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପରମାଣୁ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିଆସୁଛି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଗୁଇନ୍ଦା ଏଜେନ୍ସି ଦ୍ୱାରା ପ୍ରକାଶ କରାଯାଇଥିବା 'ୱାର୍ଲଡ ଥ୍ରେଟ୍ ଆସେସମେଣ୍ଟ ରିପୋର୍ଟ'ରେ କୁହାଯାଇଛି। ପାକିସ୍ତାନର ଅସ୍ତିତ୍ୱ ପାଇଁ ଭାରତ ବିପଦ ହୋଇ ରହିଆସିଛି। ତେଣୁ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ, ପରମାଣୁ କମାଣ୍ଡ ସେଣ୍ଟରର ରକ୍ଷଣାବେକ୍ଷଣ ଏବଂ ସାମୁହିକ ବିଧ୍ୱଂସକାରୀ ଅସ୍ତ୍ର ମହଜୁଦ ରଖିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଚୀନ ଭରସାଯୋଗ୍ୟ ହୋଇଛି। ପାକିସ୍ତାନ ଚୀନ୍ ଠାରୁ ମିଲିଟାରୀ ସହାୟତା ହାସଲ କରିବା ସହିତ ଏଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଚୀନ୍ ସେନା ସହିତ ମିଳିତ ସମରାଭ୍ୟାସ କରିବାକୁ ଗୁରୁତ୍ୱ ଦେଇଛି ବୋଲି କୁହାଯାଇଛି। ଏପରିକି 'ଡବ୍ଲ୍ୟୁଏମଡି (ୱିପନସ୍ ଅଫ୍ ମାସ୍ ଡିଷ୍ଟ୍ରକ୍ସନ) କ୍ରୟ କରିବାକୁ ମଧ୍ୟ ପାକିସ୍ତାନ ଚୀନ୍‌କୁ ଭରସା କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

## 'ଯୁଦ୍ଧ ଲଗାଇ ଅର୍ଥ ଉପାର୍ଜନ କରୁଛି ଆମେରିକା'

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆମେରିକା ଅର୍ଥ ଉପାର୍ଜନ କରିବାକୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇବାକୁ ପଛାଉ ନାହିଁ। ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରଣନୀତି ପ୍ରସ୍ତୁତ କରିବା ସହିତ ଅର୍ଥ ଉପାର୍ଜନ କରୁଛି ବୋଲି ସେ କହିଛନ୍ତି। ଆମେରିକା ବିରୋଧରେ ଖୱାଜା ଆସିଫଙ୍କ ଏଭଳି ରୋଚକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଂଲାଦେଶକୁ ଆମେରିକା ହାତରେ ଟେକିଦେଇଛନ୍ତି ୟୁନୁସ୍ : ହାସିନା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ନେଇ ଏବେ ରାଜନୈତିକ ଦୃଶ୍ୟପଟରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ବାଂଲାଦେଶ ସେନା ମୁଖ୍ୟ ୱାକର ଜମାନ ୟୁନୁସ୍ ବିରୋଧୀ ହୋଇ ପଡ଼ିଥିଲା ବେଳେ ଅନ୍ୟପଟେ ନିର୍ବାଚନ ହେଉ ନଥିବାରୁ ବହୁ ରାଜନୈତିକ ଦଳ ୟୁନୁସ୍ଙ୍କ ଆଭିମୁଖ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ୟୁନୁସ ବାଂଲାଦେଶକୁ ଆମେରିକା ହାତରେ ବିକ୍ରି କରିଦେବାକୁ ଯୋଜନା କରିଛନ୍ତି ବୋଲି ହସିନା କହିଛନ୍ତି। ହସିନା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ,



'ୟୁନୁସ୍ କଠୋରପନ୍ଥୀ ସଂଗଠନଗୁଡିକୁ ହାତ କରି କ୍ଷମତା ଦଖଲ କରିଛନ୍ତି। ଏପରିକି ଯେଉଁସବୁ ସଂଗଠନଗୁଡିକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ସେମାନଙ୍କୁ ହାତ ବାରିସି କରି ୟୁନୁସ୍ ବାଂଲାଦେଶ କ୍ଷମତା ହାସଲ କରିବା ସହିତ ବର୍ତ୍ତମାନ ସେମାନଙ୍କ ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ବିଦେଶୀ ସହାୟତା ମଧ୍ୟ ପାଉଛନ୍ତି। ଯେଉଁ କଠୋରପନ୍ଥୀ ସଂଗଠନ ଠାରୁ ଆମେ ବାଂଲାଦେଶର ଲୋକଙ୍କୁ ସୁରକ୍ଷା ଦେଇ ଆସିଥିଲୁ ୟୁନୁସ୍ ବର୍ତ୍ତମାନ ସେସବୁ ଗୋଷ୍ଠୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ସଂଗଠନର ବହୁ ନେତାଙ୍କୁ ଆମ ସରକାର ଗିରଫ କରିଥିଲା। କିନ୍ତୁ ୟୁନୁସ୍ ସରକାର ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁକ୍ତ କରି ସେମାନଙ୍କୁ ହାତ ବାରିସି କରି ଶାସନ ଚଳାଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଙ୍ଗୀୟ ଜାତିର ମୁକ୍ତି ସଂଗ୍ରାମ ଏବଂ ସମ୍ବିଧାନକୁ ନେଇ ବାଂଲାଦେଶ ବହୁତ କିଛି ହାସଲ କରିଥିଲା। ହେଲେ ସେସବୁକୁ କ୍ଷୁଣ୍ଣ କରାଯାଇ ଏବେ କାର୍ଯ୍ୟ କରାଯାଉଛି। ୟୁନୁସ ଦେଶର ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ବୋଲି ହସିନା କହିଛନ୍ତି।

## କଣ୍ଡୋମ୍ ଲଗାଇ ସୁନା ଚାଲାଣ

ମୁରାଦାବାଦ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶ ମୁରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏନ୍‌କାଉଣ୍ଟର ପରେ ଦୁବାଇରୁ ସୁନା ଚୋରା ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଅପହରଣକାରୀଙ୍କ କବ୍‌ଜାରୁ ମୁକ୍ତ କରି ମୁରାଦାବାଦ ପୁଲିସ ଗିରଫ କରିଛି। ଯଦି ପୁଲିସ ପହଞ୍ଚିବାରେ ସାମାନ୍ୟ ବିଳମ୍ବ କରିଥାଆନ୍ତା ତେବେ ଜାଲ୍ ସୀମାଶୁଳ୍କ ଅଧିକାରୀ ହୋଇ ଆସିଥିବା ଅପହରଣକାରୀ ସୁନା ବାହାର କରିବା ପାଇଁ ଏହି ୬ ଜଣଙ୍କ ପେଟ ଚିରି ଦେଇଥାନ୍ତେ। ପୁଲିସ ୨ ଅପହରଣକାରୀଙ୍କୁ ଗୁଳି କରି ଧରିଥିଲା।

ମୁରାଦାବାଦ ଏସଏସ୍‌ପି ସତପାଲ ଅନ୍ତିଲ କହିଛନ୍ତି ଯେ ୪ ଚୋରା ଚାଲାଣକାରୀଙ୍କ ପେଟ ଏବଂ ଗୁପ୍ତାଙ୍ଗରୁ ୨୯ ଟି ସୁନା କ୍ୟାପସୁଲ ଜବତ କରାଯାଇଛି। ଏମାନେ ଗୁପ୍ତାଙ୍ଗରେ କଣ୍ଡୋମ

**୬ ଜଣଙ୍କୁ ଗିରଫ କଲା ପୁଲିସ**

ଲଗାଇ ସୁନା ଚାଲାଣ କରୁଥିଲେ। ଜବତ ସୁନାର ଓଜନ ପ୍ରାୟ କେଜିଏ ହେବ। ଏହି ଗ୍ୟାଙ୍ଗରେ ସାମିଲ ଅନ୍ୟମାନଙ୍କୁ ମଧ୍ୟ ଟ୍ରେସ କରାଯାଉଛି। ସାଉଦିରୁ ସୁନା ଲୁଚାଇ ଆଣୁଥିବା ଏହି ଗ୍ୟାଙ୍ଗ ଦୀର୍ଘ ଦିନ ହେଲା ରାମପୁରର ଟାଣ୍ଡା ଅଞ୍ଚଳରେ ସକ୍ରିୟ ରହିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଟାଣ୍ଡା ବାଦଲି ଅଞ୍ଚଳର ମହମ୍ମଦ ମୁତଲିବ, ଅଜହରୁଦ୍ଦିନ, ସାନେ ଆଲମ ଏବଂ ଜୁଲଫିକର ଅଲି ଦୁବାଇରୁ ମୁମ୍ବାଇ ବିମାନରେ ଆସିଥିଲେ। ପରେ ଏଠାରୁ ବିମାନରେ ଦିଲ୍ଲୀ ଯାଇଥିଲେ। ସେହିପରି ନାଭେଦ ଏବଂ ଜାହିଦ ଅଲ୍ଲୀ ସିଧା ଦୁବାଇରୁ ଦିଲ୍ଲୀରେ ପହଞ୍ଚି ଥିଲେ। ସମସ୍ତେ ଦିଲ୍ଲୀ ବିମାନବନ୍ଦରରେ ଏକାଠି ହୋଇଥିଲେ। ପୂର୍ବରୁ ଏମାନେ ସୁନା ଚୋରା ଚାଲାଣ କରୁଥିବାର ସୂଚନା କିଛି ଲୋକ ପାଇଥିଲେ। ସେମାନେ ଜାଲ୍ ଶୁଳ୍କ ଅଧିକାରୀ ଭାବେ ଏହି ୬ ଜଣଙ୍କୁ ଧରି ଅପହରଣ କରି ଜଙ୍ଗଲକୁ ନେଇଥିଲେ। ମାତ୍ର ସେଠାରେ ପୁଲିସ ପହଞ୍ଚି ଯାଇଥିଲା।



## ଦିଲ୍ଲୀରେ ପ୍ରବଳ ବର୍ଷା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବଜ୍ରପାତ ସାଧାରଣ ଜନଜୀବନକୁ ଭାରୀ ମାତ୍ରାରେ ପ୍ରଭାବିତ କରିଛି। ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ଦିଲ୍ଲୀ ଏବଂ ଏନସିଆରର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରର

**ଏନ୍‌ସିଆର ସମେତ ବହୁ ଅଞ୍ଚଳ ଜଳମଗ୍ନ**

**ଖସିପଡ଼ିଲା ଆନ୍ତର୍ଜାତିକ ବିମାନ ବନ୍ଦର କାନୋପି**

ଟର୍ମିନାଲ-୧ର ଏକ କାନୋପି( ଟେନସାଇଲ ଫାବ୍ରିକ ଛାତ) ଖସି ପଡ଼ିବାରୁ ବିମାନ ବନ୍ଦର ସେବା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିମାନ ବନ୍ଦର ବାହାରେ ଲାଗିଥିବା କାନୋପିଗୁଡିକରେ ପାଣି ଜମା ହୋଇଯାଇଥିଲା। ଫଳରେ ଗୋଟିଏ କାନୋପି ଖସି ପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବହୁ ବିମାନ ଉଡାଣରେ ବିଳମ୍ବ ଘଟିଛି। ଯାହାକୁ ନେଇ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସିରହିବାକୁ ବାଧ୍ୟ ହୋଇଥିଲେ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀର ପ୍ରବାହ ଶୀଘ୍ର ହେବା ସହିତ ମୌସୁମୀ କେରଳ ଉପକୂଳ ଛୁଇଁବା ପରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ବର୍ତ୍ତମାନ ଏହା ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର କିଛି ଭାଗ ଛୁଇଁସାରିଥିଲା ବେଳେ ଆଉ କିଛି ଘଣ୍ଟା ମଧ୍ୟରେ ମୌସୁମୀ ମୁମ୍ବାଇ ସମେତ ଗୋଆ, କର୍ଣ୍ଣାଟକ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଉ କିଛି ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଥିବାରୁ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ପାର୍ବତ୍ୟପୂର୍ଣ୍ଣ ଜିଲ୍ଲାଗୁଡିକରେ ପ୍ରବଳ ପବନ ସହିତ ଧୂଳିଝଡ଼ ଏବଂ ବର୍ଷା ସମ୍ଭାବନା ଥିବାରୁ ଏଠାରେ ମଧ୍ୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ବିଏଲ୍ଏ ଆକ୍ରମଣରେ ୩୨ ପାକିସ୍ତାନୀ ଯବାନ ନିହତ

କ୍ୱେଟା,୨୫।୫(ଏଜେନ୍ସି): ପାକିସ୍ତାନ ସେନା ଉପରେ ବେଲୁଚିସ୍ତାନ ଲିବରେସନ ଆର୍ମି( ବିଏଲଏ)ର ସାନି ଆକ୍ରମଣ ଘଟଣାରେ ପାକିସ୍ତାନ ସେନାର ୩୨ ଯବାନ ନହିତ ହେବା ସହିତ ୩ ଗାଡି ଧ୍ୱଂସ ହୋଇଯାଇଛି। କରାଚି-କ୍ୱେଟା ଜାତୀୟ ରାଜପଥର ଖୁଜଦାରର ଜିରୋ ପଏଣ୍ଟ ନିକଟରେ ବିଏଲଏ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବହୁ ସଂଖ୍ୟକ ଯବାନଙ୍କୁ ନେଇ ପାକିସ୍ତାନ ସେନାର ଏକ ମୋଟର କେଡ୍ ଯାଉଥିଲା ବେଳେ ଏହି ସମୟରେ ବିଏଲଏ ପକ୍ଷରୁ 'ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ 'ଦ୍ୱାରା ଆକ୍ରମଣ କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଏକ କାର୍ ଏହି ମୋଟରକେଡ୍ ଉପରେ ମାଡ଼ ହେବା ଦ୍ୱାରା ପାକ୍ ସେନାର ୩ ଗାଡିରେ ବିସ୍ଫୋରଣ ଘଟି ସେଗୁଡିକ ଧ୍ୱଂସ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିବା କୁହାଯାଇଛି। ନିକଟରେ ପାକ୍ ସେନା ଜଣେ ବରିଷ୍ଠ ବଲୁଚ ସାମ୍ବାଦିକଙ୍କୁ ହତ୍ୟା କରିଥିଲା। ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଏଲଏ ଲଗାତାର ଭାବେ ପାକ୍ ସେନକୁ ଟାର୍ଗେଟ କରି ଆକ୍ରମଣ ଚଳାଇଛି।

## ୟୁକ୍ରେନ୍ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ


କିଭ୍,୨୫।୫(ଏଜେନ୍ସି): ୟୁକ୍ରେନର କିଭ୍ ସମେତ ଅନ୍ୟ ପ୍ରମୁଖ ସହର ଉପରେ ରୁଷ ଗତକାଲି ଆରମ୍ଭ କରିଥିବା ଆକ୍ରମଣକୁ ଆହୁରି ତୀବ୍ର କରିଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୩୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଯାହାକି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ତିନି ଶିଶୁଙ୍କ ସମେତ ୩୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଥିବା ୟୁକ୍ରେନ ଆଭ୍ୟନ୍ତରୀଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ରୁଷ ଅତ୍ୟନ୍ତ ଅମାନବୀୟ ଭାବେ ୟୁକ୍ରେନର ଜନବସତି ଉପରେ ଯେଭଳି ଆକ୍ରମଣ ଚଳାଇଛି ତାହାକୁ ତୁରନ୍ତ ରୋକାଯିବା ଦରକାର ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା ସତ୍ତ୍ୱେ ରୁଷ ଆକ୍ରମଣ ବନ୍ଦ କରୁନାହିଁ। ତେବେ ଆମେରିକାର ନିରବତା ରୁଷକୁ ଆକ୍ରମଣ ପାଇଁ ଖୋରାକ୍ ଯୋଗାଉଛି ବୋଲି ଜେଲେନ୍‌ସ୍କି କହିଛନ୍ତି।

**୩୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼; ୩୬ ମୃତ**



## ବୁଡ଼ିଯାଇଥିବା ଜାହାଜରୁ ଲିକ୍ ହେଉଛି ପ୍ରଚୁର ତେଲ

ତିରୁଅନନ୍ତପୁରମ୍,୨୫।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତକାଲି ବୁଡିବାକୁ ଆରମ୍ଭ କରିଥିବା ଲାଇବେରିଆ ପଣ୍ୟବାହୀ ଜାହାଜ ରବିବାର ସମ୍ପୂର୍ଣ୍ଣ ବୁଡି ଯାଇଛି। ଏହାଦ୍ୱାରା ଏହି ଜାହାଜରେ ରହିଥିବା କିଛି ବିପଦପୂର୍ଣ୍ଣ କଣ୍ଟେନର ସମେତ ଏଥିରୁ ବିପୁଳ ପରିମାଣରେ ନିର୍ଗତ ହେଉଥିବା ତୈଳ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେରଳ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜାହାଜରେ ରହିଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ।



**KALINGA INSTITUTE OF INDUSTRIAL TECHNOLOGY (KIIT)**
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf — Among Indian Universities Ranked by NIRF, Govt. of India
A++ Grade — Accredited by NAAC
Tier 1 NBA — Re-accredited by NBA All Engineering Programs for 6 Years

# KIITEE 2025
PHASE - 2

APPLY ONLINE
through KIIT Websites
www.kiitee.ac.in / www.kiit.ac.in

Last Date to Apply 4th June 2025 | No Examination Fee (Computer-Based Test)

KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 — World University Rankings
IET Accredited Programme — The Institute of Engineering and Technology

## ACADEMIC PROGRAMMES AVAILABLE

### UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

**B.Tech Programmes**

- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

**UG Programmes in other Disciplines**

- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

### PG (1 year/2 years)/Integrated (5 years) Programmes

- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

## CAMPUS PLACEMENT 2024 HIGHLIGHTS

700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-327 ◆BHUBANESWAR ◆MONDAY ◆26 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ସୋମବାର ◆୨୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଭାଙ୍ଗିବ ଗରିବଙ୍କ ଘର ସ୍ୱପ୍ନ

## ରାଜ୍ୟକୁ 'ଆବାସ' ଅନୁଦାନ ୩୪୮୫ କୋଟି ହ୍ରାସ

■ **ଭୁବନେଶ୍ୱର, ୨୫।୫ (ସମିସ):** ରାଜ୍ୟରେ କେହି ଜଣେ ବି ଲୋକ କଚ୍ଚା ଘରେ ରହିବେ ନାହିଁ ଓ ବର୍ଷକ ମଧ୍ୟରେ ସବୁ କଚ୍ଚାଘର ପକ୍କା କରାଯିବ ବୋଲି ନିର୍ବାଚନ ସମୟରେ ବିଜେପି ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ଲକ୍ଷଲକ୍ଷ ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ; ଫନି ପ୍ରଭାବିତ ଉପକୂଳ ଓଡ଼ିଶାର ହଜାର ହଜାର ପରିବାର ଏବେ ବି ପକ୍କା ଘରପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ସମୟରେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କୁ କରିଥିବା ପ୍ରତାରଣାର ଆଉ ଏକ ଛବି ପଦାକୁ ଆସିଛି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡ଼ବଲ ଅନୁଦାନ ଆଣିବା ପରିବର୍ତ୍ତେ ଡବଲ ପ୍ରତାରଣା ଦେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଗ୍ରାମୀଣ ଓ ସହରାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ପ୍ରତାରିତ ହୋଇଛନ୍ତି। ତତ୍‌କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶା କେନ୍ଦ୍ରରୁ ଯେତିକି ଅନୁଦାନ ପାଇଥିଲା, ଏବେ ବିଜେପି ସରକାର ତାହାର ଏକ ଚତୁର୍ଥାଂଶରୁ କମ୍ ଅନୁଦାନ ଆଣିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷରେ ରାଜ୍ୟ ସରକାର କେବଳ 'ଆବାସ' ଯୋଜନାରେ ୩୪୮୫ କୋଟି ଟଙ୍କା କମ୍ ଅନୁଦାନ ପାଇଛି।

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟର ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଥାଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଅନ୍ତି ଓ ରାଜ୍ୟ ସରକାର ନିଜ ଅଂଶ ପ୍ରଦାନ କରି ଲୋକଙ୍କୁ ଘର ପ୍ରଦାନ କରିଥାଆନ୍ତି। ତତ୍‌କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ▶ପୃଷ୍ଠା-୭

PMAY-G

- ୨୦୨୩-୨୪ରେ ମିଳିଥିଲା ୪୩୧୦ କୋଟି ଟଙ୍କା
- ୨୦୨୪-୨୫ରେ ମିଳିଛି ମାତ୍ର ୮୨୫ କୋଟି ଟଙ୍କା
- ଗରିବଙ୍କ ଘର ପାଇଁ ସରକାରଙ୍କ ପାଖରେ ନାହିଁ ପାଣ୍ଠି

## ବାଲେଶ୍ୱରରେ ଲଜ୍ଜା। ସାତ ଦିନରେ ୨ ଦୁଷ୍କର୍ମ

- ଦୁଷ୍କର୍ମ ପରେ ଜଣେ ନାବାଳିକାଙ୍କୁ ହତ୍ୟା
- ମାନସିକ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ
- ବିବାହିତାଙ୍କୁ ମାଡ଼ ସହ ଦୁଷ୍କର୍ମ ଉଦ୍ୟମ

■ **ବାଲେଶ୍ୱର(ଉତ୍ତର)/ଜଳେଶ୍ୱର ବ୍ଲକ, ୨୫।୫ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥା ହୁଗୁଳିଛି। ବିଭିନ୍ନ ସ୍ଥାନରେ ହତ୍ୟା, ଧର୍ଷଣ, ଚୋରି, ରାହଜାନି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ସପ୍ତାହ ମଧ୍ୟରେ ଭୋଗରାଇ ଏବଂ ଜଳେଶ୍ୱର ଅଞ୍ଚଳରେ ଦୁଇ ନାବାଳିକା ସହ ଜଣେ ବିବାହିତ ମହିଳାଙ୍କ ଦୁଷ୍କର୍ମ ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ଅଞ୍ଚଳରେ ଜନୈକା ମାନସିକ ବିକୃତ ୧୪ ବର୍ଷର ନାବାଳିକା ଗତ ଶୁକ୍ରବାର ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଶ୍ରମିକ ମୃତ

■ **ଯଖପୁରା, ୨୫।୫ (ସମିସ):** ଯାଜପୁର ଜିଲ୍ଲା ଯଖପୁରା ରେଳ ଡିଭିଜନରେ ରେଳ କେବୁଲ ଲାଇନ୍ ବିଛାଉଥିବା ବେଳେ କେନ୍ଦୁଡିପ ଲେବୁଲକ୍ରସିଂ ନିକଟରେ ପଛ ପଟୁ ଟ୍ରେନ ଧକ୍କା ଦେବାରୁ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲ୍ଲା କୁନାରପୁର ଗ୍ରାମରେ। ଦୁଇ ମୃତ ଶ୍ରମିକ ହେଲେ ଲାଲୁ ଦିଗାର (୪୫) ଓ ସାଖର ଦିଗାର (୩୫) ବୋଲି ଜଣାପଡିଛି। ୧୦ରୁ ୧୨ ଜଣ ▶ପୃଷ୍ଠା-୭


# ସାଇକୃପା କଲେଜ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର

## ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ୮ ପରୀକ୍ଷାର୍ଥୀ














CHSE RESULT -2025
1ST DIVISION -109/129
ABOVE 90% - 08Nos.
ABOVE 500 - 27Nos.
ABOVE 80% - 42Nos.






100 Marks in MATH-18, CHEM-11, PHY- 09 | ENG 97 Mark- 3nos

ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ

| Roll No. | Applicant Name | +2 % | 10th % |
|---|---|---|---|
| 350DB004 | SUBHASHREE BISWAL | 95.17 % | 84 % |
| 350DB008 | PRIYANKA PRIYA. BISWAL | 94.17 % | 82.5 % |
| 350DB002 | PADMINI MAHARANA | 92.33 % | 87.5 % |
| 350DB054 | AMRUTANSHU ROUT | 92.17 % | 76 % |
| 350DB005 | AKASH SAHU | 91 % | 84 % |
| 350DB080 | MUKESH OJHA | 91 % | 63.83 % |
| 350DB011 | SHUBHAM HATI | 90.5 % | 81.67 % |
| 350DB016 | ANSHUMAN SAHOO | 90.17 % | 80 % |
| 350DB091 | GYANAMANGALAM | 87.83 % | 71 % |
| 350DB015 | MONALISHA SAHOO | 86.83 % | 72 % |
| 350DB089 | LARENS SAHU | 85.33 % | 71 % |
| 350DB012 | SOUMYADEEP BEHERA | 85.17 % | 73.5 % |
| 350DB120 | JIBANTOSH MUDULI | 85 % | 68.83 % |
| 350DB060 | RUDRA NARAYAN RAJ | 84.67 % | 70.14 % |
| 350DB024 | BIKASH RANA | 84.33 % | 71.12 % |
| 350DB007 | MAHENDRA SAMAL | 83.5 % | 72.72 % |
| 350DB030 | SAGAR BEHERA | 83.33 % | 71.68 % |
| 350DB074 | BARSARANI SAHOO | 83.33 % | 73.84 % |



























NEET, JEE-MAIN
by experts form KOTA

AT.: DHENKANAL / M- 9437799193, 9437027391,8917381641

# ସାବିତ୍ରୀ ଓଷା: ଫଳବଜାର ଓ ପୂଜାସାମଗ୍ରୀ ଦୋକାନରେ ଭିଡ଼

**ତାଳଚେରସଦର, ୨୫।୫(ସମିସ)**



ସାବିତ୍ରୀ ଅମାବାସ୍ୟାରେ ସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା ପାଇଁ କରନ୍ତି ଉପବାସ। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଫଳମୂଳରେ ମା'ଙ୍କର ପୂଜା କରାଯିବ। ସତ୍ୟବାନ୍‌ଙ୍କ ଠାରୁ ସାବିତ୍ରୀ ସମସ୍ତେ ମାର୍କେଟ ମୁହାଁ। ଏଥିନେଇ ଫଳ, ମନୋହରି, ଲୁଗାଦୋକାନ, ପୂଜାସାମଗ୍ରୀ ଦୋକାନଗୁଡ଼ିକରେ ଅସମ୍ଭାଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। କିଏ ନିଜ ପାଇଁ କିଣୁଛି ତ ଆଉ କିଏ ଝିଅ ଝିଆରୀଙ୍କ ପାଇଁ କିଣିବାରେ ଲାଗିପଡିଛନ୍ତି, ଯେଉଁଥିପାଇଁ ଆଜି ବଜାର ସରଗରମ ରହିଛି। ସ୍ତ୍ରୀଙ୍କ ମନ ଯେପରି ଟିକେ ଉଣା ନହୁଏ ସେଥିପାଇଁ ସ୍ୱାମୀମାନେ ବିଶେଷ ଧ୍ୟାନ ଦେଉଛନ୍ତି। ସେମାନଙ୍କର ମନପସନ୍ଦର ଶାଢ଼ି ଓ କସମେଟିକ୍ ସାମଗ୍ରୀ କିଣୁ ଆଣୁଛନ୍ତି। ତାଙ୍କ ସାଙ୍ଗକୁ ଫଳ ଏବଂ ପୂଜାସାମଗ୍ରୀ ସବୁ କିଣି ଆଗୁଆ ଆଣି ଘରେ ରଖୁଛନ୍ତି। ସାବିତ୍ରୀ ପୂଜା ଆଖି ଆଗରେ ରଖି ଫଳ ବେପାରୀଏ ବେଶ ଭଲ ଦି' ପଇସା ରୋଜଗାର କରିବାକୁ ପସରା ଖୋଲାକରି ରଖିଛନ୍ତି। ତାଳଚେର ବଜାରର ଫଳ ସମାଗ୍ରୀ ଦର ଦେଖିଲେ ନଡିଆ ୨୫ରୁ ୩୦, କଦଳୀ ଡ୍ରଜନ ୫୦ରୁ ୮୦, ତରଭୂଜ କେଜି ୪୦, ସେଓ କେଜି ୨୨୦ରୁ ୩୦୦, କମଳା କେଜି ପ୍ରତି ୨୦୦, ଅଙ୍ଗୁର କେଜି ୧୫୦, ଡାଳିମ୍ବ କେଜି ୨୦୦, ସପୁରୀ ଗୋଟା ୪୦ରୁ ୬୦ପଣସ ଗୋଟା ୫୦ରୁ ଏକଶହ, ଲିଚୁ କେଜି ୨୦୦, ବାଇଗଣପଲ୍ଲୀ ଆମ୍ବ କେଜି ୮୦ ଓ ଦେଶୀଆମ୍ବ କେଜି ୩୦, ନାସପାତି ୨୦୦, ପିଜୁଳି ୧୦୦, ସେପଟା ଫଳର ଦାମ କେଜି ପ୍ରତି ୧୫୦, ଖଜୁରୀ ପେଣ୍ଟା ୩୦ ଟଙ୍କା ରହିଛି। ତେବେ ସାବିତ୍ର ବ୍ରତ ଦିନ ଏହି ଫଳର ଦର ଆହୁରି ବଢ଼ିବ ବୋଲି ଫଳ ବ୍ୟବସାୟୀମାନେ କହୁଛନ୍ତି। ତେବେ ଏହି ଫଳ ଦୋକାନ ଗୁଡିକ ଘୋଡାଶାଳ, ବଡବଜାର, ଫାଷ୍ଟଗେଟ୍, ବସଷ୍ଟାଣ୍ଡ, ବାଇପାସ୍ ପୋଲ, ହାଟତୋଟା ରୋଡ୍, ଲିଙ୍ଗରାଜ ରୋଡ, ଶର୍ମାଛକ, ହାଣ୍ଡିଧୂଆଁ ରେଲୱେ ଗେଟ୍, ହାଣ୍ଡିଧୂଆଁ ଛକରେ ବ୍ୟବସାୟୀମାନେ ନିଜର ପସରା ମେଲାଇଛନ୍ତି। ପାଗ ଅନୁକୂଳ ରହିଲେ ବ୍ୟବସାୟ ଭଲ ହେବ ବୋଲି ବ୍ୟବସାୟୀମାନେ ଅଶାବାନ୍ଧି ବସିଛନ୍ତି। ଲୋକଙ୍କ ଚାହିଦା ଦୃଷ୍ଟିରୁ ୧୫-୨୦ କିସମର ଫଳକୁ ବ୍ୟବସାୟ ପାଇଁ ରଖାଯାଇଛି। ଦରଦାମ ଉଚ୍ଚ ଥିଲେ ହେଁ ସାବିତ୍ରୀ ବ୍ରତ ପାଇଁ ଗୃହିଣୀମାନେ ସଙ୍କୋଚ ନକରି କିଣୁଥିବାର ଦେଖାଯାଉଛି। ସେହିପରି ଶାଢ଼ି ଓ ବିଭିନ୍ନ ମନୋହରି ଦୋକାନରେ କିଣାବିକା ଚାଲିଛି। ବିଭିନ୍ନ ସ୍ଥାନରେ ଶଙ୍ଖା, ସିନ୍ଦୂର, ସାଲୁକନା, ନାଲି ଓ କଳାଚୂଡି, ବ୍ରତ, ତୁଳା, କଳାମାଳି, କାଠପାନିଆ, ପାଟଫୁଲି ଆଦି ପୂଜାସାମଗ୍ରୀ ଆଦି ପ୍ୟାକେଟ୍ ଦରିଆରେ ବିକ୍ରି ହେଉଛି। ଏହାକୁ ନେଇ ସକାଳ ସମୟରେ ଭିଡ଼ ଯୋଗୁଁ ଲୋକେ ଅଣାୟତ୍ତ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

## ଉପଖଣ୍ଡସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା



**କିଶୋରନଗର, ୨୫।୫(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆଠମଲ୍ଲିକ ଉପଖଣ୍ଡ ଆନୁକୂଲ୍ୟରେ ଆଠମଲ୍ଲିକ ମହାବିଦ୍ୟାଳୟଠାରେ ଉପଖଣ୍ଡସ୍ତରୀୟ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡର ୨୫ ଉଚ୍ଚ ବିଦ୍ୟାଳୟର ୧୩୩ ଜଣ ଛାତ୍ରଛାତ୍ରୀଙ୍କୁ ଏହି ସମ୍ବର୍ଦ୍ଧନା ମଞ୍ଚରେ ଅଭିନାଶ ଦୁବେ ଓଡ଼ିଆ ଅଧ୍ୟାପକ ସଭାପତିତ୍ୱ କରିଥିଲେ। ଆଠମଲ୍ଲିକ ଉପଖଣ୍ଡର ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଶଶାଙ୍କ ଶେଖର ପ୍ରଧାନ ଏବଂ ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ, ଶିକ୍ଷାବିତ୍ ଦେବରାଜ ନାୟକ, ନନ୍ଦକିଶୋର ମହାଖୁଡ ଓ ନଗର ସମ୍ପାଦକ ଆଠମଲ୍ଲିକ ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ ଯୋଗ ଦେଇଥିଲେ।

## ଗୋଣ୍ଡ ମହାସଭାର ବାର୍ଷିକ ସଭା

**ପାଲଲହଡ଼ା, ୨୫।୫(ସମିସ):** ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ପାଲଲହଡ଼ା ବ୍ଲକର ୪୦ତମ ବାର୍ଷିକ ସଭା ଖାରବେଡା ପଞ୍ଚାୟତ ହାଟସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ବରିଷ୍ଠ ନେତା ତଥା ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାଶ ଏବଂ ମଣ୍ଡଳ ସଭାପତି ଆଶିଷ ସାମଲ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକରେ ଥିବା ସମସ୍ତ ଗୋଣ୍ଡ ମହାସଭାର କାର୍ଯ୍ୟକର୍ତ୍ତା ଏହି ସଭାରେ ଯୋଗ ଦେଇଥିଲେ। ଗୋଣ୍ଡ ମହାସଭାର ସଭାପତି ଅକ୍ଷୟ କୁମାର ନାୟକ, ସମ୍ପାଦକ ହରେକୃଷ୍ଣ ନାୟକ, ଦୁଶାସନ ନାୟକ, ଲିଙ୍ଗରାଜ ନାୟକ, ଶୈଳେନ୍ଦ୍ର ସିଂହ, ସୁରେଶଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




**ଅନୁଗୋଳ, ୨୫।୫ (ସମିସ):** ମର୍କତ ନଗର ବରିଷ୍ଠ ନାଗରିକ କଲ୍ୟାଣ ସମିତି ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଦରୋଗ ପ୍ରଫେସର ଡ. ସତ୍ୟନାରାୟଣ ରାଉତରାଏ, ନିୟୁରୋଲୋଜି ପ୍ରଫେସର ଡ. ଅଶୋକ କୁମାର ମଲ୍ଲିକ, ମେଡିସିନ ପ୍ରଫେସର ଡ. ଧନଞ୍ଜୟ ରାମ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିପି ଲାବ୍‌ରୋଟୋରି ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କର ଇସିଜି, ରକ୍ତଚାପ, ଡାଏବେଟିସ, ଲିପିଡ଼ ପ୍ରୋଫାଇଲ ଆଦି ପରୀକ୍ଷା କରାଯାଇଥିଲା। ବରିଷ୍ଠ ନାଗରିକ କଲ୍ୟାଣ ସମିତି ର ସଭାପତି ପ୍ରଦୀପ କୁମାର ଶତପଥୀ, ସମ୍ପାଦକ ପତିତପାବନା ମହାପାତ୍ର, ଉପଦେଷ୍ଟା ସରୋଜକାନ୍ତ ଚୌଧୁରୀ, ରବୀନ୍ଦ୍ରନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ମିଶ୍ର, ଉପସଭାପତି ଗିରିଜା ଶଙ୍କର ପଟନାୟକ ଏବଂ କାର୍ଯ୍ୟକାରୀ ସମିତିର ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ମିଶ୍ର, ଜୟଶଙ୍କର ମହାରଣା, ନିରୋଦ କୁମାର ମହାନ୍ତି ସ୍ୱାସ୍ଥ୍ୟ ଶିବିରକୁ ସଫଳ କରାଇଥିଲେ। ପ୍ରାୟ ଦେଢ଼ଶହ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ପରିବେଶକୁ ସୁରକ୍ଷା ପାଇଁ ନିଆରା ପ୍ରୟାସ



**ଛେଣ୍ଡିପଦା,୨୫।୫(ସମିସ):** ଖଣି ମୁହଁରେ ଶହଶହ ବର୍ଷର ଲକ୍ଷ ଲକ୍ଷ ଗଛ ବଳି ପଡୁଛି। ସୁସ୍ଥ ପରିବେଶଠାରୁ ଆରମ୍ଭ କରି ପ୍ରଦୂଷଣ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଅନୁଗୁଳ ଜିଲ୍ଲାର ପରିବେଶପ୍ରେମୀ ସମରେଶ ନାଥ ନିଜ ଜନ୍ମ ଦିନରେ ଯୁବ ଗୋଷ୍ଠୀଙ୍କୁ ନେଇ ଲଗାଇଛନ୍ତି ଏକ ହଜାର ଗଛ। ସମରେଶ ପେସାରେ ଜଣେ ଖବରଦାତା ହୋଇଥିବା ବେଳେ ନିଶା ତାଙ୍କର ପରିବେଶ ସୁରକ୍ଷା। ସମାଜକୁ ବାର୍ତ୍ତା ଦେବାପାଇଁ ଅଭିନବ ଉପାୟରେ ପାଳନ କରିଛନ୍ତି ନିଜ ଜନ୍ମଦିନ।

ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗାଁର ଏକ ପରିତ୍ୟକ୍ତ ପଡ଼ିଆରେ ୧୦୦ଟି ଔଷଧୀୟ ଓ ଫଳବୃକ୍ଷ ଆଦି ଲଗାଇଥିବା ବେଳେ ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ସହାୟତାରେ ପ୍ରାୟ ୧ ହଜାର ଗଛ ମିଳିତ ଭାବେ ଲଗାଇବାର ଉଦ୍ୟମ ଆରମ୍ଭ ହୋଇଛି। ଗ୍ରାମବାସୀଙ୍କୁ ମଧ୍ୟ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ସେ ନିଜ ଜନ୍ମଦିନଟିକୁ ଉଦାହରଣ ଦେଇ କହିଛନ୍ତି ଯେ ସମସ୍ତେ ନିଜ ନିଜ ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାନ୍ତୁ। ବାପା ଓ ମାଆଙ୍କ ଜନ୍ମଦିନରେ ମଧ୍ୟ ଗୋଟିଏ ଗଛ ଲଗାଇ ପରିବେଶକୁ ସୁସ୍ଥ ଓ ସୁନ୍ଦର କରି ତୋଳନ୍ତୁ। କାରଣ ଏବେଠାରୁ ଯେଉଁଭଳି ଭାବେ ପରିବେଶ ପ୍ରଦୂଷଣ ହେଲାଣି ଗଛ ଲଗାଇବା ହିଁ ପ୍ରତିକାରର ଏକ ମାତ୍ର ଉପାୟ ବୋଲି ସେ କହିଛନ୍ତି। ସାରା ଭାରତ ବର୍ଷରେ ଅନୁଗୁଳ ଜିଲ୍ଲା ପ୍ରଦୂଷଣ ସହର ଭାବେ ବେଶ ନାଁ କଲାଣି। ଏବେ ବି ଆହୁରି ଖଣି ଖାଦାନ ବଢ଼ିବାରେ ଲାଗିଛି। ଯେଉଁଥିପାଇଁ ଗଛ ଲଗାଇବା ନିହାତି ଆବଶ୍ୟକ। ଏଥିପାଇଁ ସମରେଶ ନିଜ ସହ ନିଜ ଗାଁର ଯୁବ ଗୋଷ୍ଠୀଙ୍କୁ ସାମିଲ କରି ପ୍ରୋତ୍ସାହିତ କରିଥିଲେ। ଯୁବଗୋଷ୍ଠୀ ମଧ୍ୟ ତାଙ୍କର ଏଭଳି ଗଛ ପ୍ରେମରେ ପ୍ରେରଣା ପାଇଁ ନିଜ ନିଜ ଜନ୍ମଦିନରେ ଗଛ ଲଗାଇବାକୁ ସଂକଳ୍ପ କରିଛନ୍ତି। ଏହି ପଡିଆରେ ପ୍ରଥମ ଦିନରେ ୩ ଶହରୁ ଅଧିକ ଗଛ ଲଗାଯାଇଥିବା ବେଳେ ୧ ହଜାର ଗଛ ଲଗାଇବା ପାଇଁ ପ୍ରୟାସ ଜାରି ରହିବ ବୋଲି ଯୁବ ଗୋଷ୍ଠୀ କହିଛନ୍ତି। ଏହି ଉଦ୍ୟମକୁ ସମସ୍ତେ ପାଳନ କଲେ ସୁସ୍ଥ ପରିବେଶ ଗଠନ ହୋଇପାରିବ। କାର୍ଯ୍ୟକ୍ରମରେ ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, ପରିବେଶ କର୍ମୀ ସୌମ୍ୟରଞ୍ଜନ ନାଥ, ଗାଁ ସଭାପତି ମଙ୍ଗରାଜ ସାହୁ, ଦାଶରଥୀ ସାହୁ, ପିମ୍ପଲ ବେହେରା, ଦୟାନିଧି ବେହେରା, ଝଙ୍କନୀ ବେହେରା, ଦୁଷ୍ମନ୍ତ ବେହେରା, ଅର୍ଜୁନ ବେହେରା, ଡିମ୍ପଲ ବେହେରା, ଦିଲୀପ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଓ ଯୁବଗୋଷ୍ଠୀ ଯୋଗ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଖାଉଟି ସଚେତନତା



**ଅନୁଗୋଳ, ୨୫।୫ (ସମିସ):** ସାମାଜିକ ସଂଗଠନ "ସ୍ପନ୍ଦନ' ତରଫରୁ ଏବଂ ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ (ମାପ ଓ ଓଜନ) ବିଭାଗ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ରନ୍ତାଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ବେହେରା ଏହାକୁ ଉଦ୍‌ଘାଟନ କରିବା ସହିତ ଖାଉଟି ସଚେତନତା ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନ, ଅନୁଗୋଳ କଲ୍ୟାଣ ମହାନ୍ତି ଏବଂ ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର କୁମାର ପଟେଲ ଖାଉଟିଙ୍କର ବିଭିନ୍ନ ସମସ୍ୟା, ଏହାର ସମାଧାନ ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜାତୀୟ ଉପଭୋକ୍ତା ନମ୍ବର ୧୯୧୫ ତଥା ନିଶୁଳ୍କ ନମ୍ବର ୧୮୦୦୧୧୪୦୦୦ରେ କୌଣସି ପ୍ରକାର ଖାଉଟି ସମ୍ବନ୍ଧୀୟ ଠକାମିର ଶିକାର ବ୍ୟକ୍ତି ନିଜର ଅଭିଯୋଗ ଜଣାଇବା ଉପରେ ସଚେତନ କରାଇଥିଲେ। ନାଏବ ସରପଞ୍ଚ ସଞ୍ଜୟ ଖିଲାର, ଏମବିକେ ମିଲନ ବେହେରା ମତ ଉପସ୍ଥାପନ କରିଥିଲେ। ବିଭୂପ୍ରସାଦ ଶତପଥୀ ପରିଚାଳନା କରିଥିଲେ। ଏହି ଅବସରରେ ଏମବିକେ, ମିଲନ ବେହେରାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୬୨ ଜଣ ଅଂଶଗ୍ରହଣ କରିଥିଲେ।

## ଘରୁ ବିଷାକ୍ତ ନାଗ ଉଦ୍ଧାର

**ବଇଣ୍ଡା, ୨୫।୫ (ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ନୁନୁକାପଶି ଗ୍ରାମର ନାରାୟଣ ପ୍ରଧାନଙ୍କ ଘରୁ ରବିବାର ଏକ ବିଷାକ୍ତ ନାଗ ସାପକୁ ଉଦ୍ଧାର କରାଯାଇଛି। ବାହାର ଅଞ୍ଚଳରୁ ଏକ ନାଗ ସାପ ନାରାୟଣଙ୍କ ଘର ଭିତରକୁ ପଳାଇ ଆସିଥିଲା। ଏହି ବିଷାକ୍ତ ନାଗ ସାପକୁ ନାରାୟଣଙ୍କ ପରିବାର ଲୋକେ ଦେଖି ଭୟରେ ବାହାରକୁ ପଳାଇ ଆସିଥିଲେ। ଉକ୍ତ ସାପଟି ଘର ଭିତରକୁ ପଶି ଯାଇଥିବା ବେଳେ କିଭଳି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହେବ ସେନେଇ ନାରାୟଣ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ପରେ ସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ହଣ୍ଡପା ବନ ବିଭାଗ ଜରିଆରେ ଛଡା ଯାଇଛି।

## ମଇଁଷି ଗୋଠରେ ହାତୀ ଆକ୍ରମଣ

**ଅନୁଗୋଳ, ୨୫।୫(ସମିସ):** ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବନ୍ତଳା ବନାଞ୍ଚଳ ମଧୁପୁର ଗାଁରେ ଏକ ମଇଁଷି ଗୋଠ ଉପରେ ହାତୀ ଆକ୍ରମଣ କରିଥିଲା। ଫଳରେ ଗୋଟିଏ ମଇଁଷିର ଜୀବନ ଯାଇଥିବା ବେଳେ ୪ଟି ମଇଁଷି ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ମଧୁପୁର ଗାଁ ମୁଣ୍ଡରେ ଥିବା ବଉଳିପୁର କୁଲବସା ନିକଟରେ ବନମାଳି ପ୍ରଧାନଙ୍କ ମଇଁଷି ଗୋଠ ରହିଛି। ଶୁକ୍ରବାର ଭୋର ସାଢ଼େ ୩ଟାରେ ନିକଟ ଜଙ୍ଗଲରୁ ହାତୀ ଆସି ମଇଁଷି ଗୋଠ ଭିତରେ ପଶିବା ସହ ମଇଁଷିଙ୍କୁ ଆକ୍ରମଣ କରିଥିଲା। ଏଥିରେ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ମଇଁଷି ଗୁରୁତର ହୋଇଛନ୍ତି।

## ଅପହୃତ ଢାବା ମାଲିକ ଉଦ୍ଧାର

**ଅନୁଗୋଳ, ୨୫।୫(ସମିସ):** ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାଇଝରଣ ପଞ୍ଚାୟତର ଶିତରାସାହିଠାରେ ଥିବା ଢାବା ମାଲିକଙ୍କୁ ଅପହରଣ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ରାଇଝରଣ ଗ୍ରାମର ଦୀପକ କୁମାର ବାରିକ ବୋଲି ଜଣାପଡିଛି। ବିଳମ୍ବିତ ରାତିରେ ପୁଲିସ ତାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ଉଦ୍ଧାର ପରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଢ଼ାବା ମାଲିକଙ୍କୁ କିଏ ଓ କାହିଁକି ଅପହରଣ କରିଛି ସେନେଇ ଜଣାପଡିନାହିଁ। ଦୁର୍ବୃତ୍ତମାନେ ଏକ ବୋଲେରୋ ଆଉ ଏକ କାରରେ ଆସି ଅପହରଣ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ରଞ୍ଜିତ ବିଶ୍ୱାଳ ପାଲଲହଡ଼ା ପଞ୍ଚାୟତସମିତି ବିଜେଡି ସଭାପତି



**ପାଲଲହଡ଼ା, ୨୫।୫(ସମିସ):** ବିଜେଡି ଅନୁଗୋଳ ଜିଲ୍ଲା ନିର୍ବାଚନ ଅଧିକାରୀ ସରୋଜ କୁମାର ପଟ୍ଟନାୟକ ଅନୁଗୋଳ ଜିଲ୍ଲାର ସମସ୍ତ ପଞ୍ଚାୟତସମିତି ସଭାପତି ଏବଂ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଅନଗୁଳ ଜିଲ୍ଲା ପାଲଲହଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଲଲହଡା ପଞ୍ଚାୟତ ସମିତିର ସଭାପତି ଭାବେ ରଞ୍ଜିତ କୁମାର ବିଶ୍ୱାଳଙ୍କ ନାମ ଘୋଷଣା କରିଛନ୍ତି। ପାଲଲହଡା ପୂର୍ବତନ ବିଧାୟକ ମୁକେଶ ପାଲ ରବିବାର ସମସ୍ତ ନୂତନ ପଞ୍ଚାୟତ ସଭାପତି ଏବଂ ପଞ୍ଚାୟତସମିତି ସଭାପତିଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡନାୟକ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମୁକୁଳା ଟ୍ରାନ୍ସଫର୍ମରରେ ଲାଗିଲା ତାରବାଡ଼



**କିଶୋରନଗର, ୨୫।୫(ସମିସ):** କିଶୋରନଗର ଥାନା ଓ ଆରଆଇ ଅଫିସ ସମ୍ମୁଖରେ ବର୍ଷ ବର୍ଷ ଧରି ବିଦ୍ୟୁତ୍ ଟ୍ରାନସଫର୍ମର ମୁକୁଳା ହୋଇ ପଡ଼ିଥିଲା। ଯାହାକି ଗତକାଲି ରାତିରେ ଏକ ବାଛୁରି ପଶିଯାଇ କୌଣସି ମତେ କରେଣ୍ଟରୁ ମୁକୁଳି ଯାଇଥିଲା। ଏ ବିଷୟରେ ଖବର 'ସକାଳ'ରେ ପ୍ରକାଶ ପାଇଲା ମାତ୍ରେ ସକାଳେ ଅସ୍ଥାୟୀ ତାରବାଡ଼ ଦେଇ ଘେରାଇ ଦିଆଯାଇଛି। ଯାହାଫଳରେ କୈଣସି ଜୀବଜନ୍ତୁ ପଶିପାରିବେ ନାହିଁ।

## ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଦ୍ୱିତୀୟ ପ୍ରାକ୍ ବୈଠକ

**ଛେଣ୍ଡିପଦା,୨୫।୫(ସମିସ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୟ ଜଗନ୍ନାଥ ସେବା ସଂଘ, ଛେଣ୍ଡିପଦା ମଣ୍ଡଳ ତରଫରୁ ଛେଣ୍ଡିପଦାସ୍ଥିତ ଯୋଗ ଶିବିର ପ୍ରକୋଷ୍ଠରେ ଦ୍ୱିତୀୟ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ସଂଘର ବରିଷ୍ଠ ଭକ୍ତ ତଥା ସଂଘର ସଭାପତି ବିପିନି ବିହାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମ୍ପାଦକ ବୁଦ୍ଧଦେବ ପ୍ରଧାନ ପବିତ୍ର ସେବା କାର୍ଯ୍ୟକୁ ପ୍ରସାର ଓ ପ୍ରଚାର ମାଧ୍ୟମରେ ଆଗକୁ ଆଗେଇବା ଏବଂ ଛେଣ୍ଡିପଦା ପଞ୍ଚାୟତ ସମିତିର ପ୍ରତ୍ୟେକ ଗ୍ରାମକୁ ଉକ୍ତ ସେବାକାର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ମତ ବ୍ୟକ୍ତ କରିଥିଲେ। ଯଶୋବନ୍ତ ବେହେରା ପ୍ରତ୍ୟେକ ପଞ୍ଚାୟତକୁ ଯାଇ ସଭାପତି, ସମ୍ପାଦକ ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା ମାଧ୍ୟମରେ ଜଣାଇବାକୁ ଓ ଚଳିତ ରଥଯାତ୍ରାରେ କିପରି ଆହୁରି ଉନ୍ନତ ମାନର ସେବା କାର୍ଯ୍ୟକ୍ରମ ହୋଇପାରିବ ତା'ପାଇଁ ସେ ଅନୁରୋଧ କରିଥିଲେ। ସରପଞ୍ଚ ଅମରେଶ ନାଥ କହିଥିଲେ ଯେ ଗାଡିରେ ମାଇକ୍ ଓ ବ୍ୟାନର ଲଗାଇ ପ୍ରତି ଗଳିକନ୍ଦିରେ ପ୍ରଚାର ଓ ପ୍ରସାର କାଲେ ସେବା ସଙ୍ଘ ଦୃଢ଼ୀଭୂତ ହୋଇପାରିବ। ଭକ୍ତ ବିଦ୍ୟାଧର ସାହୁଙ୍କ ମତାନୁସାରେ ଉକ୍ତ ସେବାକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଓ ସଂଘର ଭକ୍ତକୁ ନେଇ ତିନୋଟି ଦଳ କରି ପ୍ରଚାର କରି ଓ ସଭାସମିତି କରିଲେ ଉଚିତ୍ ହେବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ସତ୍ୟପ୍ରକାଶ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରମୋଦ ଦେହୁରୀ, ମାନସ ସାହୁ, ଅଜୁ ବାବା, ସହଦେବ ମାଝୀ, ପତିତପାବନ ସାହୁ, ପ୍ରକାଶ ସାହୁ, ଜଗନ୍ନାଥ ଭୋଇ, ରୁଷଭ ସାହୁ, ରବିନାରାୟଣ ପ୍ରଧାନ, ଦ୍ୱାରି ପ୍ରଧାନ, ସରକାର ସାହୁ ପ୍ରମୁଖ ୬୦ ଜଣ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହିଛନ୍ତି। ଭକ୍ତ ସୁଜିତ ଗଡ଼ନାୟକ ଧନ୍ୟବାଦ ଦେଲା ପରେ ଅନ୍ନପ୍ରସାଦ ବଣ୍ଟନ ହୋଇଥିଲା।



## ୧୩ତମ ଜିଲ୍ଲାସ୍ତରୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ




**ତାଳଚେରସଦର, ୨୫।୫(ସମିସ):** ତାଳଚେର ବ୍ଲକ ବିକ୍ରମପୁରଭଞ୍ଜମଣ୍ଡପପରିସରରେଚାଲିଥିବା୧୩ତମଅନୁଗୁଳ ଜିଲ୍ଲା କିରୋଗି ଓ ଷଷ୍ଠ ପୁମ୍ପସେ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନୁଗୁଳ ଜିଲ୍ଲା ତାଇକ୍ୱୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତାଳଚେର ତାଇକ୍ୱୋଣ୍ଡୋ ଏକାଡେମୀର ୫୦ ପ୍ରତିଯୋଗୀ, ଦାନିସ୍ ତାଇକ୍ୱୋଣ୍ଡୋ ଏକାଡେମୀର ୧୫ ଜଣ ଓ ଇକୋ ରେଳୱେ ତାଇକ୍ୱୋଣ୍ଡୋ ଏକାଡେମୀର ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିରୋଗି ଓ ପୁମ୍ପସେ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ଜିଲ୍ଲାର ୮୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ତାଇକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କିରୋଗି ପ୍ରତିଯୋଗିତାରେ ତାଳଚେର ତାଇକ୍ୱୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ଦାନିସ୍ ତାଇକ୍ୱୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଥିଲା ବେଳେ ପୁମ୍ପସେ ପ୍ରତିଯୋଗିତାରେ ତାଳଚେର ତାଇକ୍ୱୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ଇକୋ ରେଳୱେ ତାଇକ୍ୱୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ତାଳଚେର ଭାରୀ ଜଳ କାରଖାନାର ବରିଷ୍ଠ ଅଧିକାରୀ ଜୈତୁଲ ହକ୍ ଓ ସମ୍ମାନିତ ଅତିଥି ଏ.କେ.ରଥ, ଓଡିଶା ତାଇକୋଣ୍ଡୋ ଆସୋସିଏନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଅନୁଗୋଳ ଜିଲ୍ଲା ତାଇକ୍ୱୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କୋଚ ସୁଶାନ୍ତ ପ୍ରଧାନ ଓ ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବଉଳକଣି ପଞ୍ଚାୟତରେ ତଥ୍ୟ ମାଗିଲେ ମିଳୁନି

ମହାକାଳପଡ଼ା,୨୫।୫(ସମିସ): ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ମାତ୍ର ପଞ୍ଚାୟତରେ ରେକର୍ଡପତ୍ର ନ ଥିବା ନେଇ ତାଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଫଳରେ ଦୁର୍ନୀତିର ବାସ୍ନା ବାରିଛନ୍ତି ଜନତା। ବଉଳକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ଆର୍ଥିକ ବର୍ଷରେ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ତତ୍କାଳୀନ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ସୂଚନା ଅଧିକାର କର୍ମୀ ତଥା ସମାଜସେବୀ ହରେକୃଷ୍ଣ ପାତ୍ର ସେତେବେଳେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ୨୦୨୧ରେ ହରେକୃଷ୍ଣ ପାତ୍ର ସୂଚନା ଅଧିକାର ଆଇନ ଅନୁଯାୟୀ ବଉଳକଣି ପଞ୍ଚାୟତର ୨୦୧୭ରୁ ୨୦୨୧ ଆର୍ଥିକ ବର୍ଷର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମସ୍ତ ବିବରଣୀ ପ୍ରଦାନ ନିମନ୍ତେ ଆବେଦନ କରିଥିଲେ। ପ୍ରଥମ ଅପିଲରେ କୌଣସି ତଥ୍ୟ ନ ମିଳିବାରୁ ସୂଚନା କମିସନଙ୍କ ନିକଟରେ ଦ୍ୱିତୀୟ ଅପିଲ ପରେ ଗତ ଏପ୍ରିଲ ୨୩ ତାରିଖରେ କମିସନ ଶୁଣାଣି କରି ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ୨୨ ତାରିଖରେ ପଞ୍ଚାୟତ ପିଇଓ ତଥ୍ୟ ପ୍ରଦାନ କଲେ ଯେ, ପଞ୍ଚାୟତ ଅଫିସରେ ଉକ୍ତ ସମୟର କୌଣସି ଫାଇଲ, କ୍ୟାସ ବୁକ, ପାସ ବୁକ ଓ ଅନ୍ୟାନ୍ୟ କୌଣସି ରେକର୍ଡ ଉପଲବ୍ଧ ନାହିଁ। ଯାହା ସମସ୍ତଙ୍କୁ ଚକିତ କରିଛି। ପଞ୍ଚାୟତରୁ ସରକାରୀ ତଥ୍ୟ ଗାଏବ ନେଇ ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର ଉଦବେଗ ପ୍ରକାଶ କରିଛନ୍ତି। ଏ ନେଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଚନ୍ଦ୍ରଶେଖରପୁର-ଭାଟସାହି ରାସ୍ତା

## ଯନ୍ତ୍ରୀଙ୍କ ବାରଣ ସତ୍ତ୍ୱେ ବର୍ଷାରେ ହେଉଛି ଢଳେଇ

ରାଜନଗର,୨୫।୫(ସମିସ):

ରାଜନଗର ବ୍ଲକ୍ କୁରୁଣ୍ଟି ପଞ୍ଚାୟତର ଚନ୍ଦ୍ରଶେଖରପୁର ଗ୍ରାମରେ ପଞ୍ଚାୟତ ସମିତି ପକ୍ଷରୁ ଜିଆଇ ଗ୍ରାଣ୍ଟରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଢଳେଇ ରାସ୍ତା ନିର୍ମାଣ ହେଉଛି। ଗ୍ରାମର ବିଚିତ୍ର ବିଶ୍ୱାଳଙ୍କ ଘରଠାରୁ ଭାଟସାହି ପର୍ଯ୍ୟନ୍ତ ୪୫ ମିଟର ଢଳେଇ ରାସ୍ତା ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିଲା। ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜନ୍ମେଞ୍ଜୟ ବେହେରାଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି। ଆଜି ରବିବାର ଛୁଟି ଦିନରେ ପ୍ରବଳ ବର୍ଷା ଭିତରେ ରାସ୍ତା ଢଳେଇ କରାଯାଉଛି। କଟଅଫ ୱାଲ କରା ନ ଯାଇ ବାଲି ପକାଯାଇ ଏହା ଉପରେ ୨/୩ ଇଞ୍ଚର ମେଟାଲ ଢଳେଇ କରାଯାଉଛି। ପ୍ରବଳ ବର୍ଷାରେ ଏହି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସରକାରୀ ନିୟମ ମୁତାବକ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା ଢଳେଇ କାମ ହେବା କଥା। ରାସ୍ତାର ଦୁଇ ସାଇଡ୍‌ରେ ୧୦ ଇଞ୍ଚ ମୋଟେଇର କଟଅଫ ୱାଲ ନିର୍ମାଣ ହେବ। ରାସ୍ତାରେ ୪ ଇଞ୍ଚ ମୋଟେଇର ଧସା ବାଲି ପଡ଼ିବ। ତା' ଉପରେ ୪ ଇଞ୍ଚର ମେଟାଲ ଢଳେଇ ଓ ପରେ ୪ ଇଞ୍ଚର ଚିପ୍‌ସ ଢଳେଇ ପଡ଼ିବ। ମାତ୍ର ୨/୩ ଇଞ୍ଚର ବାଲି ଓ ୨/୩ ଇଞ୍ଚର ମେଟାଲ ଢଳେଇ କାମ ବର୍ଷାରେ କରାଯାଉଛି। କନିଷ୍ଠ ଯନ୍ତ୍ରୀଙ୍କ ବାରଣ କରିବା ସତ୍ତ୍ୱେ ଓ ତାଙ୍କ ଅନୁପସ୍ଥିତରେ କିପରି କାମ ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେ ଉପସ୍ଥିତ ରହିଲେ ରାସ୍ତା ଢଳେଇ କାମ ହେବା କଥା। ମୋ' ନାମରେ କାମ ହେଉଛି। ପ୍ରବଳ ବର୍ଷା ହେଉଛି, ଆଜି ଛୁଟି, ମୁଁ କାମ କରୁଥିବା ଠିକାଦାର ହିମାଂଶୁଙ୍କୁ ମନା କରିବା ସତ୍ତ୍ୱେ ସେ କାମ କରୁଛନ୍ତି। ବର୍ଷାରେ କାମ ହେଲେ ରାସ୍ତା ରହିବ ନାହିଁ। ଜବରଦସ୍ତି କାମ ହେଉଛି। ବିଲ କରିବୁ ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ଜନ୍ମେଞ୍ଜୟ ବେହେରା କହିଛନ୍ତି। ସରକାରୀ ଅର୍ଥରେ ହେଉଥିବା କାମ କିପରି ଜବରଦସ୍ତି କରାଯାଉଛି ଓ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରୁନି, ତାହାକୁ ନେଇ ପ୍ରଶ୍ନ ଉଠିଛି।




## କବିତା ସଙ୍କଳନ 'ଆକାଶ ସମୁଦ୍ର' ଲୋକାର୍ପିତ



କେନ୍ଦ୍ରାପଡ଼ା,୨୫।୫(ସମିସ): ୩୦ ବର୍ଷରୁ କମ୍ ତରୁଣ ସୃଜନ ଶିଳ୍ପୀଙ୍କୁ ନେଇ ନିଆରା କବିତା ଆସର 'ତାରୁଣ୍ୟ ତରଙ୍ଗ' ଅନୁଷ୍ଠିତ ହୋଇଥିବାବେଳେ କବିତା ସଙ୍କଳନ 'ଆକାଶ ସମୁଦ୍ର' ଲୋକାର୍ପିତ ହୋଇଛି। କଳା, ସଂସ୍କୃତି ଓ ବୌଦ୍ଧିକତା ବିକାଶ ଦିଗରେ କାର୍ଯ୍ୟରତ ଦୁଇ ପ୍ରତିବଦ୍ଧ ଅନୁଷ୍ଠାନ ସିମ୍ଫୋନି ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜ୍ସ (କେମ୍)ର ମିଳିତ ପ୍ରୟାସରେ ସ୍ଥାନୀୟ ମାଧପୁର ପୁନର୍ବାସଠାରେ ଏହି ଭିନ୍ନ ସୃଜନ ଆସର ଆୟୋଜିତ ହୋଇଛି। ଯୁବକବି ଗୋଲାପ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କବିତା ଆସରରେ କବି ସଂଗ୍ରାମ ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ପୂଜାଶ୍ରୀ ସେଠୀ, ଦେବଦତ୍ତ ମିଶ୍ର, ଗାୟତ୍ରୀ ପୃଷ୍ଟି, ସଞ୍ଜୀବ ଜେନା ଓ ମନୋଜ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏ ଅବସରରେ ଯୁବକବି ଦେବଦତ୍ତ ମିଶ୍ରଙ୍କ ଦ୍ୱିତୀୟ କବିତା ସଙ୍କଳନ 'ଆକାଶ ସମୁଦ୍ର' ଲୋକାର୍ପିତ ହୋଇଥିଲା। ନୂତନ ପୁସ୍ତକ ସମ୍ପର୍କରେ ଅଧ୍ୟାପକ ଡ. ଗିରିଜାକାନ୍ତ ଦାସ ନିଜର ସମୀକ୍ଷକ ଦୃଷ୍ଟିକୋଣ ଉପସ୍ଥାପନା କରିଥିଲେ। ସଂକଳନର ବିଭିନ୍ନ କବିତାକୁ ଉପସ୍ଥିତ କବି ଆବୃତ୍ତି କବିତା ପରେ ପରିଶେଷରେ ସିମ୍ଫୋନି ଓ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଦେବଦତ୍ତଙ୍କ ଏହି ନୂତନ ସଂକଳନର କାବ୍ୟିକ ଆବେଦନ ଓ କଳାବକ ଅଭିନବତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସିମ୍ଫୋନିର କୋଷାଧକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ ଓ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସାବିତ୍ରୀ ପାଇଁ ଫଳ ଓ ଲୁଗା ଦୋକାନରେ ଭିଡ଼



ଡେରାବିଶ, ୨୫।୫(ସମିସ): ସୋମବାର ସାବିତ୍ରୀ ବ୍ରତ। ଏଥିପାଇଁ ଲୁଗା ଦୋକାନଠାରୁ ଫଳ ଦୋକାନ ଯାଏ ସବୁଠି ଭିଡ଼। ଲୁଗା ଦୋକାନରେ ମହିଳାମାନେ ଭିଡ଼ ଲଗାଇ ନୂଆ ଲୁଗା କିଣୁଥିବାବେଳେ ଫଳ ଦୋକାନରେ ପୂଜା ପାଇଁ ଲୋକମାନେ ଫଳ କିଣୁଥିବା ଦେଖିବାକୁ ମିଳିଛି। ହିନ୍ଦୁ ନାରୀ ତାଙ୍କ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରି ପାଳନ କରୁଥିବା ଏହି ବ୍ରତରେ ଉପବାସ ରହି ନୂତନ ବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରିଥା'ନ୍ତି। ଗତ ଏକ ସପ୍ତାହ ଧରି ଶାଢ଼ୀ ଦୋକାନ ଓ ଫଳ ଦୋକାନରେ ଭିଡ଼ ଲାଗିରହିଛି। ଖାଉଟିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ବହୁ ଅସ୍ଥାୟୀ ଫଳ ଦୋକାନ ଖୋଲିଥିଲେ ମଧ୍ୟ ଫଳ ଦର କମୁ ନ ଥିବା ବହୁ ଗ୍ରାହକ ପ୍ରକାଶ କରିଛନ୍ତି। ଆମ୍ବ କେଜି ପ୍ରତି ୮୦ ଟଙ୍କା ରହିଥିବାବେଳେ ପିଜୁଳି ୮୦ ଟଙ୍କା, କମଳା ୧୫୦ ଟଙ୍କା, ସେଓ ୨୦୦ ଟଙ୍କା, ଅଙ୍ଗୁର ୧୫୦ ଟଙ୍କା, ଲିଚୁ କୋଳି ୨୦୦ ଟଙ୍କା, ସପୁରି ଗୋଟାକୁ ୧୦୦ ଟଙ୍କା, ପଣସ ଗୋଟାକୁ ୨୦୦ ଟଙ୍କା, କଦଳୀ ଗୋଟାକୁ ୧୦ ଟଙ୍କା ଦରରେ ଗ୍ରାହକ କିଣୁଥିବା ଦେଖିବାକୁ ମିଳିଛି।

### ■ ସମବାୟବିତ୍ ଗୋପୀନାଥ ଦାଶଙ୍କ ଶ୍ରାଦ୍ଧବାର୍ଷିକୀ

## 'ସମବାୟ ଆନ୍ଦୋଳନକୁ ସଶକ୍ତ କରିଥିଲେ ଗୋପୀନାଥ'






ପଟ୍ଟାମୁଣ୍ଡାଇ,୨୫।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସମବାୟ ଆନ୍ଦୋଳନକୁ ସଶକ୍ତ କରିବା ଓ ଚାଷୀ ମୂଲିଆଙ୍କୁ ହକ୍ ପ୍ରଦାନରେ ଦିବଂଗତ ଗୋପୀନାଥ ଦାଶଙ୍କ ଅବଦାନ ଚିରକାଳ ସ୍ମରଣୀୟ ହୋଇରହିବ ବୋଲି ସମବାୟବିତ୍ ଗୋପୀନାଥ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବେଲତଳ ବନ୍ଧପଡାଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରବଚକ ତ୍ରିଜୀବ ଦାଶଙ୍କ ପୌରୋହିତ୍ୟ ଓ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ସନ୍ଥ ସଂରକ୍ଷକ ସ୍ୱାମୀ ଆସୀମନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୌରାଧକ୍ଷ ହେମନ୍ତ ସାହୁ, ହରିହରାନନ୍ଦ ଧ୍ୟାନ ମନ୍ଦିର ପରିଚାଳକ ସାଧୁ ବିଜୟାନନ୍ଦ ଦାସ, କଥାକାର ପ୍ରଦୀପ ନାୟକ, ଗାଳ୍ପିକ ଡ. ନୀଳମଣି ଲେଙ୍କା, ନାଟ୍ୟକାର ଗୋଲକ ମହାରଣା, ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ସମ୍ପାଦକ ରବୀନ୍ଦ୍ର ଦାଶ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ପ୍ରଫେସର ସବ୍ୟସାଚୀ ତ୍ରିପାଠୀ, ଶିକ୍ଷାବିତ ପ୍ରମୋଦ ନାୟକ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଗୀତିକବି ସୁଶାନ୍ତ ପାଣି , ଚିତ୍ରଶିଳ୍ପୀ ରମେଶ ଦେ, ବ୍ରଜବନ୍ଧୁ ଦାଶ, ବଣିକ ସଂଘ ସଭାପତି ଗୋପିନାଥ କର, ସମ୍ପାଦକ ମୋହନ ଦାସ, ଚତୁର୍ଭୁଜ ରାଉଳ, ଇଂ ତପନ ପାତ୍ର, ନାଟ୍ୟକାର ହରେକୃଷ୍ଣ ଦାଶ, କାଉନସିଲର ପ୍ରତିନିଧି ପ୍ରଭାତ ମଲିକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଏ ଅବସରରେ ପ୍ରଦୀପ ନାୟକଙ୍କ ସମ୍ପାଦନାରେ "ସ୍ମୃତି ନୈବେଦ୍ୟ" ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ଦାଶ, ଅଶୋକ ଦାଶ, ଲିଲି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିତ୍ୟକ୍ତ ପାଣି ଟାଙ୍କିରେ ପଡ଼ି ଗାଈ ମୃତ

ପଟ୍ଟାମୁଣ୍ଡାଇ,୨୫।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତୁଳସୀଡ଼ିଆ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଭଗବାନ ସେଠୀଙ୍କ ଗାଈ ଆଜି ସକାଳୁ ଚରିବା ପାଇଁ ଯାଇଥିବାବେଳେ ଏକ ପରିତ୍ୟକ୍ତ ପାଣି ଟାଙ୍କିରେ ପଡ଼ି ମୃତ୍ୟୁବରଣ କରିଛି। ସ୍ଥାନୀୟ ଗ୍ରାମବାସୀ ଗାଈକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗାଈକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଅଳପୁଆ ରାଜସ୍ୱ ନିରୀକ୍ଷକ ଓ ପଶୁ ସମ୍ପଦ ବିଭାଗ କର୍ମଚାରୀ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଗତବର୍ଷ ବିଦ୍ୟୁତ୍ ଆଘାତରେ ଭଗବାନ ସେଠୀଙ୍କ ଅନ୍ୟଏକ ଗାଈ ମୃତ୍ୟୁବରଣ କରିଥିଲା। ସେ ଜଣେ ଗରିବ ଲୋକ ଓ ଗାଈ ପାଳି ପରିବାର ପୋଷଣ କରୁଥିବାରୁ ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ଓଳାଭରରେ ତ୍ରିରଙ୍ଗା ଶୋଭାଯାତ୍ରା

ଓଳାଭର,୨୫।୫(ସମିସ): ପହଲଗାମ ଆକ୍ରମଣର କଡ଼ା ଜବାବ ଦେବାକୁ ଭାରତ ସରକାରଙ୍କ ଅପରେସନ ସିନ୍ଦୂର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତୀୟଙ୍କ ବିଜୟ ହୋଇଛି। ଭାରତ ବର୍ଷର ଏକତା, ଅଖଣ୍ଡତା ସୁଦୃଢ଼ କରିବା ପାଇଁ ରାଜକନିକା ବ୍ଲକ ଓଳାଭରଠାରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା।



ଓଳାଭର ପଞ୍ଚାୟତ ଓ ବଳରାମପୁର ପଞ୍ଚାୟତ, ଓଳାଭର ମାର୍କେଟ ପରିକ୍ରମା କରିବା ପରେ ସାତଘରିଆଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସୁଶାନ୍ତ ନାୟକ, କର୍ଣ୍ଣରାଜ୍ ବାରିକ, ବସନ୍ତ ସାହୁ, ସତ୍ୟପ୍ରକାଶ ଜଗତି, ସନ୍ତୋଷ କର, ନିହାର ରଞ୍ଜନ ସ୍ୱାଇଁ, ଶ୍ରେୟସ ଦାସ, ପ୍ରକାଶ ନାୟକ, ରାଜେନ୍ଦ୍ର ସାମଲ, ସଚିନ ଦାସ, ଜନ୍ ନାୟକ, ନାରାୟଣ ମଲିକ, ଦିବ୍ୟଜ୍ୟୋତି ଜେନା, ଜଗନ୍ନାଥ ସାମଲ ପ୍ରମୁଖଙ୍କ ସହ ସାଧାରଣ ଲୋକ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ।

## ୧୯ ନଂ ୱାର୍ଡରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ





ପଟ୍ଟାମୁଣ୍ଡାଇ,୨୫।୫(ସମିସ): ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ପୌର ପରିଷଦ ଅନ୍ତର୍ଗତ ୧୯ ନଂ ୱାର୍ଡରେ ୧୨୨ତମ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବରିଷ୍ଠ ବିଜେପି ନେତା ଆଡଭୋକେଟ ଭାରତ ଭୂଷଣ ଦାସ, ମନ କି ବାତ ସଂଯୋଜକ ରବୀନ୍ଦ୍ର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ଚନ୍ଦନ ପାତ୍ର, ବୁଥ ସଭାପତି ଅଶୋକ ବେହେରା, କାଉନସିଲର ବିଦ୍ୟାଧର ସେଠୀ, ଆଡଭୋକେଟ ପ୍ରମୋଦ ସାହୁ ସମୀର ପାତ୍ର, ବୀରେନ୍ଦ୍ର ପ୍ରଧାନ, ପାରେଶ୍ୱର ପାତ୍ର, ଶେଷଦେବ ସାହୁ, ରମେଶ ବେହେରା, ଦେବାଶିଷ ମଲିକ, ଅବନୀ ପାତ୍ର, ସୁଶୀଲ ପରିଡା, ଗିରିଜା ଶଙ୍କର ସାମଲ, ଆଡଭୋକେଟ ପ୍ରକାଶ ପାତ୍ର, ମିନତୀ ପାତ୍ର, ପୁଷ୍ପକାନ୍ତି ପାତ୍ର ମଞ୍ଜୁଲତା ପାତ୍ର, ପୁଷ୍ପଲତା ଜେନା, ବେଙ୍ଗଲତା ବେହେରା, ଶ୍ୟାମଳୀ ଦାସ, ବଳରାମ ବେହେରା, ଊର୍ମିଳା ବେହେରା, ବାସନ୍ତୀ ବାରିକ, ଅନ୍ନପୂର୍ଣ୍ଣା ଜେନା, ଶରତ ସେଠୀ, ବସନ୍ତ ଚୌଧୁରୀ ପ୍ରମୁଖ ବହୁ ବିଜେପି ନେତା, କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ।

## ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ



କେନ୍ଦ୍ରାପଡ଼ା,୨୫।୫(ସମିସ): ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଓଡ଼ିଶାର କାଳଜୟୀ ସଙ୍ଗୀତଜ୍ଞ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଜନ ସମ୍ରାଟଙ୍କ ଭଜନରେ ଲୋକେ ବିଭୋର ହୋଇଥିଲେ। ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ସତୀର୍ଥର ସମ୍ପାଦକ କବି ମନ୍ମଥ ବରାଳ ମୁଖ୍ୟଅତିଥି ଓ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ନବନିଯୁକ୍ତ ସଭାପତି ହରିଶ୍ଚନ୍ଦ୍ର ଜେନା ମୁଖ୍ୟବକ୍ତା ଓ କବି ଅମର ପ୍ରସାଦ ରାଉତ, କବି ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭକ୍ତି ସଙ୍ଗୀତ କ୍ଷେତ୍ରରେ ଭଜନ ସମ୍ରାଟଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିମଳ ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ ଭଜନ ସମ୍ରାଟଙ୍କ ଜନପ୍ରିୟ ଭଜନ ସମ୍ପର୍କରେ ଆଲୋକପାତ କରିଥିଲେ। ସୋବଳାରେ ଜନ୍ମିତ ଭିକାରୀ ବଳ ସ୍ଥାନୀୟ ଭଗବାନ ମହାପୁରୁଷଙ୍କ ମଠରୁ ସଙ୍ଗୀତ ଗାୟନ ଆରମ୍ଭ କରି କେମିତି ଭଜନ ସମ୍ରାଟ ହୋଇପାରିଥିଲେ, ସେ ବିଷୟରେ ବିଷଦ ସୂଚନା ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ସମେତ ଚିର ସବୁଜ ଅକ୍ଷୟ ମହାନ୍ତି, ଲୋକ କବି ଭାବଗ୍ରାହୀ ପରିଡ଼ା ଓ କବି ପତ୍ନୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ରୂପାଲି ସୂତାର, ଭାଗ୍ୟଲକ୍ଷ୍ମୀ ପରିଡା, ଅର୍ଚ୍ଚନା ପରିଡା, ନିରୁପମା ଜେନା ଓ ଶୁଭଲକ୍ଷ୍ମୀ ପରିଡ଼ା ଭଜନ ସମ୍ରାଟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ବିଜୟ ପରିଡା, ଶ୍ରୀକାନ୍ତ ପରିଡା, ପ୍ରଭାତ ବେହେରା, ଆଶିଷ ପରିଡା, ଅଙ୍କିତା ପରିଡା, ସ୍ୱର୍ଣ୍ଣକାନ୍ତ ପରିଡା, ରଞ୍ଜନ ବରାଳ, ବିମଳ ପରିଡା ଓ ନିରୁପମା ଜେନା ଭିକାରୀ ବଳଙ୍କ କାଳଜୟୀ ସଙ୍ଗୀତ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଧର ପାତ୍ର ସ୍ମୃତି ସଂସଦର ସାରସ୍ୱତ ସମାରୋହ



ଗୋବିନ୍ଦପୁର, ୨୫।୫(ସମିସ): ଆଳି ବ୍ଲକ ଅନ୍ତର୍ଗତ ଗିରିବନ୍ଧଠାରେ ଶ୍ରୀଧର ପାତ୍ର ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସମାରୋହ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାତ୍ରଙ୍କ ପୁତ୍ର ପ୍ରାକ୍ତନ କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ଧରଣୀଧର ପାତ୍ରଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକ୍ରମରେ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଇଂ ନିଳାଦ୍ରୀ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବ୍ରହ୍ମାନନ୍ଦ ବେହେରା, ପ୍ରାକ୍ତନ ଅନୁନିରୀକ୍ଷକ ନରହରି ପାତ୍ର, ଆଳି ନାଗରିକ ମଞ୍ଚ ସଭାପତି ଶିକ୍ଷକ ଧନେଶ୍ୱର ରାଉତ, କରୁଣାକର ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସଂପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ରହ୍ମାନନ୍ଦ ବେହେରା, ଆନ୍ତର୍ଜାତିକ ଫୁଟବଲ ଖେଳାଳି ସସ୍ମିତା ମଲ୍ଲିକ, ସଂଗୀତା ପାତ୍ର, ସୁପ୍ରଭା ସାମଲ, ଓଡ଼ିଶା ପ୍ରଶାସନିକ ସେବା ଓ ଆଇନ ସେବା ଅଧିକାରୀ ସ୍ୱାଧୀନ ବେହେରା, ବର୍ଷା ସେନାପତି, ସଂଗୀତା ସାମଲ, ରିଚିମିଳନ ପାତ୍ର, ଛାତ୍ରୀ ଶୁଭଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନା ସକାଳର ସମ୍ପାଦକ ଅକ୍ଷୟ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାମଚଣ୍ଡୀଙ୍କ ବଡ଼ପଣ୍ଡାଙ୍କ ଆରୋଗ୍ୟ ପାଇଁ ଦୀପଦାନ

ମହାକାଳପଡ଼ା,୨୫।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତି ପୀଠ ଦରିଆପାରି ମା' ରାମଚଣ୍ଡୀଙ୍କ ଆଦ୍ୟସେବକ ତଥା ବଡ଼ପଣ୍ଡା ପ୍ରମୋଦ ସାମନ୍ତରାୟ (ବାବୁଲି ନନା) ଗତ କିଛିଦିନ ଧରି ମଧୁମେହ ଓ ରକ୍ତଚାପଜନିତ ସମସ୍ୟାରେ ପୀଡିତ ହୋଇ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆରୋଗ୍ୟ କାମନା କରି ରବିବାର ଅପରାହ୍ନରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ସଂଗଠନ ପକ୍ଷରୁ ସମୂହ ଦୀପ ଦାନ କରାଯାଇଛି। ସେନାର ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଦାରିଆରାଣୀ ପୁସ୍ତକ ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ସଂଗ୍ରାମ କେଶରୀ ମହାପାତ୍ର, ସମ୍ରାଟ ଦେବନାଥ, ସୁକାନ୍ତ ଶୁକ୍ଳ, ରମେଶ ଚନ୍ଦ୍ର ଭକ୍ତା, ଚନ୍ଦ୍ରକାନ୍ତ ସାମନ୍ତରାୟ, ସୁଶାନ୍ତ ସାହାଣୀ, ରୋହିତ ସ୍ୱାଇଁ, ବାଦଲ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ବାବୁ ବେରା, ନିତାଇ ମାଇତି, ଗିରିଧାରୀ ସାହୁ, ସୁମନ୍ତ ବିଶ୍ୱାଳ, ଭକ୍ତି ମହାନ୍ତି, ସରୋଜ ସାହୁ, ଜ୍ଞାନ ପରିଡାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



### ମା' ମଙ୍ଗଳା କମିଟି ସଭାପତିଙ୍କୁ ଆକ୍ରମଣ

## ଥାନାର ଦ୍ୱାରସ୍ଥ ହେଲେ ଶତାଧିକ ମହିଳା

ରାଜକନିକା, ୨୫।୫(ସମିସ):


ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦା ପଞ୍ଚାୟତର ବଂଶରୀଆ ଗ୍ରାମକୁ ମଦମୁକ୍ତ ଗାଁ କରିବାକୁ ମହିଳା ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ନିଶା ନିବାରଣ କମିଟି ଗଠନ କରାଯାଇଛି। ଉକ୍ତ ମା' ମଙ୍ଗଳା କମିଟି ସଭାପତିଙ୍କୁ ଆକ୍ରମଣ ଅଭିଯୋଗରେ ଗ୍ରାମର ଶତାଧିକ ମହିଳା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

ମଦ୍ୟପାନ ଯୋଗୁଁ ଦୈନନ୍ଦିନ ଅନେକ ଲୋକଙ୍କ ମୃତ୍ୟୁ ହେଉଛି। ମଦ୍ୟପଙ୍କ ପାଇଁ ପରିବାରରେ ହିଂସା ଦେଖାଯାଉଛି। ଅନେକଙ୍କ ପରିବାର ଭୁଶୁଡ଼ିପଡୁଛି। ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ସରକାରଙ୍କ ଦ୍ୱାରା ପଞ୍ଜିକୃତ ମଦ ଦୋକାନ ବ୍ୟତୀତ ଅନେକ ସ୍ଥାନରେ ବେଆଇନ ମଦ କାରବାର ହେଉଥିବା ଦୃଷ୍ଟିଗୋଚର ହେଉଛି। ନିଶାକୁ ବିରୋଧ କରୁଥିବା ଲୋକ କିମ୍ବା ମହିଳା ବେଳେବେଳେ ଆକ୍ରୋଶର ଶିକାର ହେବା ନଜରକୁ ଆସୁଛି। ଏଭଳି ଏକ ଘଟଣା ଘଟିଛି ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦ ପଞ୍ଚାୟତ ବଂଶରୀଆ ଗ୍ରାମରେ। ଗ୍ରାମରେ ଚୋରାମଦ ବିକ୍ରି, ମଦ୍ୟପାନ କରିବା କିମ୍ବା ମଦପିଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଆଦି ସମସ୍ୟାକୁ ନେଇ ଗ୍ରାମର ମହିଳା ଏକାଠି ହୋଇ ମା' ମଙ୍ଗଳା କମିଟି ନାମରେ ଏକ ନିଶା ନିବାରଣ କମିଟି ଗଠନ କରିଥିଲେ। ଯଦି କେହି ନିୟମକୁ ଅମାନ୍ୟ କରେ, ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ସ୍ଥିର କରାଯାଇଥିଲା। ତେବେ ଉକ୍ତ ଗ୍ରାମର ନଣ୍ଡା ମଲିକ ନାମକ ବ୍ୟକ୍ତି ନିୟମ ଉଲ୍ଲଙ୍ଘନ କରିବା ସହ ମହିଳାଙ୍କୁ ଖରାପ ବ୍ୟବହାର କରିବା ସହ ଧକ୍କା ମାରିବା ଫଳରେ କମିଟି ସଭାପତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ମହିଳାମାନେ ଆଜି ରାଜକନିକା ଥାନାରେ ଏତଲା ଦେଇ ଗାଁ ସମୂହର ନିଷ୍ପତ୍ତିରେ ବାଧକ ସାଜିଥିବା ଅସାମାଜିକ ବ୍ୟକ୍ତି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁଁହ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

## କୃତଘ୍ନ ପଡ଼ୋଶୀ

ବାଂଲାଦେଶର କାମଚଳା ସରକାରର ମୁଖ୍ୟ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ଇସ୍ତଫା ନେଇ ଦୁଇଦିନ ଧରି ଚର୍ଚ୍ଚା ହେବା ପରେ ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି। 'ସାମୟିକ' ଉଲ୍ଲେଖ କରିବା ପଛର ଯୁକ୍ତି ହେଉଛି ଏବେ ବାଂଲାଦେଶ ଯେଉଁଭଳି ପରିବେଶ ଓ ଯେଉଁ ତତ୍ତ୍ୱମାନଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପରେ ପରିଚାଳିତ ହେଉଛି ସେଥିରେ ଘଡ଼ିକେ ଘୋଡ଼ା ଛୁଟିବା ଅସ୍ୱାଭାବିକ ନୁହେଁ। ଇସ୍ତଫା ଦେବା ବିଷୟରେ ୟୁନୁସ୍ ସିଧାସଳଖ ଘୋଷଣା କରି ନଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତି ଓ ଅସ୍ଥିର ପରିବେଶ ଭିତରେ କାମ କରିବା ସମ୍ଭବ ନୁହେଁ ବୋଲି ଛାତ୍ରସଂଗଠନ ନ୍ୟାଶନାଲ୍ ସିଟିଜେନ୍ ପାର୍ଟିକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଏବଂ ତତ୍ପରବର୍ତ୍ତୀ କ୍ୟାବିନେଟ୍ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଏହାପରେ ସେ ଇସ୍ତଫା ଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଥିଲା। ତେବେ ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ଏଭଳି ଚର୍ଚ୍ଚାକୁ କାମଚଳା ସରକାରର ଅନ୍ୟତମ ଉପଦେଷ୍ଟା ୱାହିଦୁଦ୍ଦିନ୍ ମହମ୍ମଦ୍ ଖଣ୍ଡନ କରିବା ସହିତ ୟୁନୁସ୍ କିମ୍ବା ଉପଦେଷ୍ଟାମାନେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସୂଚନା ଭାରତ ପାଇଁ କିଛିଟା ଆଶ୍ୱସ୍ତି ସୃଷ୍ଟି କରିଛି। କାରଣ ଅସ୍ଥିର ପଡ଼ୋଶୀ ସବୁବେଳେ ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ।

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଯେ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ ତାହା ଜଣାପଡୁଛି। ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। କିନ୍ତୁ ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ଏକ ରାଜନୈତିକ ଅସ୍ଥିର ଦେଶର ଶାସନ ଭାର ହାତକୁ ନେଇଥିବା ଏକ ଅସ୍ଥାୟୀ ସରକାରର ଉଦ୍ୟମ ସେଠାକାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରିବାର ପଥ ଉନ୍ମୋଚନ କରିବା ବଦଳରେ ବିଭିନ୍ନ ସମୟରେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରି ନିଜର କୃତଘ୍ନତାର ପରିଚୟ ଦେବାରେ ସୀମିତ ରହିଯାଇଛି।

ୟୁନୁସ୍ ଦାୟିତ୍ୱ ନେବା ପରଠାରୁ ତାଙ୍କ ନିୟନ୍ତ୍ରଣ ଓ ନେତୃତ୍ୱରେ ଶାସନକାର୍ଯ୍ୟ ପରି ଯେ ପରିଚାଳିତ ହେଉ ନାହିଁ ତାହା ବିଭିନ୍ନ ସମୟରେ ସେଠାକାର ନେତା ଓ ଅଧିକାରୀମାନେ ଦେଇଥିବା ମନ୍ତବ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ପିଲାଳିଆମୀ କେବଳ ଯାହା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ମନ୍ତବ୍ୟ ରାଜନୈତିକ ପ୍ରତିହିଂସାର ଏକ ନିରର୍ଥକ ପ୍ରତିଫଳନ କହିବା ଭୁଲ୍ ହେବ ନାହିଁ। ବାଂଲାଦେଶ ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ବିରୋଧ କରିବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ସେଠାକାର କତିପୟ ନେତାଙ୍କ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି, ଯାହାକୁ ଚୀନ୍ ଓ ଆମେରିକା ପରୋକ୍ଷରେ ସମର୍ଥନ ଦେଇଆସୁଛନ୍ତି। ବିଶେଷକରି 'ଅପରେସନ୍ ସିନ୍ଦୂର'ର ଅପାର ସଫଳତା ପରେ ବାଂଲାଦେଶ ମୌଳବାଦୀଙ୍କ ଭାରତ ବିରୋଧୀ ଅସୂୟା ଆହୁରି ଉତ୍କଟ ହୋଇଛି।

ଜନ୍ମଦାତା ଭାରତକୁ ଗୋଇଠା ମାରି ଚୀନ୍ କୋଳରେ ବସିବାକୁ ବାଂଲାଦେଶ ଯଦି ଲାଳାୟିତ ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ତାହାର ପରିଣତି ଯେ ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ, ଶ୍ରୀଲଙ୍କା ପରି ହେବା ନିଶ୍ଚିତ ତାହା ୟୁନୁସ୍‌ଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କୁ ବୁଝାଇବା ଚେଇଁ ଶୋଇଥିବା ବ୍ୟକ୍ତିକୁ ଉଠାଇବା ପ୍ରୟାସ ସମାନ। ଭାରତ ସବୁବେଳେ ନିଜର ପଡ଼ୋଶୀଙ୍କ ଉନ୍ନତି, ସ୍ଥିରତା ଓ ଶାନ୍ତି ପାଇଁ ସ୍ୱତନ୍ତ୍ର 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତି ଆପଣେଇ ଆସିଛି। ଏଥିରେ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଜରିଆରେ ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ହୀନମନ୍ୟତା ବୋଲି କହିବାକୁ ପଡ଼ିବ। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା, ମାଳଦ୍ୱୀପ ପରେ ବାଂଲାଦେଶ ତାହାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ଆମେରିକା ପରି ନିଜର ବଡ଼ଭାଇ ପଣିଆ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ କି ଚୀନ୍ ଭଳି ପ୍ରଭୁତ୍ୱ ବିସ୍ତାର ପାଇଁ ଉଦ୍ୟମ କରିନାହିଁ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ ବି କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ମହତ୍ତର। କିନ୍ତୁ ସେଠାକାର ମୌଳବାଦୀ ନେତାଙ୍କୁ ଏହା ବୁଝାଇବାରେ ୟୁନୁସ୍ ଲଗାତାର ବିଫଳ ହୋଇଛନ୍ତି, ଯାହା ତାଙ୍କର ଇସ୍ତଫା ଦେବା ମାନସିକତାରେ ପ୍ରତିଫଳନ ଘଟିଛି। ଅପରପକ୍ଷରେ ଏହାର ଫାଇଦା ନେବାକୁ ଚୀନ୍ ଏବଂ ଏବେ ପାକିସ୍ତାନ ୟୁନୁସ୍ ସରକାର ପ୍ରତି ବନ୍ଧୁତ୍ୱର ହାତ ବଢ଼ାଉଛନ୍ତି। ୟୁନୁସ୍ ମଧ୍ୟ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ 'ସମର୍ପଣ' ମନୋଭାବରେ ପରିବର୍ତ୍ତନ ନ ହେଉ। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେଉ।

# ଜଳସଙ୍କଟ ଓ ଆଭାସୀ ଜଳବାଣିଜ୍ୟ

**ବିଦ୍ୟାଧର ମହାରଣା**

ଭାରତରେ ବିଶ୍ୱର ମାତ୍ର ୩.୮୩% ମଧୁର ଜଳ ରହିଛି, ଯାହା ୧୪୫ କୋଟି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ସର୍ବନିମ୍ନ ଚାହିଦା ୧୭୦୦ ଘନମିଟର ହୋଇଥିବା ବେଳେ ସମ୍ପ୍ରତି ଭାରତରେ ମୁଣ୍ଡପିଛା ଜଳ ପରିମାଣ ୧୪୮୬ ଘନମିଟର। ତେଣୁ ଦେଶର ପ୍ରାୟ ୬୦ କୋଟି ଲୋକ ଜଳ କଷ୍ଟ ଅନୁଭବ କରୁଛନ୍ତି। ନିତି ଆୟୋଗ ରିପୋର୍ଟ ଅନୁସାରେ ୨୦୩୦ ବେଳକୁ ଆମର ଜଳ ଚାହିଦା ଦୁଇଗୁଣ ହେବ। ତେଣୁ ଏପରି ଜଳସଙ୍କଟର ମୁକାବିଲା କରିବା ପାଇଁ କେତେକ ରଣନୀତି ଆବଶ୍ୟକ। ବିଶେଷକରି ଦେଶର ଜଳସମ୍ପଦ ପରିଚାଳନା ଓ ଖାଦ୍ୟ ନିରାପତ୍ତା ପାଇଁ ଜାତୀୟ ନୀତି ପ୍ରଣୟନ କରିବା ବେଳେ 'ଜଳ ପଦଚିହ୍ନ' ଓ 'ଆଭାସୀ ଜଳ' ବାଣିଜ୍ୟ ବିଷୟରେ ଅନୁଶୀଳନ ଆବଶ୍ୟକ।

'ଆଭାସୀ ଜଳ' ବା 'ଭର୍ଚୁଆଲ ୱାଟର' କହିଲେ ଉତ୍ପାଦନଚକ୍ର ମଧ୍ୟରେ ଉତ୍ପାଦନ ପାଇଁ ବିନିଯୋଗ ହେଉଥିବା ଜଳ ପରିଣାମ ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଶେଷପର୍ଯ୍ୟନ୍ତ ରହୁଥିବା ଜଳକୁ ବୁଝାଯାଏ। ସାଧାରଣତଃ ଶସ୍ୟଗୁଡ଼ିକରେ ୧୫% ଜଳ ରହିଲା ବେଳେ ପନିପରିବାରେ ୮୫% ଓ ଫଳରେ ୭୫% ଜଳ ରହିଯାଏ। 'ଜଳ ପଦଚିହ୍ନ' ହେଉଛି ମୋଟ ବ୍ୟବହୃତ ଜଳ ପରିମାଣ, ଯାହାକୁ ଫସଲ ଜୀବନ କାଳରେ ବ୍ୟବହାର କରେ। ଏହି 'ଜଳ ପଦଚିହ୍ନ' ସବୁଜ, ନୀଳ ଓ ଧୂସର ହୋଇଥାଏ। ସବୁଜ ଜଳ ମାଟି ମଧ୍ୟରେ କିମ୍ବା ଜଙ୍ଗଲ ଗଛଲତା ଭିତରେ ଥାଏ। ନୀଳ ଜଳ ଆମେ ସମୁଦ୍ର, ହ୍ରଦ, ନଦୀ ଓ ବିଭିନ୍ନ ଜଳସ୍ରୋତରେ ଦେଖୁ, ଯାହାକୁ ଆମେ କୃଷି, ଶିଳ୍ପ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁ। ଯେଉଁ ଜଳ ଅପଶିଷ୍ଟ ହୋଇ ଦୂଷିତ ଜଳ ହିସାବରେ ନାଳ ନର୍ଦ୍ଦମାରେ ବହିଯାଏ ତାହାକୁ ଧୂସର ଜଳ କୁହଯାଏ।

ଜଳ ପଦଚିହ୍ନ କୃଷି ପଦ୍ଧତି, ଜଳ ବିନିଯୋଗ ଦକ୍ଷତା, ସ୍ଥାନୀୟ ଜଳବାୟୁ ଉପରେ ନିର୍ଭର କରେ। ଏହାବ୍ୟତୀତ ଆଭାସୀ ବା ଭର୍ଚୁଆଲ ଜଳ ବିଭିନ୍ନ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ବସ୍ତୁରେ ଅଦୃଶ୍ୟ ଆକାରରେ ଥାଏ। ଆମେ ଖାଦ୍ୟ, ବସ୍ତ୍ର, ବିନିର୍ମାଣ ବା ମାନୁଫେକ୍‌ଚରିଂ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ବ୍ୟବହାର କରୁଥିବା ଜଳକୁ ଆଭାସୀ ବା ଭର୍ଚୁଆଲ ଜଳ ଭାବରେ ହିସାବ କରି ପାରିବା। ଆମ ଦେଶରେ ଚାଷ ହେଉଥିବା ଧାନଫସଲ ପାଇଁ ପ୍ରାୟ ୩୧୮୦୦ କୋଟି ଘନମିଟର ଜଳ ବ୍ୟବହାର ହେଉଛି, ଯାହାକି ଦେଶର ମୋଟ ଜଳ ସମ୍ପଦର ୧୬.୬୭ ପ୍ରତିଶତ। ବିଭିନ୍ନ ଦ୍ରବ୍ୟ ରପ୍ତାନୀରେ ବିଦେଶକୁ ପ୍ରାୟ ୩୨୦୦ କୋଟି ଘନମିଟର ଜଳ ରପ୍ତାନୀ ହେବା ସ୍ଥଳେ ଆମଦାନୀ ସାମାନ୍ୟ ହୋଇଥାଏ।

୧୯୯୦ ମସିହାରୁ ଏପରି ଆଭାସୀ ଜଳ ବିଷୟରେ ଆଲୋଚନା କରାଗଲା। ଉଦାହରଣ ସ୍ୱରୂପ, ଗୋଟିଏ ମକା (୫୦୦ ଗ୍ରାମ) ପାଇଁ ୪୫୦ ଲିଟର ପାଣି ଆବଶ୍ୟକ ଥିବା ବେଳେ ୩୦୦ ଗ୍ରାମ ମାଂସ ପାଇଁ ୪୫୦୦ ଲିଟର ପାଣି ଆବଶ୍ୟକ। ଏକ ଟନ୍ ଗହମ ଉତ୍ପାଦନ ପାଇଁ ୧୦୦୦-୧୩୦୦ ଘନମିଟର ଏବଂ ଚାଉଳ ଏକକିଲୋ ଉତ୍ପାଦନ ପାଇଁ ୩୪୦୦ ଲିଟର ଜଳ ଆବଶ୍ୟକ। ଗୋଟିଏ ପିଜା ପ୍ରସ୍ତୁତି ପାଇଁ ୧୨୬୦ ଲିଟର ଜଳ ଆବଶ୍ୟକ ଥିବା ବେଳେ ଗୋଟିଏ କାର୍ପାସ ଟି ଶାର୍ଟ ପାଇଁ ୨୭୦୦ ଲିଟର ପାଣି ବ୍ୟବହାର ହୋଇଥାଏ। ଦେଶ-ଦେଶ ମଧ୍ୟରେ ଯେଉଁ ଖାଦ୍ୟ ଓ ଅନ୍ୟ ଉତ୍ପାଦ ରପ୍ତାନୀ ଓ ଆମଦାନୀ କରାଯାଏ ତାହାକୁ 'ଆଭାସୀ ଜଳ ବାଣିଜ୍ୟ' ବା 'ଭର୍ଚୁଆଲ ୱାଟର ଟ୍ରେଡ୍' କୁହାଯାଏ। ଉଦାହରଣ ସ୍ୱରୂପ ଆମେ କୌଣସି ଦେଶକୁ ଏକ ଟନ୍ ଗହମ ରପ୍ତାନୀ କଲେ ଆମ ଦେଶର ୧୩୦୦ ଘନମିଟର ଆଭାସୀ ଜଳ ରପ୍ତାନୀ ଆକାରରେ ବିଦେଶକୁ ଚାଲିଗଲା। ଅନ୍ୟପକ୍ଷରେ ଆମେ ଯଦି ଏକ ଟନ ଗହମ ଆମଦାନୀ କଲେ ତାହାହେଲେ ଆମେ ୧୩୦୦ ଘନମିଟର ଜଳ ସଞ୍ଚୟ କଲେ। ସୁତରାଂ ଗୋଟିଏ ଦେଶ ଅନ୍ୟ ଏକ ଦେଶରୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଆମଦାନୀ କରିବା ଅର୍ଥ ହେଉଛି ସେହି ଦ୍ରବ୍ୟ ପାଇଁ ଅନ୍ୟ ଦେଶ ଯେଉଁ ଜଳ ବ୍ୟବହାର କରିଛି ତାହା ସିଏ ଆମଦାନୀ କଲେ। ଏହାହିଁ ହେଉଛି ଆଭାସୀ ଜଳ ବାଣିଜ୍ୟ କାରବାର। ଯେଉଁ ଦେଶରେ ଜଳସଂକଟ ଅଧିକ ଥାଏ ସେହି ଦେଶ ଅନ୍ୟ ଦେଶରୁ ଖାଦ୍ୟ ଇତ୍ୟାଦି ଆମଦାନୀ କରିବାକୁ ପସନ୍ଦ କରିବେ। ଜାପାନ ବାହାର ଦେଶର ଖାଦ୍ୟ ଆମଦାନୀ କରି ନିଜ ଦେଶର ଜଳସଞ୍ଚୟ କରୁଛି।

ଏପରି ଆଭାସୀ ଜଳ ବାଣିଜ୍ୟ କାରବାରରେ କେତେକ ଫାଇଦା ମିଳିଥାଏ। ପ୍ରଥମରେ ଦେଶରେ ଜଳସଂକଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହା ଏକ ଉତ୍ତମ ମାର୍ଗ। ଦ୍ୱିତୀୟରେ ଦେଶରେ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅଧିକ ଜଳ ବ୍ୟବହାର କରୁଥିବା ଖାଦ୍ୟ ଯଥା: ଚାଉଳ, ମାଂସ ଇତ୍ୟାଦି ଅନ୍ୟ ଦେଶରୁ ଆମଦାନୀ କଲେ ଖାଦ୍ୟ ନିରାପତ୍ତା ସହଜରେ ହାସଲ ହୋଇ ପାରିବ। ତୃତୀୟରେ ଜଳ ସଙ୍କଟ ପରିଚାଳନା ପାଇଁ କେତେକ ଦେଶ କମ୍ ଜଳ ଆବଶ୍ୟକ କରୁଥିବା ଦ୍ରବ୍ୟ ଉତ୍ପାଦନ କରିବାରେ ପାରଙ୍ଗମ ହେବା ଦ୍ୱାରା ଅର୍ଥନୈତିକ ପ୍ରଗତି ହାସଲ ହୋଇଥାଏ। ବିନିର୍ମାଣ କ୍ଷେତ୍ରରେ ବିଭିନ୍ନ ବସ୍ତୁ ତିଆରି କରାଯାଇ ବିଦେଶକୁ ରପ୍ତାନୀ କରାଯାଏ। ଏହି ଦ୍ରବ୍ୟଗୁଡ଼ିକ ମାଧ୍ୟମରେ ଆଭାସୀ ଜଳ ବିଦେଶକୁ ରପ୍ତାନୀ କରାଯାଏ। ଅନ୍ୟାନ୍ୟ ସେବା କ୍ଷେତ୍ରରେ (ପର୍ଯ୍ୟଟନ ଇତ୍ୟାଦି) ମଧ୍ୟ ବହୁଳ ଭାବରେ ଜଳ ବିନିଯୋଗ ହୁଏ। ପର୍ଯ୍ୟଟକମାନେ ଯେଉଁ ଦ୍ରବ୍ୟ ବ୍ୟବହାର କରନ୍ତି ସେଥିରେ ମଧ୍ୟ ବହୁ ପରିଣାମରେ ଆଭାସୀ ଜଳ ରହିଥାଏ।

ଆଭାସୀ ଜଳ ବାଣିଜ୍ୟରେ ସୀମିତ ଜଳସମ୍ପଦ ଥିବା ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ। ବିଭିନ୍ନ ବସ୍ତୁ ନିର୍ମାଣ ବେଳେ ଯେଉଁ ଜଳ ବ୍ୟବହାର ହୁଏ ତାହା ପରିବେଶ ପ୍ରଦୂଷଣ କରିପାରେ ଏବଂ ଜଳସମ୍ପଦ ହ୍ରାସ କରିପାରେ। ଜଳସଙ୍କଟ ଅଞ୍ଚଳକୁ ପ୍ରଚୁର ଜଳସମ୍ପଦ ଥିବା ଅଞ୍ଚଳରୁ ଅଧିକ ଜଳ ଖର୍ଚ୍ଚ କରୁଥିବା ସମାଗ୍ରୀ ଆମଦାନୀ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବୈଷମ୍ୟ ଦେଖାଯିବା ସ୍ୱାଭାବିକ। ଭାରତ ଆମେରିକା, ସ୍ପେନ୍, ମାଲେସିଆ, ରୁଷିଆ, ଥାଇଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଅନେକ ଦ୍ରବ୍ୟ ରପ୍ତାନୀ କରୁଥିବାରୁ ଆମ ଦେଶରୁ ବହୁ ପରିଣାମରେ ଜଳ ବିଦେଶକୁ ଚାଲିଯାଉଛି।

କହିବା ବାହୁଲ୍ୟ ଯେ ଆଭାସୀ ଜଳ ବାଣିଜ୍ୟ ଏକ ଜଟିଳ ବିଷୟ, ଯାହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହୁଛି। ଦେଶର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଜଳସମ୍ବଳ ପରିଚାଳନା ନିମନ୍ତେ ଏହାକୁ ଏକ ସାଧନ ହିସାବରେ ବ୍ୟବହାର କରାଯାଇ ପାରିବ। ପରିବେଶ ସମସ୍ୟା ଓ ଜଳସଙ୍କଟ ସମାଧାନ ପାଇଁ ଏହାକୁ ସତର୍କତାର ସହିତ ପରିଚାଳନା କରିବା ମଧ୍ୟ ଆବଶ୍ୟକ। ଆଭାସୀ ଜଳ ବାଣିଜ୍ୟ କ୍ଷେତ୍ରରେ କେତେକ ବ୍ୟକ୍ତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଆମେ ସର୍ବଦା ନୂତନ ବସ୍ତ୍ର ପରିଧାନ ନକରି ପୁରୁଣା ବସ୍ତ୍ରକୁ ପରିଷ୍କାର କରି ପିନ୍ଧିପାରିବା। ଏହାଦ୍ୱାରା ବସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ଜଳ ବ୍ୟବହାର ହ୍ରାସ ପାଇବ। ଅଧିକ ଜଳ ଆବଶ୍ୟକ କରୁଥିବା ଖାଦ୍ୟଶସ୍ୟ ବଦଳରେ ଆମେ ଅଧିକ ପନିପରିବା ଖାଇ ପାରିବା। ଘରେ କମ୍ ବିଜୁଳି ଶକ୍ତି ଆବଶ୍ୟକ କରୁଥିବା ଉପକରଣ ବ୍ୟବହାର କରିପାରିବା। କୌଣସି ତରଳ ପଦାର୍ଥକୁ ସାଇତି ରଖିବା ପାଇଁ ନୂଆ ବୋତଲ ପରିବର୍ତ୍ତେ ପୁରୁଣା ବୋତଲ ବ୍ୟବହାର କରି ପାରିବା। ରାସ୍ତାରେ ପରିବହନ ପାଇଁ ଗାଡ଼ି ବଦଳରେ ଯଥାସମ୍ଭବ ସାଇକେଲ କିମ୍ବା ସର୍ବସାଧାରଣ ଗାଡ଼ି ବ୍ୟବହାର କରିପାରିବା। ସୁତରାଂ ଆଭାସୀ ଜଳବାଣିଜ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ।

ଆଭାସୀ ଜଳ ସମସ୍ୟା ସମାଧାନ ପାଇଁ କେତେକ ପଦକ୍ଷେପ ନିଆ ଯାଇପାରେ। ଏଥିପାଇଁ ଜଳ ପରିଚାଳନାରେ ଉନ୍ନତି, ସେଚଜଳର ଦକ୍ଷତା ବୃଦ୍ଧି, ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ପରିବର୍ତ୍ତନ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଥମ ରଣନୀତି ହିସାବରେ ଜଳ ପରିଚାଳନା ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ କୃଷି କ୍ଷେତ୍ରରେ ଜଳ ଅପଚୟ ହ୍ରାସ ଏବଂ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ପ୍ରଣାଳୀ ଅନୁସରଣ ଆବଶ୍ୟକ। ଦ୍ୱିତୀୟ ରଣନୀତି ହିସାବରେ ଜଳ ମହଜୁଦ ଓ ପୁନଃଭରଣା ପାଇଁ ନଦୀରେ ଜଳଭଣ୍ଡାର, ନଦୀ ବନ୍ଧ ଓ ବ୍ୟାରେଜ ନିର୍ମାଣ , ଭୂତଳ ଜଳପତ୍ତନ ବୃଦ୍ଧି ପାଇଁ ପୁନଃଭରଣ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ ପୁନଃବିନିଯୋଗ ଓ ପୁନଃଚକ୍ରିକରଣ ନିମନ୍ତେ ଅପଶିଷ୍ଟ ଜଳକୁ ଉପଚାର କରି ଜଳସେଚନ କିମ୍ବା ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଚତୁର୍ଥତଃ, ଜଳବଣ୍ଟନ ପ୍ରଣାଳୀରେ ଜଳ ଯେପରି ପାଇପ୍ ରୁ ବାହାରି ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପଞ୍ଚମରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ପାଇଁ ଗୋଷ୍ଠୀଭିତ୍ତିକ ଜଳଅମଳ ଓ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। କୃଷିକ୍ଷେତ୍ରରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଇତ୍ୟାଦି ଫସଲ ପରିବର୍ତ୍ତେ ଡାଲି ଫସଲ ଓ ତୈଳବୀଜ ଇତ୍ୟାଦି ଫସଲ ଚାଷକରିବା ଆବଶ୍ୟକ। ଏହା ସହିତ ଜଳବାୟୁ ସହନଶୀଳ କୃଷିପଦ୍ଧତି ହିସାବରେ ଫସଲ ଓ ବିହନ ପରିବର୍ତ୍ତନ, ସଠିକ୍ ପ୍ରଣାଳୀରେ ଜଳସେଚନ, ଜୈବିକକୃଷି, ସମ୍ମିଳିତ ପୋଷକ ଯୋଗାଣ, ଅଙ୍ଗାର ପୃଥକୀକରଣ ପାଇଁ କୃଷି ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ, ନିର୍ମାଣ, ଗୃହ, ଅନୁଷ୍ଠାନ ଇତ୍ୟାଦି ସ୍ଥଳରେ ଜଳସଞ୍ଚୟ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଅତି ଜରୁରୀ। ଏଥିପାଇଁ ଗୋଷ୍ଠୀ ସମ୍ପ୍ରଦାୟକୁ ଶିକ୍ଷା ଓ ସଚେତନତା ଆବଶ୍ୟକ।

**ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦**

# ଭାରତର ଅମୋଘ ବାୟୁ ପ୍ରତିରକ୍ଷା କବଚ

**ନିକୁଞ୍ଜ ବିହାରୀ ସାହୁ**

ଅପରେସନ୍ ସିନ୍ଦୂରର ପ୍ରତିକ୍ରିୟାରେ ପାକିସ୍ତାନ ଭାରତୀୟ ସହର ଓ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର, ରକେଟ ଓ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭାରତର ରୁଷିଆ ନିର୍ମିତ ଏସ୍୪୦୦ ଅମୋଘ ପ୍ରତିରକ୍ଷା ପ୍ରଣାଳୀ ସେସବୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଭାରତର ଧନଜୀବନକୁ ସୁରକ୍ଷିତ ରଖିଥିଲା। ଏହାପରେ ଏସ୍୪୦୦କୁ ନେଇ ଭାରତ ଓ ଭାରତ ବାହାରେ ଅନେକ ଚର୍ଚ୍ଚା ହେଉଛି।

ଏସ୍୪୦୦ ମୁଖ୍ୟତଃ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ଆକାଶମାର୍ଗରେ ଶତ୍ରୁ ପକ୍ଷରୁ ହେଉଥିବା ବାଲଷ୍ଟିକ କିମ୍ବା କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍, ରକେଟ ଓ ଲଢୁଆ ବିମାନ ଆଦି ଜରିଆରେ ହେଉଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥାଏ। ଏହାର ମୂଳ ନାମ ଟ୍ରାୟମ୍ଫ। ଏହାର ବିକାଶ ନିମନ୍ତେ ୧୯୯୧ରେ ତତ୍କାଳୀନ ସୋଭିଏତ ରୁଷ୍ ସରକାର ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ସୋଭିଏତ୍ ସଂଘ ଭାଙ୍ଗିଯିବା ପରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ୧୯୯୩ ମସିହାରେ ରୁଷୀୟ ବାୟୁସେନା ଏହି ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ କରି ୧୯୯୯ ମସିହାରେ ସଫଳତାର ସହିତ ପରୀକ୍ଷଣ କରିଥିଲା ଏବଂ ୨୦୦୭ ମସିହାରେ ବାୟୁସେନାରେ ସାମିଲ୍ କରାଯାଇ ଯୁଦ୍ଧକ୍ଷେତ୍ରରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା। ରୁଷିଆର ଏଲମାଜ୍ ସେଣ୍ଟ୍ରାଲ ଡିଜାଇନ୍ ବ୍ୟୁରୋ ଦ୍ୱାରା ବିକଶିତ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ ବ୍ୟତୀତ ଚୀନ୍, ତୁର୍କୀ, ଆଲଜେରିଆ, ବେଲାରୁଷ ଓ ସିରିୟା ପାଖରେ ରହିଛି। ଏଭଳି ୫ଟି ପ୍ରଣାଳୀ ଯୋଗାଣ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୨୦୧୮ ମସିହାରେ ୪୦,୦୦୦ କୋଟି ଟଙ୍କା ବିନିମୟରେ ଚୁକ୍ତି ହୋଇଥିଲା। ସେଥି ମଧ୍ୟରୁ ୩ଟି ପ୍ରଣାଳୀ ଯୋଗାଣ ହୋଇ ସାରିଥିଲା ବେଳେ ଆଉ ୨ଟିର ଯୋଗାଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ବିଳମ୍ବ ଘଟିଛି।

ଏସ୍. ୪୦୦ ପ୍ରତିରକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏହାର ଗତିଶୀଳତା। ସମଗ୍ର ପ୍ରଣାଳୀ ଏକ ଗତିଶୀଳ ଯାନ ଉପରେ ଅବସ୍ଥାପିତ ହୋଇ ଥିବାରୁ ଏହାକୁ ସହଜରେ ଲକ୍ଷ୍ୟସ୍ଥଳୀ ଅଭିମୁଖେ ପଠାଯାଇପାରିବ। ଏଥିରେ ଖଞ୍ଜା ଥିବା ରାଡାର ଏକସମୟରେ ୬୦୦ କି.ମି. ଦୂରରେ ଥିବା ଏବଂ ୧୭,୦୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିବା ଶତ୍ରୁପକ୍ଷର ଏକାଧିକ ବସ୍ତୁକୁ ଠାବ କରିପାରିବ ଏବଂ ନିର୍ଦ୍ଦେଶ ମିଳିବାର ମାତ୍ର ୫ ରୁ ୧୦ ମିନିଟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ଏକସମୟରେ ଶତ୍ରୁପକ୍ଷର ୧୬୦ ଟି ବାୟୁବାହିତ ବସ୍ତୁକୁ ଠାବ କରିପାରେ। ଏକାସଙ୍ଗରେ ୩୬ଟି ବସ୍ତୁକୁ ଧ୍ୱଂସ କରିବା ପାଇଁ ୭୨ଟି ଅସ୍ତ୍ର ପ୍ରୟୋଗ କରିପାରେ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀର ପ୍ରତିଟି ସ୍କ୍ୱାଡ୍ରନରେ ୬ଟି ଲଞ୍ଚର, ଗୋଟିଏ ରାଡାର, ଗୋଟିଏ କମାଣ୍ଡ କେନ୍ଦ୍ର ଓ ୧୨୮ଟି ଅସ୍ତ୍ର ଥାଏ। ଏହାର ରାଡାର ବ୍ୟବସ୍ଥା ବହୁସ୍ତର ବିଶିଷ୍ଟ ଏବଂ ପ୍ରତ୍ୟେକ ସ୍ତର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅଭିପ୍ରେତ। ପ୍ରଣାଳୀର ନିର୍ଦ୍ଦେଶ ବା କମାଣ୍ଡ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସ୍ୱୟଂଚାଳିତ, ଡିଜିଟାଲ ଭିତ୍ତିକ ଏବଂ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଜାମ୍ ନିରୋଧୀ। ଏହା ପ୍ରଣାଳିର ମସ୍ତିଷ୍କ ସଦୃଶ। ଏହା ପକୃତ ସମୟରେ ରାଡାରରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ପରିଚାଳନା, ଅସ୍ତ୍ର ପ୍ରୟୋଗ ନିମନ୍ତେ ନିର୍ଦ୍ଦେଶ ଜାରି ତଥା ଏକାଧିକ ଲଞ୍ଚର ମଧ୍ୟରେ ସମନ୍ୱୟତା ରକ୍ଷା କରିଥାଏ। ଏହି ବ୍ୟବସ୍ଥା ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହାର କୌଣସି ଗୋଟିଏ ବିଭାଗ କିଛି କାରଣରୁ କାର୍ଯ୍ୟ ନକଲେ ସୁଦ୍ଧା ସମୁଦାୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଅପରିବର୍ତ୍ତିତ ରହିଥାଏ।

ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଅଲଗା ଅଲଗା ମାର୍ଗଦୂରତାର ସମୁଦାୟ ୪ଟି କ୍ଷେପଣାସ୍ତ୍ର ସାମିଲ ଥାଏ। ଏହି କ୍ଷେପଣାସ୍ତ୍ରସବୁ ଆବଶ୍ୟକତା ଅନୁସାରେ ଅର୍ଥାତ ଆକ୍ରମଣକାରୀ ବସ୍ତୁର ଦୂରତା ଓ ଉଚ୍ଚତା ଅନୁସାରେ କାର୍ଯ୍ୟକାରୀ ହୋଇଥା'ନ୍ତି ଏବଂ ସେଗୁଡ଼ିକ ଅତ୍ୟଧିକ ଉଚ୍ଚତାରେ ଦ୍ରୁତ ଧାବମାନ ବାଲଷ୍ଟିକ କ୍ଷେପଣାସ୍ତ୍ରଠାରୁ ଆରମ୍ଭକରି ନିମ୍ନ ଉଚ୍ଚତାରେ ଉଡୁଥିବା କ୍ରୁଜ କ୍ଷେପଣସ୍ତ୍ର କିମ୍ବା ଲୁଚି ଲୁଚି ଆସୁଥିବା ଷ୍ଟିଲଥ ବୋମାବର୍ଷୀ ବିମାନ ସହିତ ନିୟୋଜିତ ହୋଇପାରନ୍ତି। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତି-ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦ କି.ମି. ପର୍ଯ୍ୟନ୍ତ, ମଧ୍ୟମ ଦୂରଗାମୀ ଅସ୍ତ୍ର ର ମାରକସୀମା ୧୨୦ କି.ମି. ପର୍ଯ୍ୟନ୍ତ, ଦୂରଗାମୀ କ୍ଷେପଣାସ୍ତ୍ର ର ମାରକସୀମା ୨୫୦ କି.ମି. ପର୍ଯ୍ୟନ୍ତ ଏବଂ ଅତିଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଏକ ସର୍ବେଲାନ୍ସ ରାଡାର ସ୍ଥାନିତ ଥାଏ, ଯାହା ନିଜର କାର୍ଯ୍ୟକାରୀ କ୍ଷେତ୍ରର ଚତୁଃପାଶ୍ୱର୍ରେ ଏକ ସୁରକ୍ଷା ବଳୟ ନିର୍ଦ୍ଧାରଣ କରିଥାଏ। ଏହି ବଳୟ ମଧ୍ୟରେ ଶତ୍ରୁପକ୍ଷର କୌଣସି ବସ୍ତୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତାହାକୁ ଠାବ କରିଥାଏ ଏବଂ ତାହା ଏହି ସଙ୍କେତକୁ କମାଣ୍ଡ ଗାଡ଼ିକୁ ପ୍ରେରଣ କରିଥାଏ। ସଙ୍କେତ ମିଳିବା ମାତ୍ରେ ଗାଇଡେନ-ରାଡାର ବସ୍ତୁର ଅବସ୍ଥିତି ନିର୍ଭୁଲ ରୂପେ ନିରୂପଣ କରି ନିକଟତମ ଗାଡ଼ିରୁ ପ୍ରତିକ୍ଷେପଣାସ୍ତ୍ର ପ୍ରୟୋଗ ପୂର୍ବକ ଆକ୍ରମଣକାରୀ ବସ୍ତୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଦିଆଯାଏ। ଏଥିରେ ସ୍ଥାନିତ ଏଲ୍-ବ୍ୟାଣ୍ଡରେ କାର୍ଯ୍ୟ କରୁଥିବା ବିଗ୍ ବାର୍ଡ ରାଡାର ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷର ଟାର୍ଗେଟକୁ ଚିହ୍ନଟ କରିପାରେ। ଏସ୍-ବ୍ୟାଣ୍ଡରେ କାମ କରୁଥିବା ଅନ୍ୟ ଏକ ରାଡାରକୁ ଆକ୍ରମଣକାରୀ ବସ୍ତୁର ଉଚ୍ଚତା ନିର୍ଣ୍ଣୟ ତଥା କମ୍ ଉଚ୍ଚତାରେ ଉଡୁଥିବା ବସ୍ତୁକୁ ଟ୍ରାକିଂ କରିବା ପାଇଁ ସକ୍ଷମ। ଏହା ବ୍ୟତୀତ, ପ୍ରଣାଳୀର ଏକ ବିକଳ୍ପ ଭିଏଚ୍ଏଫ୍ ବ୍ୟାଣ୍ଡ ରାଡାର ମଧ୍ୟ ସ୍ଥାନିତ ଥାଏ, ଯାହା ଶତ୍ରୁପକ୍ଷର ଲୁଚି ଲୁଚି ଆସୁଥିବା ଗୁପ୍ତ ବିମାନକୁ ସହଜରେ ଚିହ୍ନଟ କରିପାରେ।

ଏହି ଦୁର୍ଦ୍ଧର୍ଷ ଓ ଅପରାଜେୟ ଏସ୪୦୦ ବ୍ୟବସ୍ଥାକୁ "ସୁଦର୍ଶନ ଚକ୍ର' ବୋଲି ଆଖ୍ୟା ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନଚକ୍ର ଯେପରି ନ୍ୟାୟର ପ୍ରତୀକ, ଏହି ପ୍ରତିରକ୍ଷା ପ୍ରଣାଳୀ ସେହିପରି ଶତ୍ରୁର ଅନ୍ୟାୟ ଆକ୍ରମଣରୁ ଦେଶ ଓ ନାଗରିକଙ୍କୁ ରକ୍ଷା କରି ଧର୍ମ ଓ ସୁଶାସନ ପ୍ରତିଷ୍ଠା ନିମନ୍ତେ ସଦାଚେଷ୍ଟିତ। ସୁତରାଂ ଏହି ପ୍ରତିରକ୍ଷା ପ୍ରଣାଳୀ ଆମ ବାୟୁସେନାର ଏକ ଅଭେଦ୍ୟ ଓ ଅମୋଘ ପ୍ରତିରକ୍ଷା କବଚ।

**ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର**
**ଭୋପାଳ, ମୋ: ୮୦୧୮୭୦୮୮୫୮**

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ଅରଖ

## ପ୍ରକୃତି-ପରିବେଶ

ଆମର ଅତି ପରିଚିତ 'ଅରଖ'ର ଅନ୍ୟ ନାମ ହେଉଛି ମୁକୁଟ ଫୁଲ। ଭାରତ, ଚୀନ୍, କାମ୍ବୋଡିଆ, ଭିଏତନାମ୍, ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ନେପାଳରେ ଏହା ଏକ ସ୍ଥାନୀୟ ଗୁଳ୍ମ ଜାତୀୟ ଉଦ୍ଭିଦ। ୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବଡ଼ ବୁଦାଜାତୀୟ ଉଦ୍ଭିଦ ଶୁଷ୍କ, ପଥୁରିଆ ମାଟିରେ ବଢ଼ିବା ସହିତ ପ୍ରାୟତଃ ମରୁଭୂମି, ରାସ୍ତାକଡ଼ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ। ଫୁଲଗୁଡ଼ିକ ଧଳା କିମ୍ବା ବାଇଗଣି ରଙ୍ଗର। ଏହାକୁ ବୈଜ୍ଞାନିକ ଭାଷାରେ ଗାଇନୋଷ୍ଟେଜିୟମ୍ କୁହାଯାଏ। ଏହାର ଫଳ ଲୋମଶ ବିହନ ସହିତ ଏକ ଯୋଡ଼ା ଫୋଲିକଲ୍, ଯାହା ଶୁଖିଗଲେ ପବନ ଦ୍ୱାରା ବିସ୍ତାରିତ ହୁଏ। ଫୁଲ ଏବଂ ଫଳ ଧରିବା ସମୟ ସାଧାରଣତଃ ନଭେମ୍ବରରୁ ଏପ୍ରିଲ ମାସ।

ଆୟୁର୍ବେଦରେ ଶ୍ୱାସରୋଗ ଜୀବାଣୁ ସଂକ୍ରମଣ, ଲାଲ ଫୁଲା, ଘାଆ, ଯକୃତ ଓ ପ୍ଳୀହା ରୋଗ, ଚର୍ମ ରୋଗ, ଅଜୀର୍ଣ୍ଣ, ରକ୍ତ ସଂଚାଳନରେ ବିଭ୍ରାଟ, ସ୍ନାୟୁରୋଗ, ଜ୍ୱର, ବାନ୍ତି, ହଇଜା. ଡାଡୁଡ଼ି, ଅନ୍ତନାଳୀ ଘାଆ, କୃମି, କୋଷ୍ଠକାଠିନ୍ୟ, କୁଷ୍ଠ ରୋଗ ଆଦି ଚିକିତ୍ସାରେ ଅରଖର ବିଭିନ୍ନ ଅଂଶ ଆବଶ୍ୟକ ଅନୁସାରେ ବ୍ୟବହୃତ ହୁଏ। ଅରଖର କ୍ଷୀର ରସ ଗଣ୍ଠିବାତ ରୋଗ, ମାଂସ ପେଶୀ ଯନ୍ତ୍ରଣା, କର୍କଟ ରୋଗ ଓ ସାପ କାମୁଡ଼ା ଚିକିତ୍ସା ପାଇଁ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ। ଏଥିରେ ଗଚ୍ଛିତ ଥିବା ରାସାୟନିକ ଦ୍ରବ୍ୟ କ୍ୟାଲୋଟ୍ରୋପିନକୁ ଗର୍ଭନିରୋଧକ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଅରଖର ଏକ ପ୍ରଭାବଶାଳୀ କବକନାଶକ ଏବଂ କୀଟନାଶକ ଗୁଣ ରହିଥିବା ବିଷୟରେ ମଧ୍ୟ ସୂଚନା ରହିଛି। ଅରଖ ରସ ଅନେକ ଶସ୍ୟର ଅଙ୍କୁରୀକରଣ ଏବଂ ଚାରା ବର୍ଦ୍ଧକ ଶକ୍ତିକୁ ପ୍ରଭାବିତ କରେ।

ମୂଳତଃ ଅରଖ ଏକ ବିଷାକ୍ତ ଉଦ୍ଭିଦ। ଏଥିରେ ଗଚ୍ଛିତ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକ ହେଉଛି ଉସଚାରିନ, କାଲୋଟକ୍ସିନ୍, କାଲାକ୍ଟିନ୍ ଓ କାଲୋଟ୍ରୋପିନ୍। ଅରଖର ଲାଟେକ୍ସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍, ଫ୍ୟାଟି ଏସିଡ୍ ଓ କ୍ୟାଲସିୟମ୍ ଅକ୍ସାଲେଟ୍ ଥାଏ। ଏହାର ମୂଳରେ କାଲୋଟ୍ରୋପୋନ୍ ମଧ୍ୟ ଥାଏ। ପତ୍ର ଓ କାଣ୍ଡକୁ ସାମାନ୍ୟ ଆଘାତ କିମ୍ବା ଛୁରୀରେ କାଟିଲେ ଘନ କ୍ଷୀର ଭଳି ରସ ବା ଲାଟେକ୍ସ ନିଷ୍କାସନ ହୋଇ ବାହାରିଥାଏ। ଏହି ରସକୁ ତୀର ଦେହରେ ବୋଳି ବିଷ ଭାବରେ ପଶୁ ଶିକାର ପାଇଁ ବ୍ୟବହାର କରାଯାଏ। ମଣିଷ ପାଇଁ ମଧ୍ୟ ଏହା ବିଷାକ୍ତ ଓ ପ୍ରାଣନାଶକ। ଅରଖର ଲାଟେକ୍ସ ଚକ୍ଷୁ ସଂସ୍ପର୍ଶରେ ଆସିଲେ ବ୍ୟକ୍ତି କେରାଟୋକଞ୍ଜଙ୍କଟିଭାଇଟିସ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଏହା ସଂସ୍ପର୍ଶରେ ଆସିବା ଫଳରେ ଚର୍ମ ଲାଲ ପଡ଼ିଯାଏ ଏବଂ ଭେସିକେସନ୍ ବା ପାଣି ଫୋଟକା ସୃଷ୍ଟି କରେ। ତେଣୁ ଶିଶୁମାନଙ୍କୁ ଅରଖ ଗଛ ଠାରୁ ଦୂରେଇ ରଖିବାକୁ ହେବ।

ଜାପାନୀ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ପାଇଁ ବାହକ ଭାବରେ କାର୍ଯ୍ୟ କରୁଥିବା କୁଲେକ୍ସ ମଶା ନିୟନ୍ତ୍ରଣ କରିବା ପାଇଁ ଅରଖ ଦକ୍ଷ ଶକ୍ତି ଗୁଣ ପ୍ରଦର୍ଶନ କରୁଥିବା ପ୍ରମାଣ କରାଯାଇଛି। ଅରଖର କାଣ୍ଡରୁ ଏକ ପ୍ରକାର ଦୀର୍ଘ ସ୍ଥାୟୀ ତନ୍ତୁ ଉତ୍ପାଦନ ହୁଏ, ଯାହା ଦଉଡ଼ି, କାର୍ପେଟ, ମାଛ ଧରିବା ଜାଲ ଏବଂ ସିଲାଇ ସୂତା ପାଇଁ ଉପଯୋଗୀ ଅଟେ। ବିହନ ସହିତ ସଂଲଗ୍ନ ଥିବା ପଶମ ସୂତା ବା ତନ୍ତୁ, ତକିଆ, ଶେଜ ଇତ୍ୟାଦିରେ ଷ୍ଟଫିଂ ଭାବରେ ବ୍ୟବହାର କରାଯାଏ। ଅରଖ ରସ ଏବଂ ଲୁଣର ମିଶ୍ରଣରୁ କିଣ୍ୱନ ପ୍ରକ୍ରିୟାରେ ଉତ୍ପନ୍ନ ଉପାଦାନ ଛେଳି ଓ ମେଣ୍ଢା ଚମଡ଼ାରୁ କେଶ ବାହାର କରି ସେମାନଙ୍କ ଚମଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଏ, ଯାହା ଶସ୍ତା ବହି ବାଇଣ୍ଡିଂ ପାଇଁ ବହୁଳ ବ୍ୟବହୃତ ହୁଏ। ଅରଖ ଇକୋସିଷ୍ଟମ ବା ପ୍ରାକୃତିକ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପ୍ରଜାପତି ଏବଂ ପରାଗକ ପାଇଁ ଏକ ମୂଳ ଉଦ୍ଭିଦ। ଜଳବାୟୁର ଯେ କୌଣସି ପରିସ୍ଥିତିରେ ଏହା ବଞ୍ଚିପାରେ।

ଭାରତରେ ମରାଠା ସଂସ୍କୃତି ଦ୍ୱାରା ଟୋଟେମ୍ ବା ପ୍ରତୀକ ଭାବରେ ବ୍ୟବହୃତ ପାଞ୍ଚଟି ଭିନ୍ନ ପତ୍ରର ଏକ ରୀତିଗତ ସଂଗ୍ରହ। ଶିବ ପୁରାଣ ଅନୁସାରେ, ଅରଖ ଫୁଲ ଭଗବାନ ଶିବଙ୍କର ବହୁତ ପସନ୍ଦର ଫୁଲ। ଅରଖ ମଧ୍ୟ ନଅଟି ଜ୍ୟୋତିଷ ଗଛ (ନବଗ୍ରହ ଗଛ)ର ଏକ ପ୍ରମୁଖ ଅଂଶ। ଅରଖ ଫୁଲକୁ ଉତ୍ତର-ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ହାୱାଇର ରାଣୀ ଲିଲିଉକଲାନି ପସନ୍ଦ କରିଥିଲେ, ଯିଏ ଏଗୁଡ଼ିକୁ ରାଜକୀୟତାର ପ୍ରତୀକ ବୋଲି ବିବେଚନା କରୁଥିଲେ ଏବଂ ସେଗୁଡ଼ିକୁ ମାଳା କରି ବାନ୍ଧି ବେକରେ ପିନ୍ଧୁଥିଲେ। କାମ୍ବୋଡିଆରେ ଏଗୁଡ଼ିକୁ କଳସ କିମ୍ବା ଅନ୍ତିମ ସଂସ୍କାରରେ ବ୍ୟବହାର କରାଯାଏ। ଇଣ୍ଡୋନେସିଆରେ ଏହାର ଫୁଲକୁ ୱିଦୁରି କୁହାଯାଏ।

**ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦**

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ,୨୫।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ରବିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏଁ ଚକ ବାକି ଅଛି। ମହାରଣା ସେବକମାନେ ବଳକା ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସୋମବାର ଭୋଇ ସେବକମାନେ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣା ସମ୍ପନ୍ନ କରିଛନ୍ତି। ଏହି ଚଉତା କାଠଗୁଡ଼ିକରେ ୫ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ୪ଟି ଯୋକା ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ଏହି ୧୮ ଫୁଟିଆ ଯୋକା ପ୍ରତ୍ୟେକ ରଥର ଅଖ, କୁଡୁକା, ଗୟଳ ଏବଂ ନିରାଡିକୁ ମଜଭୁତ୍ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ସେହିପରି ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡ଼ିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ରୂପକାରମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ ଓ ଅଲଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡ଼ିଆ ଅଗ ପାତେଳି କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି।

# ମୌସୁମୀ ଆସିଲା; ଚାଷୀଙ୍କୁ ମିଳିଲାନି ବିହନ



■ ନିଗମରେ ଅଛି; ପାକ୍ସରେ ପହଞ୍ଚୁନି
■ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଧିକାରୀ, ଚାଷୀଙ୍କୁ ପଚାରେ କିଏ?

ଭୁବନେଶ୍ୱର,୨୫।୫(ସମିସ): ଏଥର ସଅଳ ଆସିଛି ମୌସୁମୀ। ରାଜ୍ୟବ୍ୟାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଆଉ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଚାଷୀ। ଜମିକୁ ହଳ କରି ଚାଷ ପାଇଁ ପ୍ରସ୍ତୁତ କରିସାରିଲାଣି। ହେଲେ ରାଜ୍ୟବ୍ୟାପୀ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ବିହନ ଠିକ୍ ଭାବେ ମିଳୁନି। ପ୍ରାୟ ଅଧା ଚାଷୀଙ୍କ ପାଖରେ ବିହନ ପହଞ୍ଚି ନ ଥିଲାବେଳେ ସାର ବି ଏପର୍ଯ୍ୟନ୍ତ ଆସିନି। ଫଳରେ ଆରମ୍ଭରୁ ଚିନ୍ତାରେ ପଡ଼ିଲାଣି ଚାଷୀ। ଏପେଟ କୃଷି ଅଧିକାରୀ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ବ୍ୟସ୍ତ ଥିବାବେଳେ ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଦେଶ ଗସ୍ତରେ ବୁଲୁଛନ୍ତି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶରେ ଅଧିକାଂଶ ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଧାରୁ ଅଧିକ ଜମିକୁ ଜଳସେଚିତ ସୁବିଧା ନ ଥିବାରୁ ରବିରେ ଚାଷବାସ ପ୍ରାୟ ହୁଏନି। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ଭଲ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ରଜ ପରେ ପରେ ବୁଣାବୁଣି ଆରମ୍ଭ ହେବ। ଧାନ ସହିତ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ବିହନ ପକାଇବେ ଚାଷୀ। ରାଜ୍ୟର ୩୦ ଜିଲ୍ଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ପ୍ରାୟ ୨୦ ପ୍ରତିଶତ ଜମିରେ ଡାଲିଜାତୀୟ ଓ ୧୦ ପ୍ରତିଶତ ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ସରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ ପହଞ୍ଚିପାରୁନି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚିନି। କିଛି ପ୍ୟାକ୍ସ ବିହନ ନେଇ ନ ଥିବାରୁ ସମସ୍ୟା ହୋଇଛି। ପୁଣି ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ବିହନ ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ମଧ୍ୟ ହତାଶ ହୋଇଛନ୍ତି। ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

ସୂଚନାନୁସାରେ, ଖରିଫରେ ଓଡ଼ିଶା ଚାଷୀଙ୍କୁ ୧୧ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥାଏ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ କିନ୍ତୁ ୨୦ କେଜି ବିହନରେ ଆବଶ୍ୟକତା ପୂରଣ ହେଉଛି। ତେଣୁ ଚାହିଦା ୧୫ ଲକ୍ଷରୁ ୧୦ ଲକ୍ଷ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଏଥିରୁ ୪ ଲକ୍ଷ କ୍ୱିଣ୍ଟାଲ ବିହନ ନିଗମ ଦେଇଥାଏ। ନିଗମ ପାଖରେ ବିଭିନ୍ନ କିସମର ବିହନ ଥିବାବେଳେ ଏମକ୍ୟୁ୧୨୧୦, ଏମକ୍ୟୁ୧୨୨୬, ସ୍ୱର୍ଣ୍ଣ, ଶକ୍ତି ଆଦି ବିହନର ଅଧିକ ଚାହିଦା ରହିଛି। କାରଣ ଏହାର ଉତ୍ପାଦନ ହେକ୍ଟର ପିଛା ୪ରୁ ୫ଟନ୍। ହେଲେ ଏହି ବିହନ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନି। ତେଣୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜର ସଂରକ୍ଷିତ ବିହନକୁ ମଧ୍ୟ ବ୍ୟବହାର କରୁଛନ୍ତି। ଆଉ କିଛି ଚାଷୀ କମ୍ପାନିର ହାଇବ୍ରିଡ ବିହନ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏହି ବିହନ ଅଧିକାଂଶ ସମୟରେ ଗଜା ହୋଇନଥାଏ। ଫଳରେ ଚାଷୀ କ୍ଷତି ସହିଥାଏ। ତେଣୁ କୃଷି ବିଭାଗ ପକ୍ଷରୁ ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସି ଗୁଡ଼ିକର ଯାଞ୍ଚ କରିଥାଏ। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏବେ ସରକାରୀ ବିହନ ମିଳିବାରେ ସମସ୍ୟା ହେଲେ ଚାଷୀ ଠକାମୀର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଥିଲେ ମଧ୍ୟ କିଛି ପାକ୍ସ ବିଳମ୍ବରେ ବିହନ ଉଠାଉଥିବାରୁ ସମସ୍ୟା ହୋଇଛି। ଯେଉଁ ପ୍ୟାକ୍ସରେ ବିହନ ମିଳୁଛି ଚାଷୀମାନେ ତାହା ସଂଗ୍ରହ କରୁଛନ୍ତି। ଯେଉଁ ଅଞ୍ଚଳରେ ପ୍ୟାକ୍ସ ବିହନ ନେଇନାହାନ୍ତି, ସେଠାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।

ବିହନ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଗମ ପାଖରେ ପର୍ଯ୍ୟାପ୍ତ ପରିମାଣର ବିହନ ମହଜୁଦ୍ ରହିଛି। କିନ୍ତୁ ଅନେକ ପାକ୍ସ ବିହନ ନେଇନାହାନ୍ତି। ସପ୍ତାହେ ଭିତରେ ବିହନ ସବୁ ଅଞ୍ଚଳରେ ପହଞ୍ଚିଯିବ। ଏପଟେ ଆରମ୍ଭରୁ ରାସାୟନିକ ସାର ଅଭାବ ଦେଖା ଦେଲାଣି। ଅଧାରୁ ଅଧିକ ପ୍ୟାକ୍ସ କେଜିଏ ହେଲେ ବି ସାର ପାଇନାହାନ୍ତି। ଉଦ୍‌ବେଗର ବିଷୟ, କେତେ ସାର ଦରକାର ସେଥିନେଇ ତାଲିକା ଏୟୁସିସି ବ୍ୟାଙ୍କ ପକ୍ଷରୁ ମାର୍କଫେଡ୍‌କୁ ଦିଆଯାଇନି। ଏଣୁ ଏଥର ସାର ଯୋଗାଣ ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଅଧିକାରୀ ଚାଷୀଙ୍କ ଏ ସମସ୍ୟାର ସମାଧାନ କରି ଚାଷ କାର୍ଯ୍ୟ ପାଇଁ ସଅଳ ବିହନ ଓ ସାର ଯୋଗାଇବା ପରିବର୍ତ୍ତେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଗୁଣଗାନରେ ମାତିଛନ୍ତି। ତେଣୁ ପ୍ରାକ୍ ବର୍ଷା ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ମୁହଁରେ ଖୁସି ଫୁଟି ପାରିନାହିଁ।

**ଅବକାରୀ ରାଜସ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ**

# ଅବକାରୀ ଆଭିମୁଖ୍ୟ: କାଠଗଡ଼ାରେ ସରକାର

■ ଏପଟେ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ, ସେପଟେ ନିଶା ନିବାରଣ ସଚେତନତା
■ ମାଣ୍ଡିଆ, ବାଜରା ଓ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଲାଗି ହୋଇଛି ଯୋଜନା
■ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦକୁ ନେଇ ଘେରିଲେ ବୁଦ୍ଧିଜୀବୀ
■ ମଦ ବ୍ୟବହାରକୁ ପ୍ରଶ୍ରୟ ଦେଇ ନିଶା ନିବାରଣ ଅଭିଯାନ କାହା ପାଇଁ

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଆସନ୍ତା ୩୧ ତାରିଖରୁ ବିଧିବଦ୍ଧ ଭାବେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସରକାର ଲୋକଙ୍କୁ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଜୁନ୍ ୨୬ ତାରିଖ ଯାଏଁ ପ୍ରତି ଗାଁରେ ଦାସକାଠିଆ, ଘୋଡା ନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ତେବେ ସରକାରଙ୍କ ଏହି ଅଭିଯାନର ଆନ୍ତରିକତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଅବକାରୀ ରାଜସ୍ୱ ହାସଲ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବିଅରଠାରୁ ଆରମ୍ଭ କରି ବିଦେଶୀ ମଦ ବିକ୍ରି ବଢୁଛି। ସେହିପରି ଯଅ, ମାଣ୍ଡିଆ ଓ ବାଜରା ଆଦି କ୍ଷୁଦ୍ରଶସ୍ୟରୁ ମିଲେଟ୍ ମଦ ପ୍ରସ୍ତୁତ ପାଇଁ ସରକାର ଘୋଷଣା କରିଛନ୍ତି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଓ କାହା ପାଇଁ ସରକାର ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

ନିଶା ନିବାରଣ ପାଇଁ ଅବକାରୀ ବିଭାଗର ଯୋଜନା ଅନୁଯାୟୀ ମେ ୩୧ରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ପୁଲିସ, ମିଶନ ଶକ୍ତି, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ସଂସ୍କୃତି ବିଭାଗ ମିଳିତ ଭାବେ ମାସେ ଧରି ଏହି ପ୍ରଚାର କରିବେ। ସ୍କୁଲ, କଲେଜରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ମାତ୍ର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସରକାର ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରିବାରେ କେତେ ଯଥାର୍ଥତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଭିନ୍ନ ସଂଗଠନ।

ସୂଚନା ଅନୁସାରେ ଓଡ଼ିଶାରେ୨୦୨୨-୨୩ ଆର୍ଥିକ ବର୍ଷରେ ୧୨.୯ କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫ କୋଟି ଲିଟରକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବିଦେଶୀ ବିଅର ବିକ୍ରି ପରିମାଣ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୬୪୫୫ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଥିବା ବେଳେ ୨୦୨୩-୨୪ରେ ଏହା ୭୨୧୬.୯୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ କ୍ଷେତ୍ରରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ପଟେ ସରକାର ଲୋକଙ୍କୁ ପରୋକ୍ଷରେ ମଦ ବ୍ୟବହାର କରିବାକୁ ଉତ୍ସାହିତ କରି ଅନ୍ୟପକ୍ଷରେ ନିଶା ନିବାରଣ ସଚେତନତା କରିବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି।

ବିଜେପି ନିର୍ବାଚନ ପ୍ରଚାର ବେଳେ ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ। ମାତ୍ର ପରେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସରକାର ମଦରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖୁଛନ୍ତି। ଏପରି ସ୍ଥଳେ ଏପରି ଅଭିଯାନର ମାନେ କିଛି ନାହିଁ ବୋଲି ବିଭିନ୍ନ ନିଶା ନିବାରଣ ଅଭିଯାନ ସହ ଜଡ଼ିତ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ସମଗ୍ର ରାଜ୍ୟ କିପରି ନିଶାମୁକ୍ତ ହୋଇପାରିବ, ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ବର୍ତ୍ତମାନ ଚୋରା ନିଶା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଧଳା ଜହର ବେପାର ମଧ୍ୟ ଯୁବପିଢ଼ିଙ୍କୁ ବେଶ୍ ପଥଭ୍ରଷ୍ଟ କରୁଛି। ସମାନ ସମୟରେ ରାଜ୍ୟରେ ମଦ ବନ୍ୟା ମଧ୍ୟ ସାମାଜିକ ଅଶାନ୍ତିର କାରଣ ପାଲଟୁଛି। ସରକାର ସତରେ ଯଦି ନିଶା ନିବାରଣ କରିବାକୁ ଆନ୍ତରିକତା ରଖୁଛନ୍ତି, ତାହେଲେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଏହାକୁ ନି ଆଚରଣରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି**

## ଅସ୍ଥାୟୀ ଶେଡ୍ ପାଇଁ ୧ କୋଟି ଅପବ୍ୟୟ କାହିଁକି?

ପୁରୀ,୨୫।୫(ସମିସ): ରଥଯାତ୍ରା ଡ୍ୟୁଟିରେ ଆସୁଥିବା ପୁଲିସଙ୍କ ରହଣି ନିମନ୍ତେ ତିଆରି ହେବ ୨ଟି ଅସ୍ଥାୟୀ ଫେବ୍ରିକେଟେଡ୍ ଶେଡ୍। ଟେଣ୍ଡର ମାଧ୍ୟମରେ ଏହି କାମ ଦିଆଯିବାକୁ ଥିବାବେଳେ ବ୍ୟୟ ହେବ ୮୯ ଲକ୍ଷ ୪୭ହଜାର ୬୩୫ ଟଙ୍କା। ତେବେ ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ଅସ୍ଥାୟୀ ଶେଡ୍ ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଛନ୍ତି ସରକାର। ସେହି ଅର୍ଥରେ ସ୍ଥାୟୀ କୋଠା ନିର୍ମାଣ କରିଦେଲେ ପ୍ରତିବର୍ଷ ବାହାରୁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ସମସ୍ୟା ରୁହନ୍ତା ନାହିଁ ବୋଲି ମତ ଦେଉଛନ୍ତି। ଏଭଳି ସ୍ଥିତିରେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଛନ୍ତି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଚିଠିରେ ସେ ଦର୍ଶାଇଛନ୍ତି, ଯଦି ଆମେ ଲୋକଙ୍କ ସରକାର ବୋଲି କହୁଛେ, ତେବେ ରଥଯାତ୍ରାରେ ପୁଲିସ ରହଣି କେନ୍ଦ୍ର ପାଇଁ ସରକାର କାହିଁକି ୮୯ଲକ୍ଷ ୪୭ହଜାର ୬୩୫ଟଙ୍କା ଅପବ୍ୟୟ କରୁଛନ୍ତି? ପୁରୀରେ ଅନେକ ସରକାରୀ ଜାଗା ଓ ଶ୍ରୀମନ୍ଦିରର ଜମି ରହିଛି। ଏହିଭଳି ଅନେକ ଜମି ଜବରଦଖଲରେ ବି ରହିଛି। ତାହାକୁ ଚିହ୍ନଟ କରି ସେଥିମଧ୍ୟରୁ ଉପଯୁକ୍ତ ଜମିରେ କୋଟିଏ ଟଙ୍କା ଖର୍ଚ୍ଚ କଲେ ତାହା ପ୍ରତିବର୍ଷ ପାଇଁ ରଥଯାତ୍ରା ଡ୍ୟୁଟିରେ ଆସୁଥିବା କର୍ତ୍ତବ୍ୟରତ ପୁଲିସମାନଙ୍କ ସ୍ଥାୟୀ ରହଣିସ୍ଥଳ ହୋଇପାରିବ। ସେଠାରେ କିଛି ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ହୋଇଗଲେ ବର୍ଷର ଅନ୍ୟ ଦିନମାନଙ୍କରେ ବହିରାଗତ ଗରିବ ଯାତ୍ରୀମାନେ ମଧ୍ୟ ଅଳ୍ପ ଦେୟରେ ଉପକୃତ ହୋଇପାରିବେ। ଫଳରେ ସରକାରଙ୍କ ଏହି ଟଙ୍କା ଠିକଣା ବାଟରେ ବିନିଯୋଗ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନେ ପୁରୀରେ ପକେଟ୍‌କୁ ସୁହାଇଲା ଭଳି ଖର୍ଚ୍ଚରେ ରହି ଭଲ ଅନୁଭୂତି ନେଇ ଫେରିବେ। ଏହା ନିଶ୍ଚିତ ଓଡ଼ିଶା ତଥା ପୁରୀ ପାଇଁ ଏକ ଗର୍ବର ବିଷୟ ହେବ। ଶ୍ରୀ ମିଶ୍ର ରାସ୍ତା ଓ ନିର୍ମାଣ ବିଭାଗର ବିଜ୍ଞପ୍ତି ୦୬/୨୦୨୫-୨୬ର ସୂଚନା ସହିତ ଉଲ୍ଲେଖ କରିଛନ୍ତି ଯେ ଯେହେତୁ ସରକାର ଜନଗଣଙ୍କର ତେଣୁ ସରକାର ଟେଣ୍ଡର କରିବା ପୂର୍ବରୁ ଏଭଳି ଅପବ୍ୟୟ ଉପରେ ଜନଶୁଣାଣି କରିବା ଆବଶ୍ୟକ ହୋଇପଡ଼ିଛି।

ସୂଚନାଥାଉ କି, ପୁରୀ ରଥଯାତ୍ରାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା'ନ୍ତି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ୍ ସୁପରିଚାଳନା ପାଇଁ ହଜାର ହଜାର ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା'ନ୍ତି। ବିଶେଷକରି ସ୍ନାନ ପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ ମୋଟ୍ ୧୯ ଦିନ ରହିଥା'ନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ତେବେ ସେମାନଙ୍କ ପାଇଁ ସ୍ଥାୟୀ ରହଣିସ୍ଥଳ ହୋଇଗଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ବି ବ୍ୟାଘାତ ହୁଅନ୍ତା ନାହିଁ।



# ଶିବଗଙ୍ଗାରେ ବୁଡ଼ିଗଲେ ଚାରି ଛାତ୍ର

**ଜଣେ ମୃତ, ୩ ଉଦ୍ଧାର**

■ ଭଦ୍ରକ/ଆରଡି,୨୫।୫(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ରବିବାର ସକାଳୁ ଭଦ୍ରକ ଜାନୁଗଞ୍ଜରେ ରହୁଥିବା ୪ଜଣ ଛାତ୍ର ସାଙ୍ଗ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଆସିଥିଲେ। ଦର୍ଶନ ପୂର୍ବରୁ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ୪ଜଣ ସାଙ୍ଗ ମିଳିମିଶି ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ଅକାତ ପାଣିରେ ପୁଷ୍କରିଣୀ ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଆରଡି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଧାମନଗର ସୋହଡା ଅଞ୍ଚଳର ଦେବବ୍ରତ ମିଶ୍ର (୨୪) ଭଦ୍ରକ ସ୍ୱୟଂଶାସିତ କଲେଜରେ +୩ ୨ବର୍ଷର ଛାତ୍ର। ଜାନୁଗଞ୍ଜର ଏକ ମେସରେ ରହି ପାଠ ପଢୁଥିଲେ। ଅନ୍ୟ ୩ଜଣ ଛାତ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପାହାଚ ନିର୍ମାଣ କାର୍ଯ୍ୟ ଠିକ ଭାବେ ହୋଇନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ୪ବର୍ଷ ମଧ୍ୟରେ ପୁଷ୍କରିଣୀରେ ୪ଜଣ ବୁଡିଯାଇ ମୃତ୍ୟୁବରଣ କଲେଣି। ନିକଟରେ ୨ମାସ ତଳେ ଜଣେ ଛୋଟ ପିଲା ପୁଷ୍କରିଣୀକୂଳରେ ଖେଳୁଥିବା ବେଳେ। ଗୋଡ ଖସିଯିବାରୁ ମୃତ୍ୟୁ ଘଟିଥିଲା। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ସ୍ଥାୟୀ ଆଲୋକ ଅକାମୀ ହୋଇପଡିଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାରମୟ ହୋଇ ପଡୁଛି ପୁଷ୍କରିଣୀ କୂଳ। ପୁଷ୍କରିଣୀ ଘାଟ ଓ ଚତୁଃପାର୍ଶ୍ୱର ଉନ୍ନତିକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

■ ସରକାରୀ କର୍ମଚାରୀଙ୍କ ଉପରେ ଲଗାମ୍

## ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିବା ମନା

**ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ**

ଭୁବନେଶ୍ୱର,୨୫।୫(ସମିସ): ଏଣିକି ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିପାରିବେ ନାହିଁ ସରକାରୀ କର୍ମଚାରୀ। ନିଜ ବିଭାଗର କର୍ମଚାରୀଙ୍କ ପାଇଁ ଏଭଳି କିଛି ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କର୍ମଚାରୀମାନେ ୧୦ଟା ବେଳେ ଅଫିସ ଆସିବେ ଓ ୫ଟା ୩୦ ପୂର୍ବରୁ ଅଫିସ୍ ଛାଡ଼ି ପାରିବେ ନାହିଁ। କର୍ମଚାରୀମାନେ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ବାଧ୍ୟତାମୂଳକ ଭାବେ ଦର୍ଶାଯାଇଛି। ଏହାସହ ବାୟୋ-ମେଟ୍ରିକ୍ ଜରିଆରେ କର୍ମଚାରୀ ଅଫିସ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାରୀ ନ ହୁଏ, ଅର୍ଥାତ୍ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବ୍ୟତିକ୍ରମ ହୁଏ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶାଯାଇଛି।

# ଅବଶିଷ୍ଟାଂଶ...

### ଭାଙ୍ଗିବ ଗରିବଙ୍କ...

କେନ୍ଦ୍ରରୁ ୪୩୧୦ କୋଟି ଟଙ୍କା ଅନୁଦାନ ପାଇଥିଲା। ମାତ୍ର ବିଜେପି ସରକାର ଗଠନ ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନୁଦାନ ୮୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା କି ପୂର୍ବବର୍ଷର ଅନୁଦାନର ୨୫ ପ୍ରତିଶତରୁ କମ୍ ବୋଲି କୁହାଯାଉଛି। ଏକପକ୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ପକ୍କା ଘର ଯୋଜନାକୁ ବନ୍ଦ କରି ଦିଆଯାଇଥିବାବେଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଗ୍ରାମାଞ୍ଚଳର ବହୁ ଗରିବ ଲୋକମାନେ ଏବେ ବି ପକ୍କାଘର ପାଇଁ ସରକାରଙ୍କ ଦୟାକୁ ଚାହିଁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକ ଓ ଫନି ପ୍ରଭାବିତ କ୍ଷତିଗ୍ରସ୍ତମାନେ ମଧ୍ୟ 'ଆବାସ'କୁ ଚାହିଁ ଚାହିଁ ନିରାଶ ହୋଇଛନ୍ତି । କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୁହେଁ, ଏହି ଯୋଜନାରେ ସହରାଞ୍ଚଳର ଗରିବମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ମାତ୍ର ୭୩ ଲକ୍ଷ ଟଙ୍କା ମିଳିଛି । ବିଜେଡି ସରକାରଙ୍କ ଶେଷ ବର୍ଷରେ ଏହି ଯୋଜନାରେ ଓଡ଼ିଶା ୨୯୬ କୋଟି ଟଙ୍କା ଅନୁଦାନ ପାଇଥିଲା, ମାତ୍ର ବିଜେପି ସରକାରଙ୍କ ପ୍ରଥମବର୍ଷରେ ମାତ୍ର ୭୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ଡ଼ବଲ ଇଞ୍ଜିନ୍ ସରକାରଙ୍କ ବିକାଶ ଆନ୍ତରିକତାକୁ ସ୍ପଷ୍ଟ କରିଦେଇଛି ।

ସମ୍ପ୍ରତି ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୧ ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ମଧ୍ୟ ୨୬୦୦ କୋଟି ଟଙ୍କା ବରାଦ କରାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଗୃହକୁ ନେଇ ଗ୍ରାମାଞ୍ଚଳରେ ରାଜନୀତି ଆରମ୍ଭ ହୋଇଛି । ଶାସକ ଦଳର ବିଧାୟକଙ୍କ ସୁପାରିସ ନ ହେଲେ ଏହି ଗୃହ ମିଳିବ ନାହିଁ ବୋଲି ସରକାରୀ ଅଧିକାରୀମାନେ ସଫାସଫା ମନା କରି ଦେଉଛନ୍ତି । ଏକ ପକ୍ଷରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଓ ଅନ୍ୟପକ୍ଷରେ ଶାସକ ଦଳର ଅନ୍ତ୍ୟୋଦୟ ରାଜନୀତି ରାଜ୍ୟର ଗୃହହୀନ ଗରିବ ଲୋକମାନଙ୍କ ପାଇଁ ସମସ୍ୟାରେ ପରିଣତ ହୋଇଛି ।

### ସାତ ଦିନରେ...

ସକାଳେ ପାଇଖାନା ଯିବ କହି ଘରୁ ଯାଇଥିଲା ବେଳେ ଆଉ ଫେରି ନ ଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇନଥିଲେ। ତା ପର ଦିନ ଗାଁ ଠାରୁ ୨୫ କିଲୋମିଟର ଦୂର ଘୋବରଘଟା ସିଟ ଛକଠାରେ ବସିଥିବା ଦେଖି ଗ୍ରାମବାସୀ ତାର ଠିକଣା ଜାଣିବା ପରେ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ବଡ଼ ମା'ଙ୍କୁ ଦୁଷ୍କର୍ମ ସମ୍ପର୍କରେ କହିବା ପରେ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ରାଇବଣିଆ ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାର ଦୁଇଦିନ ପରେ ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀ ପାଟଣା ଅଞ୍ଚଳରେ ଜନୈକ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ହତ୍ୟା ଅଭିଯୋଗ ହୋଇଛି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଗଣ ବଳାତ୍କାର କରି ହତ୍ୟା କରିଥିଲା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାପାଇଁ ଶୋଇବା ଘରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାପରେ ବ୍ଳକର ତାଳସାରି ଥାନା ଅଧୀନ ଉଦୟପୁର ଅଞ୍ଚଳରେ ଜୈନିକା ଜଣେ ବିବାହିତା ମହିଳାକୁ ଗତ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକ ନିସ୍ତୁକ ମାଡ଼ ମାରି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଗୁରୁବାର ଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାପଡ଼ିଛି। ତମାମ ଅଞ୍ଚଳରେ ଏଭଳି ଜଘନ୍ୟ ଅପରାଧ ଘଟୁଥିଲା ବେଳେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରେନ୍ ଧକ୍କାରେ...

ଠିକା ଶ୍ରମିକ କେବୁଲ୍ ଲାଇନ୍ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଟ୍ରେନ ଆସିଗଲା। ଟ୍ରେନ୍ ଆସିବାରୁ ଅନ୍ୟ ଶ୍ରମିକମାନେ ଦୌଡା ଦୌଡ଼ି ହୋଇ ପଳାଇବା ବେଳେ ଦୁଇ ଜଣଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ରେଲୱେ ପୁଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ।

SALE
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

AFFIDAVIT
I, Alema Parween, W/o- Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.- 21/05/2025 that now onwards I shall be known as ALEMA BIBI for all future purposes.

## କେଉଁଠି ହେବ ମେଡିକାଲ କଲେଜ

# ଘୋଷଣାର ୨ ମାସ ପରେ ବି ଚିତ୍ର ଅସ୍ପଷ୍ଟ

**ବଢୁଛି ଜିଲ୍ଲାବାସୀଙ୍କ ଉତ୍କଣ୍ଠା**

ଜଗତସିଂହପୁର,୨୫ା୫(ସମିସ)

ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଦାବିରେ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଓ ବଜାର ବନ୍ଦ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିବାବେଳେ ଗତ ବିଧାନସଭା ନିର୍ବାଚନ ସମୟରେ ଏହା ପ୍ରମୁଖ ପ୍ରସଙ୍ଗ ହୋଇଥିଲା । ନିର୍ବାଚନ ପରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାର ଜନପ୍ରତିନିଧି ସ୍ୱର ଉତ୍ତୋଳନ କରିବା ସହ ଜିଲ୍ଲାବାସୀଙ୍କ ପକ୍ଷରୁ ପୂର୍ବରୁ ଆନ୍ଦୋଳନ ଚଳାଇଆସିଥିବା ସଂଗଠନ ଦାବି କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ । ସେହିପରି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ । ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଛନ୍ତି । ଏହାକୁ ଆଧାର କରି ଓ ଆବଶ୍ୟକତା ଦୃଷ୍ଟିରୁ ଗତ ମାର୍ଚ୍ଚ ମାସ ଶେଷଭାଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ । ଏହାକୁ ନେଇ ଜିଲ୍ଲାର ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ଖୁସିବ୍ୟକ୍ତ କରିଥିଲେ । ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ, ତାହା ସ୍ପଷ୍ଟ ହୋଇ ନ ଥିବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବେଶ୍ କିଛିଦିନ ବାଦବିବାଦ ଚାଲିଥିଲା । ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣାକୁ ଇତିମଧ୍ୟରେ ୨ ମାସ ବିତିଥିଲେ ମଧ୍ୟ ଏଥିପାଇଁ ସରକାର ବା ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ ଜିଲ୍ଲାର କେଉଁଠି ଏହା ପ୍ରତିଷ୍ଠା କରାଯିବ, ତାହା ସ୍ପଷ୍ଟ ହେଉ ନ ଥିବାରୁ ଜିଲ୍ଲାବାସୀଙ୍କ ଉତ୍କଣ୍ଠା ବଢ଼ିବା ସ୍ୱାଭାବିକ । କାରଣ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା ହେବା ପରଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକେ ସେମାନଙ୍କ ଅଞ୍ଚଳରେ ଏହା ପ୍ରତିଷ୍ଠା ହେଉ ବୋଲି ଦାବି କରିଆସୁଛନ୍ତି । ଅତୀତରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିବା ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସଦର ବ୍ଲକ୍ ଅନ୍ତର୍ଗତ ନିଘୁରଠାରେ ଏହା ପ୍ରତିଷ୍ଠା କରାଯାଉ ବୋଲି ପୂର୍ବ ଦାବିକୁ ଦୋହରାଇଛି । ନିଘୁରଠାରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ରହିଥିବା ଓ ଜିଲ୍ଲା ସଦର ମହକୁମାଠାରୁ ଏହା ସ୍ୱଳ୍ପ ଦୂରତାରେ ଥିବାରୁ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ମଞ୍ଚ ଯୁକ୍ତି ଦର୍ଶାଇଛି । ଆଉ କେତେକ ସଂଗଠନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲା ବୋଲି ଉକ୍ତ ସଂଗଠନ ଦାବି କରୁଛନ୍ତି । ମେଡିକାଲ କଲେଜ ଜଗତସିଂହପୁରରେ ହେବ ନା ପାରାଦୀପରେ ହେବ, ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ମଧ୍ୟ ଅନେକ ଦାବି ଉଠାଇଥିବାବେଳେ ସ୍ପଷ୍ଟ ଚିତ୍ର ନ ଆସିବା ପର୍ଯ୍ୟନ୍ତ ଅଧିକ ଉତ୍କଣ୍ଠିତ ହେବାକୁ ସାମାଜିକ ଗଣମାଧ୍ୟମ ଜରିଆରେ କେତେଜଣ ବୁଦ୍ଧିଜୀବୀ ପରାମର୍ଶ ଦେଇଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ଜେନାଙ୍କୁ ପଚାରିବାରୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ସରକାରୀ ସ୍ତରରେ ଘୋଷଣା ହୋଇଥିବାବେଳେ ମଧ୍ୟ ସରକାରଙ୍କ ପକ୍ଷରୁ କେଉଁଠି ଏହା ପ୍ରତିଷ୍ଠା ହେବ, ସେ ନେଇ କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା କହିଛନ୍ତି ।

## ନବନିର୍ମାଣ କୃଷକ ସଂଗଠନର ବୈଠକ

ବାଲିକୁଦା,୨୫ା୫(ସମିସ): ବାଲିକୁଦା ବ୍ଲକ୍ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ବୈଠକ ବାଲିସାହିସ୍ଥ ମା' ଥାନପତିଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ସଭାପତି ରଘୁନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ସହସମ୍ପାଦକ ଅଶୋକ ସ୍ୱାଇଁ



ଯୋଗଦେଇ ଆଗାମୀ ଦିନରେ ଖରିଫ ଚାଷ ପାଇଁ ସାର, ବିହନ ଠିକ୍ ସମୟରେ ଚାଷ ପୂର୍ବରୁ ଯୋଗାଇ ଦେବା, ଜଳସେଚନ ଓ ଜଳ ନିଷ୍କାସନ ସମ୍ପର୍କରେ ସରକାର ଗୁରୁତ୍ୱ ଦେବା, ଜୟ ଯବାନ ଜୟ କିଷାନରେ ଯବାନଙ୍କୁ ଯେଉଁ ସମ୍ମାନ ଦିଆଯାଉଛି କିଷାନଙ୍କୁ ସେହିଭଳି ସମ୍ମାନ ଦେବା, ବାଲିକୁଦା ବ୍ଲକ୍‌କୁ ଦୁର୍ନୀତି ମୁକ୍ତ କରିବା, ବ୍ଲକ୍‌ର ୩୦ଟି ପଞ୍ଚାୟତରେ ଷଣ୍ଢଙ୍କ ଉପଦ୍ରବ ରୋକିବା ପାଇଁ ବ୍ଲକ ପ୍ରଶାସନ ଦାୟିତ୍ୱ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଯଦି ଏହା କାର୍ଯ୍ୟକାରୀ କରା ନ ଯାଏ, ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ସମ୍ପାଦକ । ଉକ୍ତ ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଯୁବ ଛାତ୍ର ସଂଗଠନ ମନୋହର ଅଲ୍ଲୀ, ଦୁର୍ଗାଚରଣ ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି, ବାବାଜୀ ଜେନା, ସୁଶାନ୍ତ ସ୍ୱାଇଁ, ପବିତ୍ରମୋହନ ନାୟକ, ଜୟପ୍ରକାଶ ମହାନ୍ତି, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିକୁଦାରେ ପରାକ୍ରମ ଶୋଭାଯାତ୍ରା



ଜଗତସିଂହପୁର,୨୫ା୫(ସମିସ): ଜଗତସିଂହପୁର ଜିଲ୍ଲାର ବୀର ସଂଗ୍ରାମୀ ଭୂମି ବାଲିକୁଦାଠାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ନାଗରିକ ମଞ୍ଚ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ବିଧାୟକ ପ୍ରାର୍ଥୀ ସତ୍ୟସାରଥୀ ମହାନ୍ତି ଯୋଗଦେଇ ସାରା ବିଶ୍ୱ ଅପରେସନ ସିନ୍ଦୂର ଜରିଆରେ ଭାରତର ପରାକ୍ରମ ଦେଖିଛି । ଏହି ପରାକ୍ରମ ଶୋଭାଯାତ୍ରା ଆମର ସୈନ୍ୟ ଶକ୍ତି ଓ ସାମରିକ ଶକ୍ତିର ପରାକାଷ୍ଠା, ଦେଶ ମାତୃକା ପ୍ରତି ଜନସାଧାରଣଙ୍କ ଥିବା ସମ୍ମାନକୁ ଦର୍ଶାଉଛି ବୋଲି ମତବ୍ୟକ୍ତ କରିଥିଲେ । ଶୋଭାଯାତ୍ରା ସ୍ଥାନୀୟ ତହସିଲ ଛକରୁ ବାହାରି ବାଲିକୁଦା ବଜାର ପରିକ୍ରମା କରିଥିଲା । ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ, ଅଳାବୋଳ ସରପଞ୍ଚ ରମେଶ ସ୍ୱାଇଁ, ବାଲିକୁଦାର ପୂର୍ବତନ ମଣ୍ଡଳ ସଭାପତି ଦିଲ୍ଲୀପ ରାଉଳ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅମିତା ଦାସ, କ୍ଷେତ୍ର ମୋହନ ସାହୁ, ଜ୍ଞାନରଞ୍ଜନ ଜେନା, ରାଜଶ୍ରୀ ପଟ୍ଟନାୟକ, ବରିଷ୍ଠ ନେତୃତ୍ୱ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ୮ ଟି ମଣ୍ଡଳ ସଭପତି ସ ସମସ୍ତ ସକ୍ରିୟ ସଦସ୍ୟ ଯୋଗ ଦେଇଥିଲେ ।

## ଡାମରପୁର ହାଇସ୍କୁଲରେ ଗ୍ରୀଷ୍ମକାଳୀନ ନାଟକ ପ୍ରଶିକ୍ଷଣ ଶିବିର

ପଟ୍ଟାମୁଣ୍ଡାଇ/ମାଳିପୁର,୨୫ା୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ହରେକୃଷ୍ଣ ନୋଡାଲ ଉଚ୍ଚବିଦ୍ୟାଳୟରେ ନୂଆଦିଲ୍ଲୀସ୍ଥ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ



ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ୩୦ଦିନିଆ ନାଟକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ନୂଆଦିଲ୍ଲୀ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାମଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଗାଥା ଉପରେ ଆଧାରିତ ନାଟକ "ଉଲ୍‌ଗୁଲାନ୍"ର କିଛି ଦୃଶ୍ୟ ପିଲାଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଡାମରପୁର ହାଇସ୍କୁଲର ଛାତ୍ରୀ ଅନୁଷ୍କା ମିଶ୍ର, ସ୍ୱାଗତିକା ଦାଶ, ଅରୋସ୍ମିତା ବେହେରା, ଲିସା ମଲିକ, ଚିନ୍ମୟୀ ସାହୁ, ରାଣୀ ସାହୁ, ବିନ୍ଦୁଶ୍ରୀ ବେହେରା, ଜ୍ୟୋତିମୟୀ ସାହୁ, ଦୀପ୍ତିମୟୀ ସାହୁ, ଜୟଦୀପ ସାହୁ, ଆକାଶ ସେଠୀ, ଅବିନାଶ ବାଇ, ଅବିନାଶ ଷଡ଼ଙ୍ଗୀ, ଅନନ୍ୟା ଶତପଥୀ, ସନ୍ଧ୍ୟାରାଣୀ ଶତପଥୀ, ସୁଭଦ୍ରା ଦାଶ, ଲକ୍ଷ୍ମୀ ମଲିକ, ସୁଲଗ୍ନ ମଲିକ, ଶିବାନୀ ମଲିକ, ମାମୁନି ମଲିକ, ଇତିଶ୍ରୀ ତରାଇ, ଇପ୍‌ସିତା ସାହୁ ପ୍ରମୁଖ ଚିତ୍ତାକର୍ଷକ ଅଭିନୟ କରିଥିଲେ । ସହନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର, ପ୍ରଶିକ୍ଷକ ଛବିଳ ପ୍ରଧାନ, ସଂଯୋଜକ ଗାୟତ୍ରୀ ମିଶ୍ର, ମାନଭଞ୍ଜନ ଷଡ଼ଙ୍ଗୀ ଓ ହରେକୃଷ୍ଣ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ବାବନ ବେହେରା ଧନ୍ୟବାଦ ଦେଇଥିଲେ ।

## ସତ୍ୟସାଇଙ୍କ ପାଦୁକା ଶୋଭାଯାତ୍ରା




ତିର୍ତ୍ତୋଲ,୨୫ା୫(ସମିସ): ତିର୍ତ୍ତୋଲ ନେହେରୁ ପଡ଼ିଆ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଭଗବାନ ଶ୍ରୀସତ୍ୟସାଇଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ପାଦୁକା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥ ତିର୍ତ୍ତୋଲରୁ ବାହାରି ନିମକଣା, ନୂଆପୋଖରୀ ଦେଇ ଜଗନ୍ନାଥପୁରଠାରେ ପହଞ୍ଚିଥିଲା । ଜଗନ୍ନାଥପୁର ନାଲ ପୋଲଠାରୁ ଚନ୍ଦା ପର୍ଯ୍ୟନ୍ତ ଶତାଧିକ ଭକ୍ତ ଗହଣରେ ଶୋଭାଯାତ୍ରାରେ ନିଆଯାଇଥିଲା । ପରେ ରଥ ସାଗବାରିଆ, ଇବ୍ରିସିଂ, କୋଠପୁର, ଗଉଡ ସାହି, ବନ୍ଧମୁଣ୍ଡି, ତୁଳଙ୍ଗ, ତରବା, ଶାସନ ଆଦି ପରିକ୍ରମା କରି ଗରାମ ସତ୍ୟସାଇ ସେବା ସଂଗଠନ ପରିସରରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମକୁ ବିଷ୍ଣୁ ନାୟକ, ଅକ୍ଷୟ ଦାସ, ଶରତ ସ୍ୱାଇଁ, ନିମାଇଁ ବିଶ୍ୱାଳ, ପ୍ରଦୀପ୍ତ ଲେଙ୍କା, କିଶୋର ଦାସ, ଅଭୟ ଖୁଣ୍ଟିଆ, କ୍ଷୀରୋଦ ବାରିକ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

## ଆର୍ଟ ଅଫ୍ ଗିଭିଂ ପକ୍ଷରୁ ସେବା କାର୍ଯ୍ୟକ୍ରମ

କୁଜଙ୍ଗ,୨୫ା୫(ସମିସ): ଅର୍ଟ ଅଫ୍ ଗିଭିଂର ସେବା କାର୍ଯ୍ୟକ୍ରମ ଦୁଆଡ଼ିଆସ୍ଥ ରଜନୀଦେବୀ ଜରାଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ




ମନୋରଞ୍ଜନ ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ଜୀବନାଦର୍ଶ, ଦୂରଦୃଷ୍ଟି ଓ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ଶ୍ୱେତପଦ୍ମା ରାଉତ, ଚିଦାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇ ସମାଜରେ ଅବହେଳିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ଶିକ୍ଷାକ୍ଷେତ୍ରରେ ଆଦିବାସୀଙ୍କ ବିକାଶ ପାଇଁ ଯେଉଁ ମହନୀୟ ଉଦ୍ୟମ କରିଛନ୍ତି, ତାହା ଅନନ୍ୟ ବୋଲି କହିଥିଲେ । ଏ ଅବସରରେ ଜରାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ବଣ୍ଟନ କରାଯାଇଥିଲା । ସେହିପରି କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁରରେ ଏକ ଆଲୋଚନଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷାବିତ୍ ମାୟାଧର ଦାସ, ଧିରେନ୍ଦ୍ର ପଲାଇ ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂ ଜୀବନରେ ଏକ କଳା ହେବା ଦରକାର । ଆମେ ପରିବାର, ସମାଜ ଓ ଦେଶକୁ ଜୀବନ ମଧ୍ୟରେ କିଛି କିଛି ଦେବା ଜରୁରୀ । ଯାହା ଆମକୁ ପ୍ରକୃତ ଆନନ୍ଦ ଦିଏ ବୋଲି କହିଥିଲେ ।

## +୨ ବିଜ୍ଞାନ ଟପ୍ପର ବିନୀତଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର, ୨୫ା୫(ସମିସ): ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତ ହୁରାସାହି ଗ୍ରାମର ବିଜୟାନନ୍ଦ ମହାନ୍ତି ଓ ଶୈଳବାଳା ମହାନ୍ତିଙ୍କ ପୁତ୍ର ବିନୀତ ମହାନ୍ତି +୨ ବିଜ୍ଞାନ ବିଭାଗରେ ରାଜ୍ୟ ଟପ୍ପର ହୋଇଛନ୍ତି । ତାଙ୍କୁ ବିଭିନ୍ନ ସଂଗଠନ



ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ହୁରାସାହି ବାସଭବନରେ ଯୁବନେତା ଅଶୋକ ମହାରଣାଙ୍କ ନେତୃତ୍ୱରେ ବିନୀତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ରଘୁନାଥପୁର ବିଷୁବ ସଂସଦ ପକ୍ଷରୁ ସଭାପତି ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ରାଜକିଶୋର ବରାଳଙ୍କ ନେତୃତ୍ୱରେ ହେମନ୍ତ କୁମାର ସାହୁ, ବ୍ରଜେନ୍ଦ୍ର କୁମାର ମହାନ୍ତି, ଶୁକଦେବ ପରିଡା, ସରିତ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେହିପରି ରଘୁନାଥପୁର ପ୍ରାର୍ଥମିକ ଶିକ୍ଷକ ସଂଗଠନ ପକ୍ଷରୁ ସଭାପତି କୁଶ ମଲ୍ଲିକ, ସମ୍ପାଦକ ଉମେଶ କୁମାର ନାୟକ ଓ ଅନ୍ୟ କର୍ମକର୍ତ୍ତା ବିନୀତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ କରି ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ସାଥୀ କମିଟି ବୈଠକ

ଜଗତସିଂହପୁର,୨୫ା୫(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ଅସହାୟ ଶିଶୁଙ୍କ ଆଧାର କାର୍ଡ ପଞ୍ଜୀକରଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ସାଥି ନାମକ ଏକ କମିଟି ଗଠନ କରାଯାଇଛି । ଏହି କମିଟିର ସଦସ୍ୟଙ୍କୁ ନେଇ ଆଭାସୀ ମାଧ୍ୟମରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ଆଇନ ସେବା ପ୍ରାଧୀକରଣ ସଚିବ ବିଦିଦି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଆରକ୍ଷୀ ଅଧୀକ୍ଷକ, ସମସ୍ତ ତହସିଲଦାର, ଶିଶୁ ଆଶ୍ରମ କର୍ମକର୍ତ୍ତା, ଆଇନଜୀବୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ମେ' ୨୬ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ୧୮ ବର୍ଷ ବୟସରୁ କମ୍ ଯେଉଁ ଶିଶୁ ଆଧାର କାର୍ଡରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଚିହ୍ନଟ କରାଯିବା ସହ ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ମାଧ୍ୟମରେ ଆଧାର ପଞ୍ଜୀକରଣ କରାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ । ସମସ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରଚେଷ୍ଟାରେ ଏହି ଅଭିଯାନର ସଫଳ ରୂପାୟନ ହୋଇପାରିବ ବୋଲି ସଚିବ କହିଥିଲେ । ଯଦି କୌଣସି ଅସହାୟ ଶିଶୁ ଆଧାର କାର୍ଡରୁ ବଞ୍ଚିତ ହୋଇଛନ୍ତି, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଧାର ଟଙ୍କା ନ ଫେରାଇବାରୁ ଥାନାରେ ଅଭିଯୋଗ

ପାରାଦୀପ,୨୫ା୫(ସମିସ): ଅସୁବିଧା କଥା କହି ଟଙ୍କା ଧାର୍ ନେଲେ । ସୁବିଧା ହେବା ପରେ ଦେଖାଉଛନ୍ତି ନାଲି ଆଖି । ଟଙ୍କା ନେଇଥିବା ଘଟଣାକୁ ଲିଖିତ ସ୍ୱୀକାର କରିଥିଲେ ମଧ୍ୟ ୬ ବର୍ଷ ହେଲା ଧରାଛୁଆଁ ଦେଉନାହାଁନ୍ତି ଯୁବକ । ଥାନାରେ ଏତଲା ଦେଲେ ମଧ୍ୟ ଶୁଣୁନି ପୁଲିସ । ଥାନା ପାଖରେ ବୁଲୁଥିବା ଅଭିଯୁକ୍ତକୁ ପାଉ ନ ଥିବା ସଫେଇ ଦେଇ ଅଭିଯୁକ୍ତକୁ ଘଣ୍ଟ ଘୋଡାଉଛି ଜମ୍ବୁ ସାମୁଦ୍ରିକ ଥାନା ପୁଲିସ । ଏଭଳି ଏକ ଅଭିଯୋଗକୁ ନେଇ ପାରାଦୀପ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗୋପାଳ ମଣ୍ଡଳ । ସୂଚନା ମୁତାବକ, ଗୋପାଳଙ୍କଠାରୁ ନିରଞ୍ଜନ ବାଲା ନାମକ ଜଣେ ଯୁବକ ୫୦ ହଜାର ଟଙ୍କା ଧାର ନେଇ ତିନିମାସରେ ଦେଇ ଦେବାକୁ କହିଥିଲେ । ପରେ ଆଉ ଧରାଛୁଆଁ ଦେଇ ନ ଥିଲେ । ୨୦୨୩ରେ ତାଙ୍କ ନାମରେ କେନ୍ଦ୍ରାପଡ଼ା ଜମ୍ବୁ ସାମୁଦ୍ରିକ ଥାନାରେ ଗୋପାଳ ଏତଲା ଦେଇଥିଲେ । ସେଠାରେ ଟଙ୍କା ନେଇଥିବା କଥାକୁ ନିରଞ୍ଜନ ସ୍ୱୀକାର କରିବା ସହ ଥାନା ମାଧ୍ୟମରେ ଟଙ୍କା ଦେଇଦେବେ ବୋଲି ଲିଖିତ ଭାବେ ଜଣାଇଥିଲେ । ପରେ ଫୋନ୍ ଉଠାଇ ନ ଥିଲେ କି ଦେଖା ଦେଇ ନ ଥିଲେ । ଟଙ୍କା ଦେବା ବଦଳରେ ଥାନା ମୋ' ହାତରେ ବୋଲି ଧମକ ଦେଉଥିବା ପ୍ରକାଶ କରିଛନ୍ତି ଗୋପାଳ । ପ୍ରାୟ ୬ ବର୍ଷ ହୋଇଗଲାଣି ଟଙ୍କା ଫେରି ପାଇବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ବର୍ତ୍ତମାନ ପାରାଦୀପ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି ଗୋପାଳ ।

## ଗାଦିବ୍ରହ୍ମ ଡ୍ରାମାଟିକ୍ କ୍ଲବ୍ ନାଟକ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ, ୨୫ା୫(ସମିସ): ଗାଦିବ୍ରହ୍ମ ଡ୍ରାମାଟିକ୍ କ୍ଲବ ପକ୍ଷରୁ ପାରାଦୀପଗଡ ପଞ୍ଚାୟତର ଚୂନ ଓ କତକୁଳା ଦୁଇଟି ଗ୍ରାମର ସ୍ଥାନୀୟ କଳାକାରଙ୍କୁ ନେଇ ଦୁଇଦିନିଆ ନାଟକ ଆୟୋଜିତ ହୋଇଯାଇଛି । ପାରାଦୀପଗଡ଼ ଚୂନବେଲାରୀ ଖେଳ ପଡ଼ିଆରେ ଆୟୋଜିତ ନାଟକ ମହୋତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ସାହିତ୍ୟିକ ଗୋଲାପରାଣୀ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ, ସାରଦା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅନୁଷ୍ଠାନ ଦୀର୍ଘ ୪୨ ବର୍ଷର ଅନୁଷ୍ଠାନ ହୋଇଥିବାବେଳେ ୧୨ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣକୁ ବନ୍ଦ ରଖାଯାଇଥିଲା । ପୂର୍ବଭଳି ଚଳିତଥର ଦୁଇଟି ନାଟକ ମଞ୍ଚସ୍ଥ କରିଛି ଗାଦିବ୍ରହ୍ମ ଚୂନବେଲାରୀ ଡ୍ରାମାଟିକ୍ କ୍ଲବ । ପ୍ରଥମ ଦିବସରେ 'କେତେ ଦୁଃଖ ଦେବୁ ଦେ ଦଇବ' ଓ ଦିତୀୟ ଦିବସରେ 'ସବୁ ଉପର ବାଲାର ଖେଳ' ମଞ୍ଚସ୍ଥ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ସମାଜକୁ ଦିଗଦର୍ଶନ ଦେବା ଓ ଭାଇଚାରା ବଜାୟ ରଖିବା ସହିତ ଏ ଅଞ୍ଚଳର କଳା ପ୍ରତିଭାକୁ ଅନ୍ୱେଷଣ କରିବା । ପଲ୍ଲୀରେ ଥିବା କଳାକାର କିପରି ନିଜର ପ୍ରତିଭାକୁ ପ୍ରତିପାଦିତ କରି ଯାତ୍ରା ଜଗତରେ ନିଜେ ସକ୍ଷମ ହେବେ ଏହା ଡ୍ରାମାଟିକ୍ କ୍ଲବର ଲକ୍ଷ୍ୟ ରହିଛି । ଏହି ଦୁଇଦିନିଆ ନାଟକ ପରିବେଷଣ ଚୂନ କତକୁଳା ଗ୍ରାମରେ ଭାଇଚାରାର ମାହୋଲ ସୃଷ୍ଟି କରିଥିବାବେଳେ ମଞ୍ଚସ୍ଥ ନାଟକକୁ ସ୍ଥାନୀୟ ପ୍ରତିନିଧିଙ୍କ ସମେତ ଗ୍ରାମର ବହୁ ବରିଷ୍ଠ ମୁରବୀ ଉପଭୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ



ପାରାଦୀପ,୨୫ା୫(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୨ତମ 'ମନ କି ବାତ' କାର୍ଯ୍ୟକ୍ରମ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ରଙ୍ଗିଗଡ଼ସ୍ଥ ବାସଭବନରେ ଅନୁଷ୍ଠିତ ହୋଇଛି । ଆଜି ସମଗ୍ର ଦେଶ ଆତଙ୍କବାଦୀ ବିରୁଦ୍ଧରେ ଏକଜୁଟ । ଅପରେସନ ସିନ୍ଦୂର ସମୟରେ ଆମ ଯବାନ ଯେଉଁ ବୀରତ୍ୱ ଓ ପରାକ୍ରମ ଦେଖାଇଛନ୍ତି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏଥିସହ 'ବନ୍ୟ ପ୍ରାଣୀ ସଂରକ୍ଷଣ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ କରିବା ସହିତ ଡ୍ରୋନ୍ ଦିଦିଙ୍କ କଥା, ଯୋଗର ଉପାଦେୟତା ଓ ଯୋଗ ଦିବସ ପାଳନର ମହତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉପସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ କଥା ପ୍ରକାଶ କରିବା ସହ ମକାଲୁ ପର୍ବତର ଶୀର୍ଷ ସ୍ଥାନକୁ ଆଇଟିବିପି ଟିମ୍ ସଫେଇ କରିବାର ପ୍ରଶଂସା କରିଛନ୍ତି । ଖେଲ ଇଣ୍ଡିଆ ୟୁଥ ଗେମ୍ସ ସମ୍ପର୍କରେ କହିବା ସହ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ସମେତ ସମସ୍ତ ରାଜ୍ୟର ଖେଳାଳି ଓ ପଦକ ବିଜେତାଙ୍କ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ଦଳୀୟ କର୍ମକର୍ତ୍ତା, କର୍ମୀ, ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଉପସ୍ଥିତ ଥିଲେ । ପାରାଦୀପଗଡ ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟରେ ମନ କି ବାତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନୀଜୀବୀ ସଞ୍ଜୟ ବେହେରା, ବିଷ୍ଣୁଚରଣ ସାହୁ, ଦେବଦୁର୍ଲଭ କର ଓ ଚନ୍ଦ୍ରଶେଖର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଜଗତସିଂହପୁର,୨୫ା୫(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପାକନପୁର ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଜଣେ ବୁଲେଟ ଆରୋହୀଙ୍କ ମୃତ୍ୟୁ ହୋଇଛି । ସଦର ଥାନା ଅନ୍ତର୍ଗତ ଓଡ଼ିଶୋ (ବାଲିକୁଦ) ଗ୍ରାମର ପିନୟ ନନ୍ଦ ରବିବାର ଅପରାହ୍ନରେ ବୁଲେଟ୍‌ରେ ମାମୁଁ ଘରକୁ ଯାଉଥିବାବେଳେ ପାକନପୁର ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ପିନୟଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## ରଥଯାତ୍ରା ପାଇଁ ଇଫ୍‌କୋ ପକ୍ଷରୁ ଦୁଇ ଶହ ବ୍ୟାରିକେଟ୍ ପ୍ରଦାନ

ପାରାଦୀପ,୨୫ା୫(ସମିସ)

ଆଗାମୀ ରଥଯାତ୍ରା ନିମନ୍ତେ ଇଫ୍‌କୋ ସାର କାରଖାନା ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଦୁଇ ଶହ ରୋଡ୍ ବ୍ୟାରିକେଟ୍ ପ୍ରଦାନ କରାଯାଇଛି । ରବିବାର ପୁରୀ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଇଫ୍‌କୋର ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର, ଇଫ୍‌କୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପୁରୀ ଜିଲ୍ଲା ପ୍ରଶାସନକୁ ଏହି ରୋଡ୍ ବ୍ୟାରିକେଡ୍ ପ୍ରଦାନ କରିଛନ୍ତି । ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ







ସମାଗମ ହେବ । ଏହି ସମୟରେ ସମଗ୍ର ପୁରୀ ସହର ସମେତ ପୁରୀକୁ ଯୋଗାଯୋଗ କରୁଥିବା ରାସ୍ତାରେ ଯାନବାହନ ଗହଳି ହେବା ସହ ଲୋକଙ୍କ ଭିଡ ବଢ଼ିବ । ଏହାକୁ ଦୃଷ୍ଟିରେ ରଖି ରୋଡ୍ ବ୍ୟାରିକେଟ୍‌ର ଆବଶ୍ୟକତା ପୂରଣ କରିବା ପାଇଁ ଇଫ୍‌କୋ ପାରାଦୀପ ୟୁନିଟ୍ ଏହି ପଦକ୍ଷେପ ନେଇଛି । ଯାହାକି ଶୃଙ୍ଖଳିତ ଭାବେ ରଥଯାତ୍ରା ପରିଚାଳନାରେ ସଫଳତା ମିଳିବ । ଏହି ମହାନ କାର୍ଯ୍ୟରେ ଇଫ୍‌କୋ ତା'ର ସହଭାଗିତା ଯୋଗାଇ ଦେବା ଇଫକୋ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି ଇଫ୍‌କୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର । ଏଥିସହିତ ଭକ୍ତଙ୍କ ନିମନ୍ତେ ଇଫ୍‌କୋ ପକ୍ଷରୁ ମାଗଣାରେ ପ୍ରସାଦ ବଣ୍ଟନ କରାଯିବ, ଯାହା ବିଗତ ବର୍ଷମାନଙ୍କରେ ଚାଲିଥିଲା । ଚଳିତ ବର୍ଷ ମଧ୍ୟ ଏହା ବଳବତ୍ତର ରହିବ ବୋଲି ସେ ସୂଚନା ଦେଇଥିଲେ । କେବଳ ଶିଳ୍ପ ଓ କୃଷକଙ୍କ ବିକାଶରେ ନୁହେଁ, ସମଗ୍ର ମାନବ ସମାଜର କଲ୍ୟାଣରେ ଇଫ୍‌କୋ ତା'ର ସହଭାଗିତା ବଜାୟ ରଖିଛି ।

## ପରଜଙ୍ଗ ବାଇପାସ୍ ନିକଟରେ ଓଲଟିଲା ବସ୍; ଚାଳକ ଫେରାର

ପରଜଙ୍ଗ, ୨୫।୫(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅନ୍ତର୍ଗତ ପିଡିରି ଦିଗରୁ ପରଜଙ୍ଗ ବାଇପାସ୍ ଦେଇ କାମାକ୍ଷାନଗର ଦିଗକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଉପରେ ସକାଳୁ ସକାଳୁ ଓଡ଼ି ୧୯ ଜେଡ ୫୨୭୩ ନମ୍ବର ବିଶିଷ୍ଟ ଟିଙ୍କୁ ଆଣ୍ଡ ସାଲୁ ନାମକ ବସ୍ ଓଲଟି ପଡ଼ିଥିଲା। ବସଟି କାମାକ୍ଷାନଗର ଦିଗରୁ ଆସୁଥିବା ବେଳେ ପରଜଙ୍ଗ ବାଇପାସ୍ ନିକଟରେ ଭାରସାମ୍ୟ ହରାଇଥିଲା। ଗାଡ଼ିରେ କୌଣସି ଯାତ୍ରୀ ନଥିବା ସୂଚନା ମିଳିଛି; ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି।



ଜାତୀୟ ରାଜପଥର ଖଇରାମୁଣ୍ଡା ଓ ମଣ୍ଡେଇଲୋ ଛକ ମଧ୍ୟଭାଗରେ ଏକ ଟୋଲଗେଟ୍ ରହିଛି। ଦୀର୍ଘ ବର୍ଷ ଧରି ଅସମ୍ପୂର୍ଣ୍ଣ ଥିବା ରାଜପଥ ପୂର୍ଣ୍ଣାଙ୍ଗ ହୋଇ ନଥିବା ବେଳେ ଟୋଲ ଗେଟରେ ଫି' ଆଦାୟ କରିବାରେ ଅବହେଳା ନାହିଁ। ଏହି ଟୋଲ ଗେଟ୍‌ଠାରୁ ପରଜଙ୍ଗ ବାଇପାସ୍ ଦେଇ ଡିହଡୋଳ ପର୍ଯ୍ୟନ୍ତ ରାଜପଥ ଉପରେ ହାତିଲୁଚାଣି ଛକ ନିକଟରେ ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି ଘୋଡାଡିଆଁ ନାଳ ପୋଲ। ବାଇପାସ୍ ଛକଠାରୁ ଅଳ୍ପ ଦୂରରେ ପଡ଼ିରହିଛି ଅଧାପନ୍ତରିଆ ଭାବେ ବିରାଟ ଖାଲଖମା ରାସ୍ତା। ଏହି ଖାଲରେ ପଥଚାରୀମାନେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ହେଁ ଏନଏଚଆଇ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିନାହିଁ। ଯାହାଫଳରେ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଛି।

## ଜାତୀୟ ରାଜପଥ ଦେଉଛି ଯମଯନ୍ତ୍ରଣା



ହିନ୍ଦୋଳ, ୨୫।୫(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାର ନିକଟସ୍ଥ ପୋଡାପଡାଠାରେ ନିର୍ମାଣାଧୀନ ହାତୀ ଚଲାପଥ ସୁଡ଼ଙ୍ଗ ନିର୍ମାଣର ଅହେତୁକ ବିଳମ୍ବ ସହିତ ଠିକାଦାର ଯେଉଁ ସର୍ଭିସ୍ ରୋଡ କରିଛନ୍ତି ତାହା ମରାମତି କରାଯାଉ ନଥିବାରୁ ସେହି ଖାଲଖମଣ ରାସ୍ତାରେ ଅନେକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଫଳରେ ଅନ୍ୟାନ୍ୟ ଗାଡି ମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଉକ୍ତ ସୁଡ଼ଙ୍ଗ ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ କରିବା କଥା କିନ୍ତୁ ଠିକାଦାର ଗୋଟିଏ ପଟରେ ସର୍ଭିସ୍ ରୋଡ କରିଛନ୍ତି। ତାହା ଆବଶ୍ୟକ ମରାମତି କରାଯାଉ ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତାରେ ଅନେକ ଦିନ ଗାଡି ଚଳାଚଳରେ ବ୍ୟାଘାତ ହେଉଥିବା ଜଣାପଡିଛି। ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଖରାତରାରେ ଠିଆ ହୋଇ ରହିବାକୁ ପଡୁଛି। ଆଜି ସକାଳ ୭ରୁ ଅପରାହ୍ନ ୬ ପର୍ଯ୍ୟନ୍ତ ରାସ୍ତା ଜାମ ହଟି ନଥିଲା। ବଜାର ମଧ୍ୟରେ ହିନ୍ଦୋଳ ରୋଡ ଫାଣ୍ଡି ରହିଥିଲେ ମଧ୍ୟ ସେମାନେ ଘଟଣାସ୍ଥଳରେ ନପହଞ୍ଚିବା ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଢେଙ୍କାନାଳ ଜାତୀୟ ରାଜପଥ ଏପିଡି କହିଥିଲେ, ଆଉ ଗୋଟିଏ ସପ୍ତାହ ମଧ୍ୟରେ ହାତୀ ଚଲାପଥ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ।

## ସାବିତ୍ରୀ ବ୍ରତ ପାଇଁ ବଜାର ଚଳଚଞ୍ଚଳ

ଭୁବନ, ୨୫।୫(ସମିସ):



ସ୍ୱାମୀଙ୍କ ଦୀର୍ଘାୟୁ ମନାସି ସଧବା ମହିଳା ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି। ବଜାରରେ ଏଥିପାଇଁ ପ୍ରବଳ ଭିଡ଼। ଆମ୍ବ, ପଣସ ଓ ସପୁରି ଭଳି କିଛି ଦେଶୀ ଫଳକୁ ଛାଡ଼ିଦେଲେ ବାକି ସବୁ ବିଦେଶୀ ଓ ଆମଦାନୀ ହେଉଥିବାରୁ ସେସବୁର ଦର ଏବେ ଆକାଶଛୁଆଁ। ବର୍ତ୍ତମାନ ବଜାରରେ ବାଇଗଣ ପଲେଇ କିଲୋ ୭୦ ଟଙ୍କା, ସୁନ୍ଦରୀ ଆମ୍ବ କିଲୋ ୧୦୦ ଟଙ୍କା, ପଣସ ୫୦ରୁ ୨୦୦ ଟଙ୍କା ମଧ୍ୟରେ (ଆକାର ନେଇ), ଅଙ୍ଗୁର ୧୪୦ ରୁ ୧୬୦ ଟଙ୍କା ମଧ୍ୟରେ (ବିଭିନ୍ନ କିସମର), ସେଓ ୨୫୦ ଟଙ୍କା, ବେଦନା ୨୪୦ ଟଙ୍କା, କମଳା ୧୫୦ ଟଙ୍କା, ଲିଚୁ କୋଳି କିଲୋ ୨୦୦ ଟଙ୍କା, କଦଳୀ ଡଜନ ୮୦, ନଡ଼ିଆ ୫୦ରୁ ୭୦, ଖଜୁରୀ ୧୦୦, ତାଳ ୧୦ରୁ ୨୦ ୨୦ ଟଙ୍କାରେ ବିକ୍ରି ହେଉଛି। ନବ ବିବାହିତାଙ୍କ ପାଇଁ ବାପଘରୁ ସାବିତ୍ରୀ ଭାର ଯିବାର ପରମ୍ପରା ରହିଛି। ଆଜି ଅପରାହ୍ନରେ କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବାରୁ ପାଗରେ ସାମାନ୍ୟ ଶିଥିଳତା ଆସିଛି। ଫଳରେ ସନ୍ଧ୍ୟା ପରେ ବଜାରରେ ଗହଳି ଜମାଟ ବାନ୍ଧିଛି। ବଜାରରେ ଫଳର ସମ୍ଭାର; ହେଲେ ଦର ଖସୁନି।

## ଆମ୍ବ ପଚାଇବା ପାଇଁ ବିଷାକ୍ତ କାର୍ବାଇଡ୍



ଭୂବନ, ୨୫।୫(ସମିସ): ଢେଙ୍କାନାଳ ଜିଲାର ଗଅଁନ୍ଦ, କଙ୍କଡାହାଡ଼, ଭୂବନ, ଢେଙ୍କାନାଳ ଆଦି ଅଞ୍ଚଳରୁ ବେପାରୀମାନେ ଆମ୍ବ ପାଚିଲା ପୂର୍ବରୁ ତୋଳି ଆଣୁଛନ୍ତି। ଏହାକୁ ଗୋଦାମ ଘରେ ରଖି ଖାଇବ କାର୍ବାଇଡ ଦେଇ ପଚାଇ ବିକ୍ରି କରୁଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିଲେ ମଧ୍ୟ ତାହାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉ ନାହିଁ। କ୍ୟାଲସିୟମ କାର୍ବାଇଡ଼ରୁ ଏସିଟିଲିନ୍ ଗ୍ୟାସ୍ ବାହାରୁଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚା ଯାଏ। ସେହି ଫଳରେ ଏହି ଗ୍ୟାସ ରହିଥାଏ। ଏହାକୁ ଖାଇଲେ କ୍ୟାନସର, ଥାଇରଏଡ, ପାଟି ଭିତରେ ଘା, ପେଟ ରୋଗ, ଏଲର୍ଜି ପ୍ରଭୃତି ରୋଗ ଦେଖା ଦେଉଥିବା ବେଳେ ବୃଦ୍ଧବୃଦ୍ଧାଙ୍କ ଶରୀରରେ ଆଜ୍‌ମା ରୋଗ ଦେଖା ଦେଇଥାଏ। କେବଳ ଆମ୍ବ ନୁହେଁ କ କଦଳୀ, ସପୁରି, ପଣସ, ଖଜୁରୀ ଆଦିରେ କ୍ୟାଲସିୟମ କାର୍ବାଇଡ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ତାହାର ଯାଞ୍ଚ କରିବା ପାଇଁ ଦାବି ହେଉଛି। ସ୍ୱାସ୍ଥ୍ୟ ବିଭାଗର ପକ୍ଷରୁ ଫଳ ବେପାରୀ ଏବଂ ଚାଷୀମା ମାନଙ୍କ ମଧ୍ୟରେ କ୍ୟାଲସିୟମ କାର୍ବାଇଡର ଭୟାବହତା ସମ୍ବନ୍ଧରେ ସଚେତନତା କରାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ଢେଙ୍କାନାଳ ମହାବିଦ୍ୟାଳୟର ଶୌଚାଳୟ ନିର୍ମାଣକୁ ବିରୋଧ

ଢେଙ୍କାନାଳ, ୨୫।୫(ସମିସ): ଢେଙ୍କାନାଳ କଲେଜ ପୁରାତନ ଛାତ୍ର ସଂସଦ ଏବଂ କଲେଜର ଛାତ୍ର ପ୍ରତିନିଧିଙ୍କ ମିଳିତ ଆନୁକୂଲ୍ୟରେ କମିଟିର ସଭାପତି ଅଭୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଢେଙ୍କାନାଳ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ପୌରପରିଷଦ ତରଫରୁ ବେନିୟମ ଭାବେ ନିର୍ମାଣାଧୀନ ଶୌଚାଳୟର କାମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ସ୍ଥିର ହୋଇଛି। ପୁରାତନ ଛାତ୍ର ସଂସଦ ଓ ଛାତ୍ର ପ୍ରତିନିଧିମାନେ ଆସନ୍ତା ୨୭ରେ ଢେଙ୍କାନାଳ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଏକ ମିଳିତ ଦାବିପତ୍ର ଦେବା ନିମନ୍ତେ ସ୍ଥିର କରିଛନ୍ତି। ଏହି ମର୍ଯ୍ୟାଦାପୂର୍ଣ୍ଣ ଶିକ୍ଷାନୁଷ୍ଠାନରେ ଏପରି ଏକ ମନମୁଖୀ କାର୍ଯ୍ୟକୁ ବୈଠକରେ ନିନ୍ଦା କରାଯିବା ସହିତ ଢେଙ୍କାନାଳ ବୁଦ୍ଧିଜୀବୀ ପକ୍ଷରୁ ଏହି ବିରୋଧକୁ ଶାସନ ଓ ପ୍ରଶାସନ ଦୃଷ୍ଟି ଦେବେ ବୋଲି ପୁରାତନ ଛାତ୍ର ସଂସଦ ଆଶାବ୍ୟକ୍ତ କରିଛି। ବୈଠକରେ ପରେଶ ମିଶ୍ର, ନବୀନଚନ୍ଦ୍ର ନାରାୟଣ ଦାସ, ପ୍ରଫୁଲ୍ଲ ପଟ୍ଟନାୟକ, ଶରତ ସାହୁ, ସନ୍ଦୀପ ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଅଭିଜିତ ମହାପାତ୍ର, ଓମପ୍ରକାଶ ନାୟକ, ମୁକେଶ ପଣ୍ଡା, ବିଷ୍ଣୁପ୍ରସାଦ ସାମଲ, ଲକ୍ଷ୍ମୀଧର ରାଜ, ସର୍ବେଶ୍ୱର ପ୍ରଧାନ, ରଞ୍ଜନ ନାୟକ, ଏରିଆନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ପୀୟୂଷ ଓ ସଙ୍ଗୀତାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ




ଢେଙ୍କାନାଳ,୨୫।୫(ସମିସ): ଓଡ଼ିଶା ରାଜୀବ ଗାନ୍ଧୀ ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡିର ମିଳିତ ସହଯୋଗରେ ଜୟଦେବ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ୧୪୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେଥିମଧ୍ୟରୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ବାଣିଜ୍ୟ ଛାତ୍ର ପୀୟୂଷ ଅଗ୍ରୱାଲ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ୨୦୨୫ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ରାଜ୍ୟ ଶ୍ରେଷ୍ଠ ରେଡ୍‌କ୍ରସ୍ ଭଲ୍ୟୁଣ୍ଟିୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେହିପରି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସଙ୍ଗୀତା ସାହୁଙ୍କୁ ଜାତୀୟ ସେବା ଯୋଜନାରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ଏବଂ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ହିନ୍ଦୋଳ ବନାଞ୍ଚଳର କଦଳୀପାଳ ନାଳରେ ଦୁଇ ଦନ୍ତା ହାତୀଙ୍କ ଜଳକ୍ରୀଡ଼ା

## ପରଜଙ୍ଗ ବିଦ୍ୟୁତ୍ ଉପଭୋକ୍ତାଙ୍କ ବୈଠକ



ପରଜଙ୍ଗ, ୨୫।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମର ୪ ଶହରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ପାଣିପଞ୍ଚାୟତ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଗ୍ରାମରେ ଦୀର୍ଘ ବର୍ଷ ଧରି ସ୍ୱତନ୍ତ୍ର ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି ରହିଥିବା ବେଳେ ଏହା ଆଜି ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିଛି। ବର୍ତ୍ତମାନ ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୩୩ କେଭି ମୁଖ୍ୟ ଲାଇନ୍ ଉପରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବା, ଉପଭୋକ୍ତାଙ୍କୁ ସଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା, ବର୍ତ୍ତମାନ କମ୍ପାନୀର ଏସଡିଓ ଓ ଜେଇଙ୍କୁ ବଦଳି କରିବା ଭଳି କେତେକ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପରେ ପରଜଙ୍ଗ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି ସଭାପତି ଭାବେ ସୁବ୍ରତ କୁମାର ପରିଡ଼ାଙ୍କୁ ମନୋନୀତ କରାଯାଇଥିବା ବେଳେ ଶ୍ରୀନିବାସ ବେହେରାଙ୍କୁ ଉପସଭାପତି ଭାବେ ନିର୍ବାଚିତ କରାଯାଇଛି। ସମ୍ପାଦକ ଦୁର୍ଗାଚରଣ ପାତ୍ର, ସହସମ୍ପାଦକ ଲୋକେଶ ଦଳବେହେରା, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ସାମନ୍ତ ମନୋନୀତ କରାଯାଇଛି। ସାମ୍ବାଦିକ ନିର୍ମଳ ଗଡ଼ନାୟକ ଓ ନିଗମାନନ୍ଦ ଦଳବେହେରା, ଆଇନଜୀବୀ ପ୍ରଦୀପ କୁମାର ସାମନ୍ତ ଓ ବେଣୁଧର ସାହୁ କମିଟିର ଉପଦେଷ୍ଟା ରହିଛନ୍ତି। ଅନ୍ୟ ସହଯୋଗୀ ଉପଦେଷ୍ଟାଙ୍କ ମଧ୍ୟରେ ଗୌରହରି ଦାସ, ହେମନ୍ତ କୁମାର ସାମଲ, ରବିନାରାୟଣ ଦେହୁରୀ, ଅଶୋକ କୁମାର ସୁବାହୁସିଂହ, ନଗେନ ବିନାୟକ, ବସନ୍ତ କୁମାର ସେଠ, ଶାନ୍ତନୁ କୁମାର ସାମଲ ଓରଫ ଜିତୁ, ଛବି ନାରାୟଣ ସାମଲ, ଅନ୍ତର୍ଯ୍ୟାମୀ ସାମଲ, ବିନୟ କୁମାର ଦଳବେହେରା, ସୁବ୍ରତ କୁମାର ଦାସ ଓରଫ ପିଣ୍ଟୁ, ବିଭୂତି ଭୂଷଣ ସାମଲ, ରିଣ୍ଟୁ ଦାସଙ୍କ ନାମ ଘୋଷଣା କରାଯାଇଛି।

### ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଘୋଷଣାକୁ ବର୍ଷେ ପୂରିବ

## ଗୋବିନ୍ଦପୁର ସୂତାକଳ କାର୍ଯ୍ୟକ୍ଷମ ନେଇ ଏବେ ବି ପ୍ରଶ୍ନବାଚୀ

ଢେଙ୍କାନାଳ, ୨୫।୫(ସମିସ):



ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସୂତାକଳ ଦୀର୍ଘବର୍ଷ ହେବ ବନ୍ଦ ହୋଇପଡ଼ିଥିବାବେଳେ ରାଜ୍ୟସରକାରଙ୍କ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଗୋବିନ୍ଦପୁର ସୂତାକଳକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଯିବ ବୋଲି ଗତ ୨୦୨୩ ଜୁନ ୨୬ ତାରିଖରେ ଘୋଷଣା କରିଥିଲେ। ଏହି ଘୋଷଣା ମଧ୍ୟ ଅନ୍ୟ ଘୋଷଣାଗୁଡ଼ିକ ଭଳି କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଥବା ଗୋବିନ୍ଦପୁର କଳିଙ୍ଗ ସମବାୟ ସୂତାକଳରେ ୨୧ ବର୍ଷ ଧରି ତାଲା ଝୁଲୁଛି। ସ୍ଥାନୀୟ ଅଞ୍ଚଳ ଦିନେ ଗହଳଚହଳ ହୋଇ ରହିଥିବା ବେଳେ ଏବେ ଏଠାରେ ଜନଶୂନ୍ୟ ହୋଇପଡିଛି। ମନୁଷ୍ୟକୃତ ପରିଚାଳନାଗତ ତ୍ରୁଟି ଯୋଗୁଁ ଆର୍ଥିକ ସଙ୍କଟ ଏବଂ କିଛି ଅଧିକାରୀଙ୍କ ମନୋମୁଖୀ କାରବାର ଯୋଗୁଁ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଖତ ଖାଉଛି। ଢେଙ୍କାନାଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି କାରଖାନାକୁ ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନଯିବା ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇଥିଲା।

୧୯୭୯ରେ ତତକାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଆରମ୍ଭ ହୋଇଥିବା ଗୋବିନ୍ଦପୁର ସ୍ପିନିଂ ମିଲ ବା କଳିଙ୍ଗ ବୁଣାକାର ସମବାୟ ସମିତି ସ୍ପିନିଂ ମିଲ ସଦର ବ୍ଲକ ଗୋବିନ୍ଦପୁରଠାରେ ପ୍ରାୟ ୫୨ ଏକର ଜମିରେ ନିର୍ମାଣ ହୋଇଥିବା ଏହି ସୂତାକଳ ରାଜ୍ୟସରକାରଙ୍କ ୭୫ଭାଗ ଏବଂ ୨୫ ଭାଗ ଅର୍ଥ ଆଇଡିବିଆଇ, ଆଇଏଫସିଆଇ ଭଳି ବ୍ୟାଙ୍କରୁ ବୁଣାକାର ସମିତି ଦ୍ୱାରା ଋଣ ଆଣି ଏହି କାରଖାନା ପ୍ରତିଷ୍ଠା ହୋଇଥିଲା। ହଜାର ହଜାର ଶ୍ରମିକ ପ୍ରତ୍ୟକ୍ଷ ଭାବରେ ଏଠାରେ କାର୍ଯ୍ୟକରୁଥିବା ବେଳେ ପରୋକ୍ଷ ଭାବରେ ଲକ୍ଷାଧିକ ଶ୍ରମିକ ସହିତ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଏହାଉପରେ ନିର୍ଭର କରୁଥିଲେ। କାରଖାନାରେ ଉତ୍କୃଷ୍ଟ ମାନର ସୂତା ଉତ୍ପାଦନ କରାଯିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହା ଯୋଗାଇଦିଆଯିବା ସହିତ ରାଜ୍ୟବାହାରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଯୋଗାଣ ହେଉଥିଲା। ଏହି ସୂତାକଳ ଉପରେ ନିର୍ଭର କରି ଛୋଟ ଛୋଟ ପାୱାର ଲୁମ୍ ୟୁନିଟ୍ ଗଢିଉଠିବା ସହିତ ସିମିନଇରେ ବାରିପଦା ତକତପୁର ସହିତ ସମତାଳରେ ପାୱାରଲୁମ ସହିତ ରାଜ୍ୟର ବହୁ ପାୱାରଲୁମ ଏହା ଉପରେ ନିର୍ଭର କରୁଥିଲେ।

୧୯୯୬ ପର୍ଯ୍ୟନ୍ତ ଲାଭରେ ଚାଲୁଥିବା ସୂତାକଳକୁ କନଭରସନ ଜରିଆରେ ଜେଜେ ସ୍ପିନର୍ସକୁ ଚଳାଇବାକୁ ଦିଆଗଲା। ଗୋବିନ୍ଦପୁର ସୂତା ଦେଶରେ ଚାହିଦା ଯଥେଷ୍ଟ ରହିଥିବା ବେଳେ କଲିକତା ଏବଂ ଉଦୋରରୁ ତୁଳା ଆଣି ବ୍ୟବସାୟ କରୁଥିବା କେତେକ ଦଲାଲଙ୍କର କୋଟି କୋଟି ଟଙ୍କାର କ୍ଷତି ଦର୍ଶାଇଥିଲା। ଫଳରେ ସେମାନେ ଚକ୍ରାନ୍ତ ଆରମ୍ଭ କରିବା ସହିତ କିପରି ଗୋବିନ୍ଦପୁର ସୂତା କଳକୁ ଆର୍ଥିକ ଦୁରବସ୍ଥା ଦେଖାଇ ବନ୍ଦ କରିବେ ତାହାର ଚାଲ୍ ଆରମ୍ଭ ହୋଇଯାଇଥିଲା। ଦେଶରେ ଏକ ନମ୍ବର ସୂତା ଉତ୍ପାଦନ କରୁଥିବା ସୂତାକଳକୁ ଭଲ କପା ଯୋଗାଣ ହେବା ସହିତ ସୂତା ତିଆରି କରାଯାଉଥିବା ବେଳେ କେତେକ ଅସାଧୁ ଅଧିକାରୀ ମୁଖ୍ୟତଃ ଅଣଓଡିଆଙ୍କ ସହିତ ମିଶି ଖରାପ ସୂତା ଉତ୍ପାଦନ କରି ଯୋଗାଣ କଲେ। ଫଳରେ ବୁଣାକାରମାନଙ୍କ ପାଇଁ ବରଦାନ ପାଲଟିଥିବା ଗୋବିନ୍ଦପୁର ସୂତାକୁ ନାକଟେକିବା ସହିତ ଏହାର ସୁଯୋଗ ନେଇ ଦଲାଲ ମାନେ କମ ଦରରେ କଲିକତାରୁ ତୁଳା ଆଣି ଓଡିଶାରେ ଯୋଗାଇଦେଲେ। ପରିସ୍ଥିତି ଏଭଳି ହେଲା ସ୍ପିନଫେଡର କେତେକ ଅଧିକାରୀ ଗୋବିନ୍ଦପୁର ସୂତାକଳକୁ ସେହି କଲିକତାର ଦଲାଲଙ୍କୁ ଚଳାଇବା ପାଇଁ ଟେଣ୍ଡର ଦେଇଥିଲେ। ଶେଷରେ ଆର୍ଥିକ ଦୁରବସ୍ଥା ଦର୍ଶାଇ ସରକାର ୨୦୦୨ ନଭେମ୍ବର ୧୬ତାରଖରେ ପତ୍ରସଂଖ୍ୟା ୧୦୯୨୧ରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଲେ। ୧୯୭୯ରୁ ୨୦୦୨ ମସିହା ପର୍ଯ୍ୟନ୍ତ ସୁନାମ ଅର୍ଜନ କରିଥିବା ସୂତାକଳରେ ସବୁଦିନ ପାଇଁ ତାଲା ପଡିଗଲା। କାରଖାନା ପରିସରରେ ଥିବା ବିଦ୍ୟାଳୟ, ମନ୍ଦିର ଏବଂ କ୍ୱାର୍ଟର୍ସଗୁଡିକ ଏବେ ଭୂତ ଖାନାରେ ପରିଣତ ହୋଇଯାଇଛି। କାରଖାନାଟି ରିଜର୍ଭଜଙ୍ଗଲରେ ପରିଣତ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଶହଶହ ଶ୍ରମିକ ମାନେ କାର୍ଯ୍ୟ କରୁଥିବାବେଳେ ଅନ୍ୟକେତେକ ଶ୍ରମିକ ଦାଦନ ଶ୍ରମିକଭାବେ ରାଜ୍ୟବାହାରେ କାର୍ଯ୍ୟ କରୁଛନ୍ତି। ଗତ ୨ହଜାର ମସିହାରୁ ଭିଆରଏସ ମାଧ୍ୟମରେ ଶ୍ରମିକମାନଙ୍କୁ ଛଟେଇ କରିଦିଆଯାଇଥିବା ବେଳେ ଏହି କାରଖାନାକୁ ବନ୍ଦ କରିଦିଆଯାଇଛି। ପରୋକ୍ଷ ଭାବରେ ସୂତାକଳ ଉପରେ ନିର୍ଭର କରୁଥିବା ବୁଣାକାରମାନେ ଏବେ ଦାଣ୍ଡର ଭିକାରୀ ପାଲଟିଛନ୍ତି।

ଏହି ସୂତାକଳ ହେଉଛି ଜିଲ୍ଲା ଏବଂ ରାଜ୍ୟର ଗର୍ବ ଏବଂ ଗୌରବ। ଏହାର ପୁନରୁଦ୍ଧାର ପାଇଁ ସଚେତନ ନାଗରିକ ମଞ୍ଚ ସହିତ ଢେଙ୍କାନାଳ ବାସୀ ଏବଂ ସୂତାକଳର ଶ୍ରମିକ ମାନେ ଦାବୀ କରିଆସୁଥିଲେ। ବର୍ତ୍ତମାନ ମଧ୍ୟ ଢେଙ୍କାନାଳ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ସ୍ଥାନରେ ଥିବା ବୁଣାକାର ମାନେ କଲିକତା ଏବଂ ଆନ୍ଧ୍ର ଦଲାଲଙ୍କ ନିକଟରେ ସୂତାପାଇଁ ଧାଡ଼ି ବାନ୍ଧି ବସିଛନ୍ତି। କଲିକତାର ଦଲାଲ ମାନଙ୍କ ଯୋଗୁଁ ଓଡ଼ିଶାରେ ଗୋଟିଏ ହେଲେ ସ୍ପିନିଂ ମିଲ ଚାଲୁ ନଥିବା ବେଳେ ସେମାନଙ୍କ ଚାଲରେ ଏବେ ବୁଣାକାରମାନେ କଲିକତା ଉପରେ ନିର୍ଭର କରୁଥିବାର ଜଣାପଡିଛି। ଏହି ସୂତା ମିଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ କଲିକତା ଏବଂ ଆନ୍ଧ୍ରରୁ ଆସୁଥିବା ସୂତା ଉପରେ ତୁରନ୍ତ କଟକଣା ଲଗାଇବାକୁ ଦାବୀ କରାଯାଇଥିଲା। ରାଜ୍ୟସରକାର ଟେକ୍ସଟାଇଲ ପାର୍କ କରିବାପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାଗା ଖୋଜୁଥିବା ବେଳେ ନିଜସ୍ୱ ଜାଗାର ଭିତ୍ତିଭୂମି ରହିଥିବା ବେଳେ ଏହାଉପରେ ଦୃଷ୍ଟି ଦେଉ ନଥିବାର ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ରାଜ୍ୟ ବାହାରେ କାର୍ଯ୍ୟକରୁଥିବା ବେଳେ ଏହି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରାଗଲେ ସ୍ଥାନୀୟଅଞ୍ଚଳର ବିକାଶ ହେବା ସହିତ ଶ୍ରମିକ ମାନେ ନିଜ ବାସସ୍ଥାନ ଅଞ୍ଚଳରେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରିବାସହିତ ଜିଲ୍ଲା ତଥା ରାଜ୍ୟର ଆର୍ଥିକ ବିକାଶରେ ସହାୟକ ହେବବୋଲି ବୃଦ୍ଧିଜିବୀ ମହଲରେ ଦାବି କରାଯାଉଥିଲା। ରାଜ୍ୟରେସରକାର ବଦଳିବା ପରେ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂତାକଳକୁ ଚଳାଇବାକୁ ଉଦ୍ୟମ କରିବାକୁ ଘୋଷଣା କରିବା ପରେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟ ଆରମ୍ଭ ହୋଇନଥିବାର ଜଣାପଡିଛି।

### ଖଡ଼ଗପ୍ରସାଦ ଗ୍ରାମରୁ ଗଲା ତାଳଗଣ୍ଡି

## ରଥ ପାଇଁ ନିର୍ମାଣ ହେବ ଚାରମାଳ



ଢେଙ୍କାନାଳ,୨୫।୫ (ସମିସ): ଢେଙ୍କାନାଳ ଜିଲ୍ଲାର ଓଡାପଡା ବ୍ଲକ ଖଡ଼ଗପ୍ରସାଦ ଗ୍ରାମରୁ ପୁରୀରେ ୩ ରଥର ଚାରମାଳ ଓ ମାଳ ତିଆରି ପାଇଁ ୩୫ଟି ତାଳଗଛ ଗଣ୍ଡି କଟାଯାଇ ପଠାଯାଇଛି। ଢେଙ୍କାନାଳ ଓଡାପଡା ବ୍ଲକ ଖଡଗପ୍ରସାଦ ଗାଁରୁ ତାଳଗଣ୍ଡି ସବୁ କଟାଯାଇ ଦୁଇଟି ଟ୍ରକରେ ପୁରୀକୁ ପଠାଯାଇଛି। ଏଥିପାଇଁ ଖଡଗପ୍ରସାଦ ଓ ମେରାମେଣ୍ଡଳୀ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇ ସ୍ୱତନ୍ତ୍ର ପୂଜା ପାଠ କରିଥିଲେ। ମେରାମଣ୍ଡଳୀ ବଜାର ନିକଟସ୍ଥ ତାରିଣୀ ମନ୍ଦିରରେ ନାମ ସଂକୀର୍ତ୍ତନ କରାଯିବା ସହ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗଗନ ପବନ। ଗତ ମାସରେ ଖଡଗପ୍ରସାଦ ଗାଁରୁ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ୧୩ଟି ଫାସି ଗଛର କାଠ ମଧ୍ୟ ପଠାଯାଇଥିଲା। ପୁରୀ ରଥଯାତ୍ରା ନିମନ୍ତେ ଦୁଇ ଦୁଇ ଥର ରଥକାଠ ଯାଇଥିବାରୁ ଅଞ୍ଚଳବାସୀ ନିଜକୁ ଧନ୍ୟ ମନେ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୨୨ ଲୋକଙ୍କ ମୃତ୍ୟୁ।
- ୧୯୫୭- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୮ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।
- ୧୯୯୧- ବ୍ୟାଙ୍କକ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୨୩ ଜଣଙ୍କ ମୃତ୍ୟୁ।
- ୨୦୧୪-ନରେନ୍ଦ୍ର ମୋଦୀ ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

# କୁଟିକେୟାର

## ରୋଗୀ ଓ ବୟସ୍କଙ୍କ ମନୋବଳ ବଢ଼ାଉଛନ୍ତି ଛାତ୍ର



କେରଳର ପତନମତିଟ୍ଟା ଜିଲ୍ଲା ନେନ୍ଦୁବପୁରମ୍ ଗ୍ରାମ ପଞ୍ଚାୟତ ପିଲାମାନଙ୍କୁ ନିଶାଦ୍ରବ୍ୟ ତଥା ମୋବାଇଲ ଫୋନ୍ ବ୍ୟବହାରରୁ ଦୂରେଇ ରଖିବା ପାଇଁ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଏହା କୁଟିକେୟାର ନାମରେ ପରିଚିତ। ପିଲାଙ୍କୁ ସାମାଜିକ ସମ୍ପର୍କ ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନେ ଗାଁ ଗାଁ ବୁଲି ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକଙ୍କୁ ଭେଟିଥାନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ଶୀଘ୍ର ସୁସ୍ଥ ହେବା ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି। ୪ ଏପ୍ରିଲ୍, ୨୦୨୪ ମସିହାରେ ଏଭଳି ଏକ ପ୍ରୟାସର ଆରମ୍ଭ ହୋଇଥିଲା। ଛାତ୍ରମାନେ ଗାଁର ବିଭିନ୍ନ ୱାର୍ଡ ବୁଲି ବୃଦ୍ଧ କିମ୍ବା ରୋଗୀ ଥିବା ଲୋକଙ୍କ ପାଖରେ ପହଞ୍ଚିଥାନ୍ତି। ଏହାଦ୍ୱାରା ପିଲାଙ୍କଠାରେ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ହେଉଥିବାର ଲକ୍ଷ୍ୟ କରାଯାଇଛି। ଏମାନେ ରୋଗୀଙ୍କୁ ସାନ୍ତ୍ୱନା ଦେବା ସହ ଜରୁରୀ ସୂଚନା ମଧ୍ୟ ଦେଇଥାନ୍ତି। ସେହିପରି କୁଟିକେୟାରରେ ୧୬ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦିଆଯାଇଛି। ଆୟୁର୍ବେଦିକ ଡାକ୍ତର ଅଧିନେଶ ଗୋପନ ଏହି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଅଧିନେଶଙ୍କ କହିବା ଅନୁଯାୟୀ, ‘ପିଲାମାନେ ପ୍ରଥମେ ସର୍ଭେ କରି ଗାଁରେ ରୋଗୀମାନଙ୍କ ତଥ୍ୟକୁ ଏକତ୍ର କରନ୍ତି। ପରେ ସେହି ତଥ୍ୟକୁ ବିଶ୍ଳେଷଣ କରନ୍ତି। ଏଥିସହ ଗୋଟିଏ ମାସରେ ଅତି କମ୍‌ରେ ଜଣେ ହେଲେ ରୋଗୀକୁ ସେମାନେ ଭେଟିଥାନ୍ତି। ଅବଶ୍ୟ ପିଲାମାନେ ଚାହିଁଲେ ଅଧିକ ରୋଗୀଙ୍କୁ ମଧ୍ୟ ଭେଟି ପାରିବେ। ପ୍ରତିପିଲାଙ୍କୁ ଗୋଟିଏ ଗୋଟିଏ ଡାଏରୀ ଦିଆଯାଇଛି, ଯେଉଁଥିରେ ସେମାନେ ସେମାନଙ୍କ ଅନୁଭୂତି, ଭାବନା ଓ ରୋଗୀଙ୍କ ସହ ଜଡ଼ିତ ତଥ୍ୟ ଲେଖନ୍ତି। ପିଲାଙ୍କ ଡାଏରୀଗୁଡ଼ିକ ଯାଞ୍ଚ ହୁଏ। ଏଥିସହ ସବୁଠୁ ଭଲ ସେବା ପ୍ରଦାନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଏ। ଏନ୍‌ସିସି ଓ ରେଡ୍‌କ୍ରସ୍‌ରେ ଭାଗ ନେଉଥିବା ପିଲାଙ୍କୁ ଗ୍ରେସ୍ ମାର୍କ ମିଳିଥାଏ। ସେହିଭଳି କୁଟିକେୟାରରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ପିଲାଙ୍କୁ ମଧ୍ୟ ଦ୍ୱାଦଶ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥାଏ।



## ‘ଲଭ୍ ଆଣ୍ଡ ୱାର୍’ ଓଜନ କମାଇଲେ ରଣବୀର, ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ବହୁତ ଜଲ୍‌ଦି ‘ଲଭ୍ ଆଣ୍ଡ ୱାର୍’ ଫିଲ୍ମରେ ନଜର ଆସିବେ। ତାଙ୍କ ସହ ଭିକି କୌଶଲ ଓ ଆଲିଆ ଭଟ୍ଟ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ତେବେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ପୂର୍ବରୁ ଭିକି ଓ ରଣବୀର ସେମାନଙ୍କ ଶରୀରରେ ପରିବର୍ତ୍ତନ ଆଣିଛନ୍ତି। ଉଭୟ ସେମାନଙ୍କ ଚରିତ୍ରକୁ ପରଦା ଉପରେ ସଫଳ ରୂପାୟନ ପାଇଁ ଓଜନ ହ୍ରାସ କରିଛନ୍ତି। ରଣବୀର ପାଖାପାଖି ୧୨ କେଜି ଓଜନ ହ୍ରାସ କରିଥିବାବେଳେ ଭିକି ୧୫ କେଜି କମାଇଛନ୍ତି। ‘ଲଭ୍ ଆଣ୍ଡ ୱାର୍’ର କାହାଣୀ ଯୁଦ୍ଧପୃଷ୍ଠ ଭୂମି ଉପରେ ଗଢ଼ିଉଠିଥିବା ଏକ ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ। ସଞ୍ଜୟ ଲୀଲା ଭଁସାଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ରଣବୀର, ସଞ୍ଜୟଙ୍କ ଫିଲ୍ମ ‘ସାଓଁରିୟା’ରେ କାମ କରିଥିଲେ। ତେବେ ଭିକି ପ୍ରଥମ ଥର ପାଇଁ ସଞ୍ଜୟଙ୍କ ସହ କାମ କରୁଛନ୍ତି। ଏହା ୨୦୨୬ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

## ଦୋକାନରେ ନାହାନ୍ତି ଦୋକାନୀ

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ କିଛି ଦୋକାନ ଏମିତି ଅଛି, ଯେଉଁଠି କୌଣସି ଦୋକାନୀ ନାହାନ୍ତି। ଏଠାରେ ଗ୍ରାହକଙ୍କ ହାତକୁ ଜିନିଷ ଦେବା ପାଇଁ ନା ଦୋକାନୀ ଥାଆନ୍ତି ନା ଦୋକାନକୁ ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ। ଏଠାରେ ଗ୍ରାହକଙ୍କ ଭରସାରେ ହିଁ ଦୋକାନ ଚାଲେ। ଗ୍ରାହକ ଦୋକାନକୁ ଆସନ୍ତି ଏବଂ ଟଙ୍କା ଦେଇ ଆବଶ୍ୟକ ଜିନିଷ କିଣନ୍ତି। ଏ ଲାଗି ସ୍ୱୟଂଚାଳିତ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଗ୍ରାହକ ମେସିନ୍‌ରେ ଟଙ୍କା ପୈଠ କରି ନିଜ ମନ ମୁତାବିକ ଜିନିଷ କିଣନ୍ତି। କେବଳ ଦୋକାନ ନୁହେଁ, ଏଠାରେ ଥିବା କିଛି ବାର୍ ବି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଗ୍ରାହକଙ୍କୁ ପରଷିବା ପାଇଁ ଏଠାରେ ୱେଟର୍‌ଙ୍କ ସ୍ଥାନରେ ରୋବଟ୍ ଅଛନ୍ତି। ଲୋକେ ଦୋକାନରେ ଲାଗିଥିବା ମେସିନ୍‌ରେ ପେମେଣ୍ଟ କରିଥାନ୍ତି। ତେବେ ଦୋକାନରେ ଦୋକାନୀ ନ ରହିବାର ଏକ ନିର୍ଦ୍ଦିଷ୍ଟ କାରଣ ଅଛି। ସିଓଲରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ଏଭଳି ବ୍ୟବସ୍ଥାକୁ ପରିଚିତ କରାଯାଇଛି। ବିଶେଷକରି ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ଦ୍ରୁତ ଭାବେ କମୁଛି। ଫଳରେ ଦୋକାନ ତଥା ଅନ୍ୟ ସ୍ଥାନରେ କାମ କରିବା ପାଇଁ ଲୋକଙ୍କ ଅଭାବ ପରିଲକ୍ଷିତ ହେଉଛି। ଶ୍ରମିକଙ୍କ ଅଭାବ ଯୋଗୁଁ ମଜୁରି ମଧ୍ୟ ବଢ଼ୁଛି। ଏଭଳି ସ୍ଥିତିରେ କୌଣସି ଦୋକାନୀ ଲୋକଙ୍କୁ ରଖିବା ପରିବର୍ତ୍ତେ ରୋବଟ୍‌କୁ ରଖୁଛନ୍ତି। ଯାହାକି ସେମାନଙ୍କୁ ଶସ୍ତା ଓ ସୁବିଧାଜନକ ହେଉଛି।



## ସାବିତ୍ରୀ ଅମାବାସ୍ୟା

ଆଜି
ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।

ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା’ ସାବିତ୍ରୀ। ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି। ଅନ୍ନ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତି। ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।



# ଆସ୍ଥା



ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ ‘ନୌତପା’ ବା ‘ନୌତାପ’ କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇଛି ଏବଂ ଜୁନ୍ ୮ ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପମାତ୍ରା ଅଧିକ ରହେ। କୁହାଯାଏ କି, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। ତେବେ ଜାତକରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତାପରେ କିଛି ଉପାୟ ଆପଣାଇବା ଉଚିତ।


- ନୌତପା ସମୟରେ ନିତିଦିନ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତାପରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।

## ଜ୍ୟେଷ୍ଠ ମାସରେ ଜଳ ଦାନ

ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।

**ଜଳର ମହତ୍ତ୍ୱ:** ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା’ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## କାଚ ଭାଙ୍ଗିବା ଅଶୁଭ

ଘରେ କାଚ ଭାଙ୍ଗିବାକୁ ଅଶୁଭ ବୋଲି କୁହାଯାଏ। ଏହା ନକାରାତ୍ମକ ଶକ୍ତି, ଦୁର୍ଭାଗ୍ୟର କାରଣ ସାଜିଥାଏ। ତେବେ ବାସ୍ତୁ ଶାସ୍ତ୍ରରେ କାଚ ଭାଙ୍ଗିବା କେଉଁ ସଙ୍କେତ ଦିଏ, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, କାଚ ଭାଙ୍ଗିବା ଘରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ମାନସିକ ଅଶାନ୍ତି, ପାରିବାରିକ ଝଗଡ଼ା ଏବଂ ଅଶାନ୍ତି ବୃଦ୍ଧି ପାଏ।
- କାଚକୁ ମା’ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ ଭଙ୍ଗା କାଚ ରଖିବା ଲକ୍ଷ୍ମୀଙ୍କ ପ୍ରତି ଅସମ୍ମାନକୁ ସୂଚାଏ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜେ।
- ଭଙ୍ଗା କାଚ ପରିବାର ମଧ୍ୟରେ ଫାଟ ସୃଷ୍ଟି କରେ। ଏହା ପ୍ରେମ ଜୀବନକୁ ପ୍ରଭାବିତ କରିଥାଏ।
- ଶୁଭ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଫଳରେ କାର୍ଯ୍ୟରେ ବାରମ୍ବାର ବାଧା ଆସେ।
- ଘର ଦର୍ପଣ କାଚ ଭାଙ୍ଗିବାକୁ ମଧ୍ୟ ଅଶୁଭ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟ ଆଣେ ଓ ଆତ୍ମବିଶ୍ୱାସକୁ ପ୍ରଭାବିତ କରେ।

ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆରମ୍ଭ

# ସାବାଲେଙ୍କା, ଝେଙ୍ଗ୍‌ଙ୍କ ବିଜୟ



ପ୍ୟାରିସ,୨୫।୫(ସମିସ): ଐତିହାସିକ ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମରେ ବର୍ଷରୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି। ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଏକକରେ ବିଜୟର ନ ୧ ଖେଳାଳି ତଥା ଟପ୍ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ୬-୧, ୬-୦ ସିଧା ସେଟ୍‌ରେ ରୁଷିଆର କାମିଲା ରାଖିମୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ୍ ୬-୪, ୬-୩ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ, ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧,୬-୧ ସେଟ୍‌ରେ ତୁର୍କୀର ସେନେପ ସୋନମେଜଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଆମେରିକାର ୨୮ତମ ସିଡ୍ ଖେଳାଳି ପେଟୋନ ଷ୍ଟେର୍ଣ୍ଣସ ୦-୬, ୩-୬ ସେଟ୍‌ରେ ଜର୍ମାନୀର ଇଭା ଲିସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


## ଦ୍ୱିତୀୟ ରାଉଣ୍ଡରେ ଟମି ପଲ୍

ପୁରୁଷ ଏକକରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲ ପ୍ରଥମ ରାଉଣ୍ଡରେ ବିଜୟ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ପଲ୍ ୬-୭, ୬-୨, ୬-୩, ୬-୧ ମାରାଥନ ସେଟ୍‌ରେ ଡେନମାର୍କର ଏଲମେର ମୋଲୋରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫ୍ରାନ୍ସର ୩୧ତମ ସିଡ୍ ଜିଓଭାନି ଏମ୍‌ପେସି ପେରିକାର୍ଡ ୪-୬, ୬-୩, ୭-୬, ୬-୪ ସେଟ୍‌ରେ ବେଲଜିୟମର ଜିଜୋଉ ବେର୍ଗ୍‌ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ୨୮ତମ ସିଡ୍ ଆମେରିକାର ବ୍ରାଣ୍ଡନ ନାକାସିମା ୬-୭, ୬-୪, ୧-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ପ୍ରଥମ ରାଉଣ୍ଡରେ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ। ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ଆମେରିକାର ରେଇଲି ଓପେଲକା ୧-୬, ୬-୩, ୭-୫, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ପରାସ୍ତେ କରି ଅଗ୍ରଗତି କରିଛନ୍ତି। ସର୍ବିଆର ହମାଦ ମେଡଜେଡୋଭିକ ୬-୩, ୬-୩, ୭-୬ ସେଟ୍‌ରେ କାମିଲ୍ ମାଜଚରଜାକଙ୍କୁହ ହରାଇ ଅଗ୍ରଗତି କରିଛନ୍ତି।

ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରି

# ସିଜିନର ଦ୍ୱିତୀୟ ଟାଇଟଲ୍ ଜିତିଲେ ନୋରିସ୍

ମୋନାକୋ,୨୫।୫(ସମିସ): ମ୍ୟାକଲରେନ୍ ଡ୍ରାଇଭର ତଥା ବ୍ରିଟ୍ ଫର୍ମୁଲା-୧ ରେସନ ଲାଣ୍ଡୋ ନୋରିସ ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରିରେ ବାଜି ମାରିଛନ୍ତି। ରବିବାର ଅନୁଷ୍ଠିତ ଅନ୍ତିମ ରେସ୍‌ରେ ସେ ଫେରାରୀର ଚର୍ଲ୍ସ ଲେକଲେର୍କ ଓ ମ୍ୟାକଲରେନ ସାଥି ଡ୍ରାଇଭର ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ସେ ସିଜିନର ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସେ ସିଜିନ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରି ଟାଇଟଲ ହାସଲ କରିଥିଲେ। ସେହିପରି ରେଡବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଚତୁର୍ଥ ଓ ଫେରାରୀର ଲୁଇସ ହାମିଲଟନ ୫ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ୨୫ ବର୍ଷୀୟ ନୋରିସ୍ ଏପର୍ଯ୍ୟନ୍ତ ୭ଟି ସିଜିନ୍‌ରେ ଅଂଶଗ୍ରହଣ କରି ମୋଟ୍ ଉପରେ ୫ଟି ଗ୍ରାଁପ୍ରିରେ ଟାଇଟଲ ହାସଲ କରିଛନ୍ତି।



ଜର୍ମାନୀ କପ୍ ଫୁଟବଲ

# ୨୮ ବର୍ଷ ପରେ ଷ୍ଟର୍ଟଗାର୍ଟକୁ ପ୍ରଥମ ଟାଇଟଲ୍



ବର୍ଲିନ୍,୨୫।୫(ସମିସ): ଜର୍ମାନୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭିଏଫ୍‌ବି ଷ୍ଟର୍ଟଗାର୍ଟ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ ଷ୍ଟର୍ଟଗାର୍ଟ ୪-୨ ଗୋଲରେ ଥାର୍ଡ ଟାୟର ଦଳ ଅର୍ମିନିଆ ବିଏଲେଫେଲ୍ଡକୁ ପରାସ୍ତ କରି ଦୀର୍ଘ ୨୮ ବର୍ଷରେ ପ୍ରଥମ ଟାଇଟଲ ହାସଲ କରିଛି। ପୂର୍ବରୁ ୧୯୯୭ରେ ଷ୍ଟର୍ଟଗାର୍ଟ ପ୍ରଥମ ଜର୍ମାନ କପ୍ ଟାଇଟଲ ଜିତିଥିଲା। ସ୍ଥାନୀୟ ଅଲିମ୍ପିଆଷ୍ଟାଡିଅନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷ୍ଟର୍ଟଗାର୍ଟ ତରଫରୁ ଏଞ୍ଜୋ ମିଲୋଟ ୨୨ ଓ ୬୬ତମ ମିନିଟ୍‌ରେ ଦୁଇଟି, ନିକ ଓଲ୍ଟମେଡ୍ ୧୫ ଓ ଡେନିଜ ଉନଦାଭ ୨୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ସେହିପରି ଅର୍ମିନିଆ ତରଫରୁ ୮୨ତମ ମିନିଟ୍‌ରେ ଜୁଲିଆନ କାନିଆ ଗୋଲ ଦେଇଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଷ୍ଟର୍ଟଗାର୍ଟର ଜୋଶା ଭାଗନୋମାନଙ୍କ ଆତ୍ମଘାତୀ ଗୋଲ ଫଳରେ ଅର୍ମିନିଆ ପରାଜୟ ବ୍ୟବଧାନ କମିଥିଲା।

ଆଇପିଏଲ୍ ୧୮ ରେ କ୍ଲାସେନ୍‌ଙ୍କ ଶତକ; କୋଲକାତା ୧୧୦ ରନ୍‌ରେ ପରାସ୍ତ

# ପ୍ରଥମ ଓ ଶେଷରେ ହାଇଦରାବାଦ୍‌ର ଦମ୍‌ଦାର ବିଜୟ

ଦିଲ୍ଲୀ, ୨୫।୫ (ଏଜେନ୍ସି)

ହେନ୍‌ରିକ୍ କ୍ଲାସେନ (୧୦୫*) ଓ ଟ୍ରାଭିସ ହେଡ୍ (୬୮)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି। ଏହା ଫଳରେ ଦଳ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଆଇପିଏଲ୍-୧୮ ଅଭିଯାନ ଶେଷ କରିଛି। ଚଳିତ ଆଇପିଏଲ୍‌ରେ ହାଇଦରାବାଦ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ପରାସ୍ତ କରିଥିଲା। ଏଥିରେ ଇଶାନ କିଶାନ ଅପରାଜିତ ୧୦୬ ଓ ଟ୍ରାଭିସ୍ ହେଡ୍ ୬୭ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୨୮୬ (ଚଳିତ ସଂସ୍କରଣରେ ସର୍ବାଧିକ) ରନ୍ କରିଥିଲା। ଜବାବରେ ରାଜସ୍ଥାନ ୬/୨୪୨ ରନ୍ କରିଥିଲା। ସେହିପରି ଆଜି କ୍ଲାସେନ ୩୯ ବଲ୍‌ରେ ୧୦୫ ଓ ହେଡ୍ ୪୦ ବଲ୍‌ରେ ୭୬ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୭୮ ରନ୍ ବା ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିଥିଲା। ଜବାବରେ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ଆଉ ୮ଟି ବଲ ବାକିଥାଇ ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଦଳ ୧୧୦ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ଖେଳିବାରେ ସମର୍ଥ ହୋଇଥିଲା। ଏହି ବିଜୟ ପରେ ହାଇଦରାବାଦ୍ ୧୪ଟି ମ୍ୟାଚ୍‌ରୁ ୬ ବିଜୟ ସହ ୧୩ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ୟ ପକ୍ଷରେ କୋଲକାତା ୧୪ ମ୍ୟାଚ୍‌ରୁ ୫ ବିଜୟ ସହ ୧୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା କୋଲକାତା ରନ୍ ବ୍ୟବଧାନରେ ସର୍ବବୃହତ ପରାଜୟ ବରଣ କରିଛି। ବିଜୟୀ ଦଳର କ୍ଲାସେନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକୀୟ କ୍ଲାସେନ ୩୭ ବଲ୍‌ରେ ଶତକ ହାସଲ କରିବା ସହ ୩୯ ବଲ୍‌ରେ ୭ ଚୌକା ଓ ୯ ଛକା ସହ ୧୦୫ ରନ୍‌ରେ ଅପରାଜିତ ରହିଥିଲେ। ଫଳରେ ଆଇପିଏଲ୍ ଇତିହାସରେ କ୍ଲାସେନ ତୃତୀୟ ଯୁଗ୍ମ ଦ୍ରୁତତମ ଶତକ ହାସଲ କରିଥିଲେ। ତାଙ୍କ ବ୍ୟତୀତ ଟ୍ରାଭିସ ହେଡ୍ ୪୦ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୭୬, ଅଭିଷେକ ଶର୍ମା ୧୬ ବଲ୍‌ରେ ୩୨, ଇଶାନ କିଶାନ ୨୦ ବଲ୍‌ରେ ୨୯ ରନ୍ କରିଥିଲେ। ଜବାବରେ କୋଲକାତା ୧୮.୪ ଓଭରରେ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ନ ଥିଲାବେଳେ ମନୀଷ ପାଣ୍ଡେ ସର୍ବାଧିକ ୩୭, ହର୍ଷିତ ରାଣା ୩୪ ଓ ସୁନୀଲ ନାରାୟଣ ୩୧ ରନ୍ କରିଥିଲେ। ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦକତ, ଏଶାନ ମାଲିଙ୍ଗା ଓ ବାମହାତୀ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳକୁ ବଡ଼ ବିଜୟ ପ୍ରଦାନ କରିଥିଲେ।



**ଆଇପିଏଲ୍‌ରେ ୫ ଉଚ୍ଚତମ ସ୍କୋର**

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ |
|---|---|---|---|
| ହାଇଦରାବାଦ୍ | ୨୮୭/୩ | ବେଙ୍ଗାଲୁରୁ | ବେଙ୍ଗାଲୁରୁ |
| ହାଇଦରାବାଦ୍ | ୨୮୬/୬ | ରାଜସ୍ଥାନ | ହାଇଦରାବାଦ୍ |
| ହାଇଦରାବାଦ୍ | ୨୭୭/୩ | ମୁମ୍ବାଇ | ହାଇଦରାବାଦ୍ |
| କୋଲକାତା | ୨୭୨/୭ | ଦିଲ୍ଲୀ | ବିଶାଖାପାଟନମ |
| ହାଇଦରାବାଦ୍ | ୨୬୬/୭ | ଦିଲ୍ଲୀ | ଦିଲ୍ଲୀ |

**ଆଇପିଏଲ୍‌ରେ ଦ୍ରୁତତମ ଶତକ**

| ଖେଳାଳି | ବଲ୍ | ମ୍ୟାଚ୍ | ଭେନ୍ୟୁ |
|---|---|---|---|
| କ୍ରିସ୍ ଗେଲ୍ | ୩୦ | ବେଙ୍ଗାଲୁରୁ- ପୁଣେ | ବେଙ୍ଗାଲୁର |
| ବୈଭବ ସୂର୍ଯ୍ୟବଂଶୀ | ୩୫ | ରାଜସ୍ଥାନ- ଗୁଜରାଟ | ଜୟପୁର |
| ୟୁସୁଫ ପଠାନ | ୩୭ | ରାଜସ୍ଥାନ- ମୁମ୍ବାଇ | ମୁମ୍ବାଇ |
| ଡେଭିଡ ମିଲର | ୩୮ | ପଞ୍ଜାବ-ବେଙ୍ଗାଲୁରୁ | ମୋହାଲି |
| ଟ୍ରାଭିସ ହେଡ | ୩୯ | ହାଇଦରାବାଦ- ବେଙ୍ଗାଲୁରୁ | ବେଙ୍ଗାଲୁରୁ |

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

ଆସାମ ପ୍ରିମିୟର ଲିଗ୍

# କଳିଙ୍ଗ ୱାରିୟର୍ସ ଚାମ୍ପିଅନ




ଭୁବନେଶ୍ୱର, ୨୫।୫ (ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ଆସାମ ଚେସ୍ ପ୍ରିମିୟର ଲିଗ୍ ରବିବାର ଶେଷ ହୋଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ୱାରିୟର୍ସ ସର୍ବାଧିକ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଫ୍ରାଞ୍ଚାଇଜ୍‌ର ମାଲିକ ଅଲ୍ ଓଡ଼ିଶା ଚେସ ସଂଘ ରହିଛି। ଏହି ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ନେତୃତ୍ୱରେ କଳିଙ୍ଗ ୱାରିୟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସଫଳତା ପାଇଛି। ଏହି ଦଳରେ ଜିଏମ୍ ଅଙ୍କିତ ରାଜପାରା, ଅମେୟ ଗୁପ୍ତା, ଅମ୍ଲାନ ମହନ୍ତ, ମୃଣ୍ମୟ ରାଜଖୋୱା ପ୍ରମୁଖ ଭାଗ ନେଇଛନ୍ତି। ଓଡ଼ିଆ ଖେଳାଳି ସିଏମ୍ ହର୍ଷିତ ରଞ୍ଜନ ସାହୁ ଓ ଏଫ୍‌ଏମ୍ ରାଜେଶ ନାୟକ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। କଳିଙ୍ଗ ୱାରିୟର୍ସ ସର୍ବାଧିକ ୫.୫ ପଏଣ୍ଟ ପାଇଥିଲା। ପୁରସ୍କାର ବାବଦରେ ଓଡ଼ିଶା ଭିତ୍ତିକ ଦଳ ୩ ଲକ୍ଷ ଟଙ୍କା ଓ ଟ୍ରଫି ପାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲା। ଅନ୍ୟ ଦଳଗୁଡ଼ିକ ହେଲେ ଆକ୍ସମ ରାଇନୋସ ଚେକ୍‌ମେଟ୍ସ, ରାଞ୍ଚି କ୍ୟାପିଟାଲ୍ସ, ସାଉୟ ଚେକ୍‌ମେଟ୍ସ, ନାଇଟ୍ ମୁଭର୍ସ, ଏକ୍ସୁ ହବ୍ ଚେକ୍‌ମେଟ୍ସ, ବିଟିଆର୍ ୱାରିୟର୍ସ ଓ ୯୧ ୟାର୍ଡ୍ସ କ୍ଲବ୍।

# ଟ୍ରଏ କୁଲେ ଭାରତ-ଏ ବୋଲିଂ କୋଚ୍

ମୁମ୍ବାଇ,୨୫।୫(ସମିସ): ଅଷ୍ଟ୍ରେଲିଆର ପୂର୍ବତନ ଘରୋଇ କ୍ରିକେଟର ଟ୍ରଏ କୁଲେ ଭାରତ-ଏ ଦଳର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ଆଗାମୀ ଇଂଲଣ୍ଡ ଗସ୍ତରେ ଦାୟିତ୍ୱ ବହନ କରିବେ। ରବିବାର ଭାରତ-ଏ ଦଳ ଇଂଲଣ୍ଡରେ ପହଞ୍ଚିଛି। କୁଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ରେ ବୋଲିଂ କୋଚ୍ ରହିଛନ୍ତି। ସେ ମଧ୍ୟ ଇଂଲଣ୍ଡର ବୋଲିଂ କୋଚ୍ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୦୫ ଆଶେଶ୍‌ରେ ୨-୧ରେ ସିରିଜ ବିଜୟୀ ହୋଇଥିଲା। ୫୭ ବର୍ଷୀୟ କୁଲେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୨୨ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ମହିଳା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ହୃଷିକେଶ କାନିତକର ଭାରତ-ଏ ଦଳର ମୁଖ୍ୟ କୋଚ୍ ରହିଛନ୍ତି।



ଇଂଲଣ୍ଡ ଗସ୍ତରେ ଯାଇ ଲଣ୍ଡନରେ ପହଞ୍ଚିଥିବା ଭାରତ-ଏ କ୍ରିକେଟ ଦଳର ଖେଳାଳିମାନେ।


# ଓସିଏର ଅମ୍ପାୟାର ପଦୋନ୍ନତି ପରୀକ୍ଷା

କଟକ,୨୫।୫(ସମିସ): ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଅମ୍ପାୟାର ପଦୋନ୍ନତି ପରୀକ୍ଷା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଛି। ଏଥିରେ ଓସିଏର ୨୧ଜଣ ପ୍ୟାନେଲ ଅମ୍ପାୟାର ଅଂଶ ଗ୍ରହଣ କରିଥିଲେ। ବିସିସିଆଇର ବରିଷ୍ଠ ଅମ୍ପାୟାର ଅରୁଣ କୁମାର ବାସା ପରୀକ୍ଷା ପରିଚାଳନା କରିଥିଲେ। ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ଓସିଏ ନିରନ୍ତର କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଅମ୍ପାୟାରମାନଙ୍କ କୌଶଳ ବିକାଶ ପାଇଁ ଏଭଳି ପରୀକ୍ଷା ହୋଇଥିବା ନେଇ ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।




ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ


# ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର,୨୫।୫(ସମିସ)

ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ୮ଟି ପଦକ ହାସଲ କରିଛି। ଏହି ଇଭେଣ୍ଟରେ ୨୦ ଜଣ ଓଡ଼ିଆ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଖେଳାଳିମାନେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ସୋହିଲ ଗୁରୁଙ୍ଗ୍ ସୋଲୋ ଓ ଟେଣ୍ଡି ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଗାଣ୍ଡା ଓ ଉଭୟ ପୁରୁଷ ଓ ମହିଳା ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି। ଅନିନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ର ପ୍ରତାପ ଷଡଙ୍ଗୀ ରତ୍ନ ଗିଲ୍ କାଂସ୍ୟ ପଦକଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଖେଳାଳିମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଦାୟିତ୍ୱର ରେଫ୍ରିସିପ୍ କରିଥିବାରୁ ଇଣ୍ଡିଆ ଫେଡେରେସନ ତରଫରୁ ସମ୍ମାନିତ ହୋଇଥିଲେ। କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅନୁସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧିରଜ ପଟ୍ଟନାୟକଙ୍କ ସମେତ ସମାଜସେମୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପ-ସଭାପତି ମନୋରଞ୍ଜ ଭଞ୍ଜ, ଅରବିନ୍ଦ ନାୟକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏସୀୟ ଜୁ ଜିତ୍ସୁରେ ଅନୁପମାଙ୍କୁ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ ଭାରତ ପକ୍ଷରୁ ନବମ ଏସୀୟ ଜୁ ଜିତ୍ସୁରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୋର୍ଡାନ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ୫୨ କିଲୋଗ୍ରାମ୍ କାଟାଗୋରୀରେ କଣ୍ଟାକ୍ଟରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନୁପମା ଦ୍ୱିତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି।

୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍

କଟକ,୨୫।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବିର ମ୍ୟାଚ୍ ଶେଷ ହୋଇଛି। ଗ୍ରୁପ-ଏରୁ ଝାରସୁଗୁଡା ଏବଂ ଗ୍ରୁପ-ବିରୁ ଖୋର୍ଦ୍ଧା ଉଭୟ୧୬ ପଏଣ୍ଟ ଲେଖାଏ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ। ଗ୍ରୁପ-ସି ଏବଂ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଦଳ ପ୍ରତିଯୋଗିତାକୁ ଓହ୍ଲାଇବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଗ୍ରାଉଣ୍ଡ ସମେତ ଅଡଶପୁର, ଡ୍ରିମସ, ସନସାଇନ ଏବଂ ବିଡାନାସୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚସୂଚୀ ରହିଛି। ସୋମବାର କଟକ-ଏ ଏବଂ କେନ୍ଦୁଝର, ବାଲେଶ୍ୱର ଓ ଢେଙ୍କାନାଳ, ପୁରୀ ଓ କନ୍ଧମାଳ, ଭୁବନେଶ୍ୱର-ଏ ଓ ରାଉରକେଲା, ଗଞ୍ଜାମ ଓ ବରଗଡ, ନୂଆପଡା ଏବଂ ପୁରୀ ମଧ୍ୟରେ ମୁକାବିଲା ହେବ।

୩୮ତମ ଭୁବନେଶ୍ୱର ସ୍କୁଲ ଓପନ ଚେସ୍

# ସତ୍ୟମ୍ ଚାମ୍ପିଅନ, ପ୍ରୀତମ ରନର୍ସ ଅପ୍



ଭୁବନେଶ୍ୱର, ୨୫।୫ (ସମିସ): ସତ୍ୟମ ସ୍ୱରୂପ ସାହୁ ଓ ପ୍ରୀତମ ହୋତା ୩୮ତମ ଭୁବନେଶ୍ୱର ସ୍କୁଲ୍ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ୫ ରାଉଣ୍ଡରୁ ସର୍ବାଧିକ ୪.୫ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରୀତମ ୪ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। ଏମାନଙ୍କ ପଛକୁ ୫ମ ସ୍ଥାନ ଯାଏ ଥିବା ପ୍ରତିଯୋଗୀ ମଧ୍ୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିସ ନନ୍ଦ ଗୋସ୍ୱାମୀ, କଟକ ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର (ଆଜି) ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍କୁଲ୍‌ର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଟାଟା ଷ୍ଟିଲର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

■ ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ

## ଚିଲିକୁ ହରାଇଲା କିନଷ୍ଠ ଭାରତୀୟ ମହିଳା ଦଳ



ରୋସାରିଓ,୨୫।୫(ସମିସ): ଆର୍ଜେଣ୍ଟିନାର ରୋସାରିଓ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କନିଷ୍ଠ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତୀୟ ଦଳ ୨-୧ ଗୋଲରେ ଦକ୍ଷିଣ ଆମେରିକୀୟ ଦେଶ ଚିଲିକୁ ପରାସ୍ତ କରିଛି। ଭାରତ ପାଇଁ ଶୁଖବୀର କୌର ୩୯ତମ ଓ କନିକା ସିୱାଚ୍ ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଚିଲି ତରଫରୁ ଜାଭେରିଆ ସାଏଞ୍ଜ ବିଂଶତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଭାରତ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଭାରତ ଏବେ ତା'ର ଦ୍ୱିତୀୟ ମୁକାବିଲାରେ ସୋମବାର ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଉରୁଗୁଏକୁ ଭେଟିବ।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲ ହାରି ଶ୍ରୀକାନ୍ତ ରନର୍ସଅପ୍

କ୍ୱାଲାଲମ୍ପୁର,୨୫।୫(ସମିସ): ସ୍ଥାନୀୟ ଅକ୍ସିଆଟା ଏରିନାରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ଉପ- ବିଜେତା ହୋଇ ଅଭିଯାନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରୀକାନ୍ତ ୧୧-୨୧, ୯-୨୧ ସିଧାସଳଖ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗଠାରୁ ମାତ୍ର ୩୬ ମିନିଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ୩୨ ବର୍ଷୀୟ ଶ୍ରୀକାନ୍ତ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଇଣ୍ଡିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଶନିବାର ସେମିଫାଇନାଲରେ ସେ ଜାପାନର ବିଶ୍ୱର ୨୩ ନଂ ଖେଳାଳି ୟୁସି ତନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଶ୍ରୀକାନ୍ତ ଏବେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଥିଲେ।




**ଆଇପିଏଲ୍ ୧୮** | **ଦମ୍ ଦେଖାଇଲେ ଯୁବ ଖେଳାଳି**

# ଶେଷ ମ୍ୟାଚ୍ ଜିତି ଶେଷରେ ରହିଲା ଚେନ୍ନାଇ

ଅହମ୍ମଦାବାଦ, ୨୫।୫ (ଏଜେନ୍ସି):



ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮୩ ରନ୍‌ର ବୃହତ୍ ବ୍ୟବଧାନରେ ଟେବଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ ସର୍ବବୃହତ୍ ରନ୍ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଗୁଜରାଟ ୧୪ଟି ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ଅଭିଯାନ ଶେଷ କରିଛି। ଏହା ଫଳରେ ଦଳ ଏବେ ସୁଦ୍ଧା ୧୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପଞ୍ଜାବ କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଶେଷ ମ୍ୟାଚ୍ ଜିତିପାରିଲେ ଟେବଲର ଟପ୍ପର ହେବେ। ଅନ୍ୟ ପକ୍ଷରେ ୫ଥରର ଚାମ୍ପିଅନ ଓ ୫ ଥରର ରନର୍ସ ଅପ୍ ଚେନ୍ନାଇ ୧୪ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ୮ ପଏଣ୍ଟ ପାଇଛି। ରାଜସ୍ଥାନ ମଧ୍ୟ ୮ ପଏଣ୍ଟ ପାଇଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗ୍‌ସର ଖରାପ ନେଟ ରନ୍ ରେଟ୍ ଯୋଗୁଁ ୧୦ଟି ଦଳ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଥିରେ କି ଚେନ୍ନାଇ ପଏଣ୍ଟ ଟେବଲର ଶେଷ ସ୍ଥାନ ସହ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ମହେନ୍ଦ୍ର ସିଂ ଧୋନି ମଧ୍ୟ ଶାନ୍ତ୍ୱନାମୂଳକ ବିଜୟ ସହ ସିଜନ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୦ଥର ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ହାର ମାନି ନକରାତ୍ମକ ରେକର୍ଡ କରି ଚଳିତ ସିଜନ ଶେଷ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ୨୩ଟି ବଲ ଖେଳି ୪ ଚୌକା ଓ ୫ ଛକା ସହ ସର୍ବାଧିକ ୫୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକୀୟ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି।



**ଆଇପିଏଲ୍‌ରେ ଆଜି**
**ପଞ୍ଜାବ ବନାମ ମୁମ୍ବାଇ**
ଜୟପୁର/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

### ନୁର, ଅଂଶୁଲଙ୍କ ଚମତ୍କାର ବୋଲିଂ

ଦୁଇ ବିଦେଶୀ ଖେଳାଳି ଡେଭନ କନୱେ (୫୨) ଓ ଡିୱାଲ୍ଡ ବ୍ରେଭିସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ୨୩୦ ରନ୍ କରିଥିଲା। ଚଳିତ ସିଜନରେ ଦଳର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲା। ଜବାବରେ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ପ୍ରତିପକ୍ଷ ନୁର ଅହମ୍ମଦ୍ ଓ ଅଂଶୁଲ କାମ୍ବୋଜଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୯ଟି ବଲ୍ ବାକିଥାଇ ୧୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରଥମଥର ଲାଗି ଦଳର ୩ଜଣ ଯାକ ଟପ୍ ଅର୍ଡର ବ୍ୟାଟର ଅଧିନାୟକ ଶୁବମନ ଗିଲ୍ (୧୩), ଜୋଶ ବଟ୍ଲର (୫) ଓ ସାଇ ସୁଦର୍ଶନ (୪୧) ବ୍ୟାଟିଂରେ ଫେଲ ମାରିଥିଲେ। ସୁଦର୍ଶନ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ମଧ୍ୟ ଦଳକୁ ସେ ନକରାତ୍ମକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ଚେନ୍ନାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ଶାହରୁଖ ଖାନ୍ (୧୯), ରାହୁଲ ତେୱାତିଆ (୧୪), ରାଶିଦ୍ ଖାନ୍ (୧୨) ଓ ଅଲରାଉଣ୍ଡର ଜେରାଲ୍ଡ କୋଏଜି (୫) ରନ୍ କରି ବିଫଳ ହୋଇଥିଲେ। ପୂର୍ବରୁ ଏମାନେ କିଛି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମିଳିତ ଭାବେ ଫେଲ୍ ମାରିଥିଲେ। ଚେନ୍ନାଇ ପକ୍ଷରୁ ଆଫଗାନ ସ୍ପିନର ଓ ହରିୟାଣାର ପେସ୍ ବୋଲର ଅଂଶୁଲ କାମ୍ବୋଜ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଏହା ଫଳରେ ନୁରଙ୍କ ୱିକେଟ ସଂଖ୍ୟା ଚଳିତ ସିଜନରେ ୨୪ରେ ପହଞ୍ଚିଛି। ଆଇପିଏଲ୍-୨୦୨୫ରେ ମଧ୍ୟ ସେ ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି।



### କନ୍‌ୱେ, ବ୍ରେଭିସ୍‌ଙ୍କ ଅର୍ଦ୍ଧଶତକ

ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚଳିତ ସିଜନରେ ବଦଳ ଖେଳାଳି ରୂପେ ଖେଳିଥିବା ଯୁବ ଓପନର କରିଥିବା ଆୟୁଷ ମହାତ୍ରେ ୧୭ ବଲ୍‌ରେ ୩୪ ରନ୍, ଉର୍ଭିଲ ପଟେଲ ୧୯ ବଲ୍‌ରେ ୧୯ ବଲ୍‌ରେ ୩୭ ଓ ବ୍ରେଭିସ୍ ୨୩ ବଲ୍‌ରେ ୫୭ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ୩ ବରିଷ୍ଠ ଖେଳାଳି ଡେଭନ କନୱେ ୩୫ ବଲ୍‌ରେ ୫୨, ଶିବମ ଦୁବେ ୮ ବଲ୍‌ରୁ ୧୭ ଓ ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ଅପରାଜିତ ୨୧ ରନ୍ କରିବା ଫଳରେ ଦଳ ୮/୨୩୦ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଚେନ୍ନାଇ ସୁପର କିଙ୍ଗ୍‌ସ : ୨୩୦/୫, ୨୦ ଓଭର** (ଡିୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨)।

**ଗୁଜରାଟ ଟାଇଟନ୍ସ : ୧୪୭/୧୦, ୧୮.୩ ଓଭର** (ସାଇ ସୁଦର୍ଶନ-୪୧, ଅର୍ଶାଦ୍ ଖାନ୍-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମ୍ମଦ୍-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

**ଆମେର୍ସଫୁଟ୍‌ରୁ ଜେନିଭା ପର୍ଯ୍ୟନ୍ତ**

# ଟାଇଟଲ ହାସଲରେ ବିରଳ ଶତକ



ସର୍ବିଆର ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଖେଳ ଜାରି ରଖିଥିଲେ ମଧ୍ୟ କିଂବଦନ୍ତୀ ଆଖ୍ୟା ଅର୍ଜନ କରିସାରିଛନ୍ତି। ଓପନ୍ ଏରାରେ ସେ ଆଉ ଏକ ବଡ଼ ଉପଲବ୍ଧୀ ହାସଲ କରି ବିଶ୍ୱ ଟେନିସରେ ନିଜର ପ୍ରଭୁତ୍ୱ ଜାହିର କରିଛନ୍ତି। ଜେନିଭା ଓପନ୍ ଏଟିପି ଟୁର ୨୫୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ସେ କ୍ୟାରିଅରର ୧୦୦ତମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ଫାଇନାଲ ମୁକାବିଲାରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ସେ ପୋଲାଣ୍ଡ ହୁବର୍ଟ ହୁରକାଜଙ୍କୁ ୫-୭, ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଟେନିସରେ ୧୯୬୮ରେ ଓପନ୍ ଏରାର ପ୍ରାରମ୍ଭ ହୋଇଥିଲା। ଏହାପରେ ସବୁ ଖେଳାଳିଙ୍କୁ ଆମେଚର ଓ ପେସାଦାର ଟେନିଟର ୪ଟି ଗ୍ରାଣ୍ଡସ୍ଲାମରେ ଭାଗ ନେବାକୁ ଅନୁମତି ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ଲମ୍ବା ଯାତ୍ରା ନେଦରଲାଣ୍ଡସର ଆମେରର୍ସଫର୍ଟରୁ ଆରମ୍ଭ ହୋଇ ଏବେ ଜେନିଭାରେ ପହଚିଛି। ଅର୍ଥାତ ୨୦୦୬ରେ ଆମେର୍ସଫୁଟ୍‌ରେ ହିଁ ସେ ନିଜ କ୍ୟାରିଅରର ପ୍ରଥମ ଏଟିପି ଟୁର ଟାଇଟଲ ହାସଲ କରିଥିଲେ ଓ ଇତିମଧ୍ୟରେ ୧୯ ବର୍ଷ ବିତି ଯାଇଛି। ଗତ ଗୁରୁବାର ଜୋକୋଭିଚ୍ ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଶେଷରେ ତାଙ୍କର ଏହି ୧୦୦ତମ ଟାଇଟଲ ସ୍ୱପ୍ନ ସାକାର ହୋଇଛି। ଗତ ମାଦ୍ରିଦ୍ ଓପନ୍‌ରେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ନିଜ କୋଚ୍ ବ୍ରିଟେନର ଆଣ୍ଡି ମୁରେଙ୍କଠାରୁ ସମ୍ପର୍କ ଛିନ୍ନ କରିଥିଲେ।

**୧୦୦ କ୍ଲବରେ ୭ ଖେଳାଳି**

ତାଙ୍କ ପୂର୍ବରୁ କେବଳ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଓ ଆମେରିକାର ଜିମ୍ମି କର୍ଣ୍ଣର୍ସ ୧୦୯ ଟାଇଟଲ ହାସଲ କରି ଏହି ଏଲିଟ କ୍ଲବରେ ସ୍ଥାନ ପାଇଥିଲେ। ଏକଦା ଫେଡରର ମଧ୍ୟ ଜୋକୋଭିଚ୍‌ଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅନପଟେ ମହିଳା ବିଭାଗରେ ମାର୍ଟିନ ନାଭ୍ରାତିଲୋଭା ୧୬୭, କ୍ରିସ୍ ଏଭେର୍ଟ ୧୫୭ ଓ ଜର୍ମାନୀ ଷ୍ଟେଫି ଗ୍ରାଫ୍ ୧୦୭ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଏହି ୧୦୦ କ୍ଲବରେ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ଟେନିସକୁ ବିଚାର କଲେ ମୋଟ୍ ୭ ଜଣ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟାଇଟଲ ଜିତି ଏହି ହଣ୍ଡ୍ରେଡ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି।

### ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତିବାରେ ପ୍ରଥମ

ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ଭାବେ ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିରେ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ବିଶ୍ୱର ପ୍ରାୟ ସବୁ ଟୁର୍ଣ୍ଣାମେନଟ୍‌ରେ ଟାଇଟଲ ଜିତିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ

ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ ମଧ୍ୟ ଜୋକୋଭିଚ୍ ଅଲିମ୍ପିକ୍ସରେ ସଫଳତା ପାଇ ନଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଏକକରେ କାଂସ୍ୟ ପଦକ ହାସଲ କରିଥିଲେ ମଧ୍ୟ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ ଓ ଏ ନେଇ ତାଙ୍କର ଏକ ବଡ଼ ଅବଶୋସ ରହିଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଏକକ ଫାଇନାଲରେ ସ୍ପେନ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

### ୨୫ତମ ଗ୍ରାଣ୍ଡସ୍ଲାମ ପାଇଁ ଫ୍ରେଞ୍ଚ୍ ଓପନ୍

୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ ଆଉ ଗୋଟିଏ ଟାଇଟଲ ହାସଲ କଲେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିବେ। ସେ ପୁରୁଷ ବିଭାଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତେବେ ଅଷ୍ଟ୍ରେଲିଆ ମହିଳା କିଂବଦନ୍ତୀ ମାର୍ଗାରେଟ୍ କୋଟ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତେଣୁ ଆଉ ଗୋଟିଏ ଟାଇଟଲ ଜିତିଥିଲେ ସେ କୋର୍ଟଙ୍କୁ ପଛରେ ପକାଇ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବେ। ସୋମବାର ସେ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଭେଟି ଅଭିଯାନ ଆରମ୍ଭ କରିବେ।

**ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି**

| ଖେଳାଳି | ଦେଶ | ସଂଖ୍ୟା |
|---|---|---|
| ଜିମ୍ମି କର୍ଣ୍ଣର | ଆମେରିକା | ୧୦୯ |
| ରୋଜର ଫେଡରର | ସ୍ୱିଜରଲାଣ୍ଡ | ୧୦୩ |
| ନୋଭାକ ଜୋକୋଭିଚ୍ | ସର୍ବିଆ | ୧୦୦* |
| ଇଭାନ ଲେଣ୍ଡଲ | ଚେକ ଗଣରାଜ୍ୟ | ୯୪ |
| ରାଫେଲ ନାଦାଲ | ସ୍ପେନ୍ | ୯୨ |

**ଜୋକୋଭିଚ୍‌ଙ୍କ ୧୦୦ଟି ଟାଇଟଲ**

| | |
|---|---|
| ଗ୍ରାଣ୍ଡସ୍ଲାମ | ୨୪ |
| ଏଟିପି ଫାଇନାଲ୍ସ | ୭ |
| ଏଟିପି ୧୦୦୦ ମାଷ୍ଟର୍ସ | ୪୦ |
| ଏଟିପି ୫୦୦ | ୧୫ |
| ଏଟିପି ୨୫୦ | ୧୩ |
| ଅଲିମ୍ପିକ୍ସ | ୧ |

# ରାମଲାଲାଙ୍କୁ ଦର୍ଶନ କଲେ ବୀରୁସ୍କା



ଅଯୋଧ୍ୟା,୨୫।୫(ସମିସ): ଟେଷ୍ଟରୁ କିଛିଦିନ ତଳେ ଅବସର ଘୋଷଣା କରିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଅଯୋଧ୍ୟା ଗସ୍ତ କରି ରାମଲାଲାଙ୍କ ଦର୍ଶନ କରିଛନ୍ତି। ରବିବାର ସକାଳ ୭ଟାରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ। କିନ୍ତୁ ରାମ ମନ୍ଦିରରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିନାହିଁ। ରାମଲାଲାଙ୍କୁ ଦର୍ଶନ କରିବା ପରେ ଦୁହେଁ ହନୁମାନ ଗଡିରେ ପହଞ୍ଚିଥିଲେ। କୋହଲି ୧ କେଜି ୨୫ ଗ୍ରାମ୍‌ର ଲଡୁ ଓ ଫୁଲ ଚଢ଼ାଇଥିଲେ। ପୁଜାରୀ ତାଙ୍କୁ ଧଳା ରଙ୍ଗର ଫୁଲମାଳା ପିନ୍ଧାଇବା ସହ ଆଶୀର୍ବାଦ ଦେଇଥିଲେ। ସେହିପରି ଅନୁଷ୍କାଙ୍କୁ ପୂଜାରୀ ହଳଦିଆ ରଙ୍ଗର ମାଳା ପିନ୍ଧିବାକୁ ଦେଇଥିଲେ। ଅନୁଷ୍କାଙ୍କ ହାତଧରି କୋହଲି ମନ୍ଦିର ପରିକ୍ରମା କରିଥିଲେ। ଦୁହେଁ ସେଠାରେ ୨୦ ମିନିଟ୍ ରହିଥିଲେ। ହନୁମାନ ଗଡିରେ ମହନ୍ତ ହନୁମାନଙ୍କ ପ୍ରତୀମା ଉପହାର ପ୍ରଦାନ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟରୁ ସନ୍ୟାସ ନେବା ପରେ କୋହଲି ଓ ଅନୁଷ୍କା ବୃନ୍ଦାବନରେ ଯାଇ ସେଠାରେ ପ୍ରେମାନନ୍ଦ ଜୀ ମହରାଜଙ୍କୁ ସାକ୍ଷାତ କରିଥିଲେ। ପ୍ରେମାନନ୍ଦ ଜୀଙ୍କ ଆଶ୍ରମରେ ଦୁହେଁ ୨ ଘଣ୍ଟା ୨୦ ମିନିଟ୍ ସମୟ ବିତାଇଥିଲେ। ମେ ୧୨ ତାରିଖରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେହିପରି ଟି-୨୦ ବିଶ୍ୱକପ୍ ବିଜୟ ପରେ ସେ ଓ ରୋହିତ ଶର୍ମା କ୍ରିକେଟର ଏହି ଛୋଟ ଫର୍ମାଟ୍‌ରୁ ଅବସର ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS